ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୫୦
୧୭ ଫେବୃଆରୀ, ୨୦୨୬ ମଙ୍ଗଳବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

8 Pages
Price ₹ 5.00
Vol. 20, Issue No. : 250
17th February, 2026 Tuesday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଧନଞ୍ଜୟେ ହାଟକସଂପରୀକ୍ଷା ମହାରଣେ ଶସ୍ତ୍ରଭୃତାଂ ପରୀକ୍ଷା
ବିପତ୍ତିକାଳେ ଗୃହିଣୀ ପରୀକ୍ଷା ବିଦ୍ୟାବତାଂ ଭାଗବତେ ପରୀକ୍ଷା**

ଅଗ୍ନିରେ ସୁବର୍ଣ୍ଣର, ଯୁଦ୍ଧରେ ଶସ୍ତ୍ରଧାରୀମାନଙ୍କର, ବିପତ୍ତି ସମୟରେ ଗୃହିଣୀର ଓ ଭାଗବତରେ ବିଦ୍ୱାନ୍‌ମାନଙ୍କର ପରୀକ୍ଷା ହୁଏ ।

## ପରଲୋକରେ ପୂର୍ବତନ ବିଧାୟିକା ରାସେଶ୍ୱରୀ

**ସମ୍ବଲପୁର/ଭୁବନେଶ୍ୱର,୧୬।୨: ଏକ୍ସପ୍ରେସ୍ ନ୍ୟୁଜ୍**

ପଶ୍ଚିମ ଓଡିଶାର ଜଣାଶୁଣା ଡାକ୍ତର, ସମାଜସେବୀ ଓ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଆଜି ରାତି ୮ଟା ୫୦ମିନିଟରେ ସମ୍ବଲପୁର ଶାନ୍ତିନଗରସ୍ଥିତ ନିଜ ଘରେ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି ।



ସୂଚନାଯୋଗ୍ୟ, ଡା. ରାସେଶ୍ୱରୀ ପାଣିଗ୍ରାହୀ ପଶ୍ଚିମ ଓଡ଼ିଶାର ଗାଁରୁ ସହର ପର୍ଯ୍ୟନ୍ତ ଜଣେ ସୁନାମଧନ୍ୟ ଡାକ୍ତର ଭାବେ ପରିଚିତ ଥିଲେ । ସେ ଡାକ୍ତରୀ ପେଶା ସହିତ ସମାଜସେବା ଥିଲା ତାଙ୍କର ଅନ୍ୟତମ ବ୍ରତ । ଏକ ଟ୍ରଷ୍ଟ ମାଧ୍ୟମରେ ସେ ସାଧାରଣ ଜନତାଙ୍କର ସେବା କରୁଥିଲେ । ତାଙ୍କର ଏହି ସେବା ମନୋବୃତ୍ତି ପାଇଁ ବିଜୁ ଜନତା ଦଳ (ବିଜେଡି) ୨୦୧୪ ସାଧାରଣ ନିର୍ବାଚନରେ ସମ୍ବଲପୁର ବିଧାନସଭାରୁ ଟିକେଟ୍ ଦେଇଥିଲା । ରାସେଶ୍ୱରୀ ପାଣିଗ୍ରାହୀ ସେହି ନିର୍ବାଚନରେ ବିଜୟୀ ହୋଇ ବିଧାନସଭାର ସଦସ୍ୟ ହୋଇପାରିଥିଲେ । ଏଥି ସହିତ ସେ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଥମଥର ବିଜେଡିରୁ ବିଧାୟକ *(ଶେଷ ପୃଷ୍ଠା ଦେଖନ୍ତୁ)*

### ହାଇକୋର୍ଟଙ୍କ ଛାଟ ପରେ

## ଖୁବ୍‌ଶୀଘ୍ର ରତ୍ନଭଣ୍ଡାର ଗଣତି ମଣତି

**ଭୁବନେଶ୍ୱର,୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ହାଇକୋର୍ଟଙ୍କ ଛାଟ ପରେ ତତ୍ପର ହୋଇ ଉଠିଛନ୍ତି ରାଜ୍ୟ ସରକାର । ହାଇକୋର୍ଟଙ୍କ ସମୟସୀମା ନିର୍ଦ୍ଧାରଣ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନା ଅଳଙ୍କାର ଓ ମୋତିମାଣିକ୍ୟର ଖୁବ୍‌ଶୀଘ୍ର ଗଣତି-ମଣତି ଆରମ୍ଭ ହେବ ବୋଲି ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରୁ ଜଣାଯାଇଛି । ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖିଥିଲେ । ସୂଚନାଯୋଗ୍ୟ ଯେ, ଗଣତି-ମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଛି । ବାହାର ଓ ଭିତର ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଇତିମଧ୍ୟରେ ସରିଛି । ସମଗ୍ର ପ୍ରକ୍ରିୟା ୯୫ ଦିନରେ ଓ ୩୩୩ ଘଣ୍ଟାର କାମରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଛି । ବର୍ତ୍ତମାନ ଗଣତି-ମଣତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।

ବୈଠକର ଆଲୋଚନାରୁ ଜଣାଯାଇଛି ଯେ,



ଗଣତି-ମଣତି ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଏସ୍‌ଓପି ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ କରାଯାଇଛି । ସରକାରଙ୍କ ଅନୁମୋଦନ ପରେ ଏହା ଆରମ୍ଭ କରାଯିବ । କଡା ସୁରକ୍ଷା ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ । ଶେଷ ଗଣତି-ମଣତି ପ୍ରକ୍ରିୟା ୧୯୭୮ରେ ହୋଇଥିଲା । ତେଣୁ ବର୍ତ୍ତମାନର ପ୍ରକ୍ରିୟାରେ ସମ୍ପତ୍ତିର ଗଣତି ସମୟରେ ଏହାକୁ ୧୯୭୮ର ତାଲିକା ସହିତ ମେଳକ କରାଯାଇ ଚୁଡାନ୍ତ ତାଲିକା ପ୍ରସ୍ତୁତ କରାଯିବ । ସମ୍ପୂର୍ଣ୍ଣ ପ୍ରକ୍ରିୟାର ଫଟୋଗ୍ରାଫି ସହିତ ଡିଜିଟାଲ୍ କାଟାଲଗ୍ ପ୍ରସ୍ତୁତ କରାଯିବ ବୋଲି ବୈଠକରୁ ଜଣାଯାଇଛି ।

ବୈଠକରେ ଚଳିତ ବର୍ଷର ରଥଯାତ୍ରାର ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । *(ଶେଷ ପୃଷ୍ଠା ଦେଖନ୍ତୁ)*

## ଆଜିଠୁ ବଜେଟ୍ ଅଧିବେଶନ

**ଭୁବନେଶ୍ୱର,୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ବଜେଟ୍ ଅଧିବେଶନ । ୨୯ ଦିନ ଧରି ଚାଲିବ ଏହି ବଜେଟ୍ ସେସନ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୦ ତାରିଖରେ ଗୃହରେ ବଜେଟ୍ ଉପସ୍ଥାପନ କରିବେ । ସେପଟେ ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସଂଗ ଧରି ପ୍ରସ୍ତୁତ ହୋଇରହିଛନ୍ତି । ଏଥର ବଜେଟ୍ ଅଧିବେଶନରେ ବହିବ ଧାନ ମଣ୍ଡି ଝଡ । ଗୃହରେ ଉଛୁଳିବ ମହାନଦୀ ଜଳ । ମୋଟରଯାନ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) କଟକଣାରୁ ନେଇ ଆଇନଶୃଙ୍ଖଳା ଓ ଏସଆଇଆର୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଂଗରେ ସରକାରଙ୍କୁ ହରଡ଼ ଘଣାରେ ପକାଇବାକୁ ପ୍ରୟାସ କରିବେ ବିରେଧୀ ବିଜେଡି ଓ କଂଗ୍ରେସ । ଗୋଟିଗୋଟି କରି ଜବାବ ମାଗି ଘେରିବେ । ସେପଟେ ବିରୋଧୀଙ୍କୁ ଚେକ୍ ଦେବାକୁ ରଣନୀତି ପ୍ରସ୍ତୁତ କରୁଛି ଶାସକ ବିଜେପି ।

ଏହାଛଡ଼ା ବଜେଟ୍ ଅଧିବେଶନକୁ ସୁରୁଖୁରୁ ଚଳାଇବା ପାଇଁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକି ସବୁ ଦଳର ସହାଯୋଗ ଲୋଡ଼ିଛନ୍ତି । ଏହି



ମିଟିଂରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ । ସେହିପରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ସାମିଲ ହୋଇଥିଲେ । ଗୃହ କିପରି ଶାନ୍ତି ଶୃଙ୍ଖଳାରେ ଚାଲିବ ଏହା ଉପରେ ଆଲୋଚନା କରିଛନ୍ତି ବିଧାନସଭା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

ଅନ୍ୟପଟେ ବଜେଟ୍ ଅଧିବେଶନ ପୂର୍ବରୁ ବିଧାନସଭା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ବିଧାନସଭା ଭିତରେ ଓ ବାହାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିବ । ଡଗ୍ ସ୍କ୍ୱାର୍ଡ, ବମ୍ ସ୍କ୍ୱାର୍ଡ, ସ୍ନେକ୍ ହେଲ୍ପଲାଇନ, ଅଗ୍ନିଶମ ବିଭାଗ ବିଧାନସଭା ଭିତରେ ଓ ବାହାରେ ନିୟୋଜିତ କରାଯିବ । ୨୦ ପ୍ଲାଟୁନ୍ ପୁଲିସ ଫୋର୍ସ ବିଧାନସଭା ଚତୁଃପାର୍ଶ୍ୱକୁ ଘେରି ରହିବେ । ସିସିଟିଭି କ୍ୟାମେରା ସର୍ଭିଲାନ୍ସରେ ରହିବ ପୂରା ଅଞ୍ଚଳ । ଏନେଇ ବିଧାନସଭା ସାମ୍ନାରେ ୫ଟି ଅସ୍ଥାୟୀ ପୁଲିସ କ୍ୟାମ୍ପ୍ ହାଉସ୍ ନିର୍ମାଣ କରାଯାଇଛି । ବଜେଟ୍ ଅଧିବେଶନ ପାଇଁ ଗୋଟିଏ ଅସ୍ଥାୟୀ ପୁଲିସ କଣ୍ଟ୍ରୋଲ ରୁମ ତିଆରି କରାଯାଇଛି ।

ସେହିଭଳି ବିଧାନସଭା ଚାଲିବା ସମୟରେ ଯେଉଁ ସଂଗଠନ ଧାରଣା ସ୍ଥଳକୁ ଆସିବେ ସେଥିପାଇଁ କଡା ସୁରକ୍ଷା ବ୍ୟବସ୍ଥା ହୋଇଛି । ଗାନ୍ଧିମାର୍ଗକୁ ଏଆଇ କ୍ୟାମେରା ସର୍ଭିଲାନ୍ସରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସିବିଏସ୍‌ଇ ପରୀକ୍ଷା ଲାଗି ଗାଇଡ୍ ଲାଇନ୍ ୧୦ଟା ପରେ ଗେଟ୍ ବନ୍ଦ

**ନୂଆଦିଲ୍ଲୀ,୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବୋର୍ଡ ପରୀକ୍ଷା ମଙ୍ଗଳବାରରୁ ଆରମ୍ଭ ହେବ । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ଉଭୟ ଶ୍ରେଣୀର ମୋଟ ୪୬ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଏହି ସବୁ ଛାତ୍ରଛାତ୍ରୀଙ୍କ ପାଇଁ କିଛି ମାର୍ଗଦର୍ଶିକା ଜାରି କରାଯାଇଛି ।

ସିବିଏସଇ ବୋର୍ଡ ପରୀକ୍ଷା ସକାଳ ୧୦ଟା ୩୦ ମିନିଟରୁ ଆରମ୍ଭ ହେବ । କିନ୍ତୁ ବୋର୍ଡ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କେନ୍ଦ୍ରକୁ ୧୦ ସୁଦ୍ଧା ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପରୀକ୍ଷା କେନ୍ଦ୍ରରେ ସକାଳ ୧୦ଟା ଯାଏ ହିଁ ଏଣ୍ଟ୍ରି ମିଳିବ, ଏହା ପରେ ଗେଟ୍ ବନ୍ଦ କରିଦିଆଯିବ । ତେଣୁ ପରୀକ୍ଷାର୍ଥୀମାନଙ୍କୁ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ହେବ ।

ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ପ୍ରବେଶ ପତ୍ର ସହ ପରୀକ୍ଷା କେନ୍ଦ୍ରକୁ ଆସିବେ । ବିନା ଆଡମିଟ୍ କାର୍ଡରେ ଆପଣଙ୍କୁ ପରୀକ୍ଷା ହଲରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ । ଏହି କ୍ଷେତ୍ରରେ ସଂପୃକ୍ତ ପରୀକ୍ଷାର୍ଥୀ ପରୀକ୍ଷା ଦେବାରୁ ଅଯୋଗ୍ୟ ଘୋଷିତ ହୋଇପାରନ୍ତି ।


ରେଗୁଲାର୍ ମୋଡ୍ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ସ୍କୁଲ ୟୁନିଫର୍ମ ପିନ୍ଧି ଯିବାକୁ ପରାମର୍ଶ ଦିଆଯାଇଛି । ଅନ୍ୟ ମୋଡ୍ ଛାତ୍ରଛାତ୍ରୀମାନେ ସାଦା ସାର୍ଟ, ଟି-ସାର୍ଟ ଏବଂ ସାଦା *(ଶେଷ ପୃଷ୍ଠା ଦେଖନ୍ତୁ)*

## ଟୋଲ୍ ଟ୍ୟାକ୍ସ ବଢ଼ାଇବାକୁ କେନ୍ଦ୍ରର ଯୋଜନା

**ନୂଆଦିଲ୍ଲୀ,୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତରେ ଆଗକୁ ବଢିପାରେ ଟୋଲ୍ ଟ୍ୟାକ୍ସ । ଦେଶରେ ଏକ୍ସପ୍ରେସ-ୱେ ଏବଂ ହାଇ-ସ୍ପିଡ୍ ରୋଡ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି । ଗତ ଏକ ଦଶନ୍ଧି ଧରି ରାଜପଥ ନିର୍ମାଣ କ୍ଷେତ୍ରରୁ ଦୂରେଇ ରହିଥିବା ଘରୋଇ ପୁଞ୍ଜିନିବେଶକାରୀଙ୍କୁ ପୁଣିଥରେ ଆକୃଷ୍ଟ କରିବା ପାଇଁ ସରକାର ନୂଆ ନିୟମ ପ୍ରଣୟନ କରୁଛନ୍ତି । ଏହି ପଦକ୍ଷେପ ଦ୍ୱାରା ଆଗାମୀ ଦିନରେ ଟୋଲ୍ ଟ୍ୟାକ୍ସ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ଘରୋଇ କ୍ଷେତ୍ର ମାଧ୍ୟମରେ ୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ହାଇୱେ ନିର୍ମାଣରେ



ଘରୋଇ ନିବେଶ ମାତ୍ର କିଛି ପ୍ରତିଶତ ରହିଥିବା ବେଳେ, ଆସନ୍ତା ବର୍ଷ ସୁଦ୍ଧା ଏହାକୁ ୨୫% କୁ ବୃଦ୍ଧି କରିବାକୁ ମୋଦି ସରକାର ଲକ୍ଷ୍ୟ ରଖିଛନ୍ତି ।

ପୂର୍ବରୁ ପ୍ରଚଳିତ ନିର୍ମାଣ-ପରିଚାଳନା-ସ୍ଥାନାନ୍ତର (ବିଓଟି-ଟୋଲ୍) ମଡେଲକୁ ପୁଣିଥରେ ସକ୍ରିୟ କରାଯାଉଛି । ଯେଉଁଠାରେ ନିବେଶକାରୀମାନେ ଟୋଲ୍ ସଂଗ୍ରହ ମାଧ୍ୟମରେ ନିଜର ଖର୍ଚ୍ଚ ଭରଣା କରିପାରିବେ । ପୂର୍ବରୁ ବ୍ୟୁରୋକ୍ରାଟିକ୍ ବିଳମ୍ବ ଏବଂ ରାଜସ୍ୱ ହାନି ଭୟରେ ପୁଞ୍ଜିନିବେଶକାରୀମାନେ ପଛଘୁଞ୍ଚା ଦେଉଥିଲେ । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଅର୍ଥମନ୍ତ୍ରୀ *(ଶେଷ ପୃଷ୍ଠା ଦେଖନ୍ତୁ)*


## ୮ରେ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମହିଳାଙ୍କ ପାଇଁ ଖୁସି ଖବର । ମାର୍ଚ୍ଚ ୮ରେ ମିଳିବ ସୁଭଦ୍ରା ଟଙ୍କା । ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଏହି ଟଙ୍କା । ଆନ୍ତର୍ଜାତିକ ମହିଳା ଦିବସରେ ମହିଳା ପାଇବେ ୫ ହଜାର ଟଙ୍କା । ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରାର ୪ର୍ଥ କିସ୍ତି । ୧ କୋଟିରୁ ଅଧିକ ମହିଳାଙ୍କ ଆକାଉଣ୍ଟକୁ ଯିବ ମୋଟ ୫ ହଜାର କୋଟି ଟଙ୍କା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ନେଇ ସୂଚନା ଦେଇଛନ୍ତି ।

ଏହା ପୂର୍ବରୁ ସୁଭଦ୍ରା ଯୋଜନାରେ ହିତାଧିକାରୀମାନେ ୩ଟି କିସ୍ତିରେ ମୋଟ ୧୫ ହଜାର ଟଙ୍କା ସହାୟତା ରାଶି ପାଇଛନ୍ତି । ସୁଭଦ୍ରା ଯୋଜନାରେ ପ୍ରତିବର୍ଷ *(ଶେଷ ପୃଷ୍ଠା ଦେଖନ୍ତୁ)*

## ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ: ୮ ମୃତ



**ଭିୱାଡି,୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜସ୍ଥାନର ଭିୱାଡିରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ରିପୋର୍ଟ ଅନୁସାରେ, ଭିୱାଡିର ଏକ ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ ଘଟିବାରୁ ଏଯାବତ ୮ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି, କିନ୍ତୁ ଦୁଇଜଣ ଶ୍ରମିକ ଏବେ ବି ଭିତରେ ଫସି ରହିଛନ୍ତି । ଘଟଣା ସମୟରେ କାରଖାନାରେ ପ୍ରାୟ ୨୫ ଜଣ ଶ୍ରମିକ କାମ କରୁଥିଲେ । ସୋମବାର ସକାଳ ପ୍ରାୟ ୯:୩୦ ସମୟରେ ଖୁଶଖେଡା କରାଉଲି ଶିଳ୍ପାଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା ।

ରିପୋର୍ଟ ଅନୁଯାୟୀ କାରଖାନାଟି କିଛି ମାସ ଧରି ବନ୍ଦ ଥିଲା । ସେଥିରେ କାର୍ଡବୋର୍ଡର ବହୁ ପରିମାଣର ଗଚ୍ଛିତ ଥିଲା । ଘଟଣାସ୍ଥଳରେ ଥିବା ଶ୍ରମିକମାନେ କାରଖାନା ଭିତରେ ତିନିରୁ ଚାରୋଟି ଜୋରଦାର ବିସ୍ଫୋରଣ ଶୁଣିବା ସହ ନିଆଁ ଲାଗିବା ସୂଚନା ଦେଇଥିଲେ । ବିସ୍ଫୋରଣ ଓ ଅଗ୍ନିକାଣ୍ଡର ସଠିକ୍ କାରଣ ବର୍ତ୍ତମାନ ଅସ୍ପଷ୍ଟ । ଏହାର ତଦନ୍ତ ଜାରି ରହିଛି । ବାହାରକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

### ହଜାର ହଜାର ସଂଖ୍ୟାରେ ମହିଳା ବିଜେଡ଼ି କର୍ମୀଙ୍କ ଖୋଲା ଆହ୍ୱାନ

## ବିଧାୟକଙ୍କ ନିଲମ୍ବନ ପ୍ରତ୍ୟାହାର କର, ନହେଲେ ଦଳ ସହ ସଂପର୍କ ତୁଟାଇବୁ

**ପାଟକୁରା,୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ଜାନୁୟାରୀ ୧୫ତାରିଖରେ ଦଳବିରୋଧି କାର୍ଯ୍ୟ ଅଭିଯୋଗରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ କରିଥିଲେ । ନିଲମ୍ବନକୁ ନେଇ ବିଧାୟକଙ୍କ ସମର୍ଥକ ହଜାର ହଜାର ସମର୍ଥକ ଏବଂ କର୍ମୀ ପଟକୁରାରୁ ରାଜଧାନୀ ପର୍ଯ୍ୟନ୍ତ ନିଲମ୍ବନ ପ୍ରତ୍ୟାହାର ଦାବିକରି ଆସୁଥିବାବେଳେ ମାସକ ପରେ ବି ଦଳପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଅନ୍ୟପକ୍ଷରେ ଦଳ ବିଧାୟକଙ୍କୁ ବାଦ୍ ଦେଇ ଡ଼େରାବିଶର



ପଲେଇଠାରେ ଏକ କର୍ମୀ ସମାବେଶର ଆୟୋଜନ କରିଥିଲା । ଏହାକୁ ପ୍ରକୃତ ଦଳୀୟ କର୍ମୀମାନେ ସହଜରେ ହଜମ କରି ପାରୁନଥିବା ଦେଖିବାକୁ ମିଳିଛି । ଆଜି ହଜାର ହଜାର ସଂଖ୍ୟାରେ ଦଳର ମହିଳା କର୍ମୀ ଗରଦପୁର *(ଶେଷ ପୃଷ୍ଠା ଦେଖନ୍ତୁ)*

### ନବୀନ ବାବୁଙ୍କୁ କିଛି ପଚାରିବାର ନାହିଁ

ନିଲମ୍ବନ ଓ ପରବର୍ତ୍ତୀ ରାଜନୀତିକୁ ନେଇ ପୁଣି ଥରେ ମୁହଁ ଖୋଲିଛନ୍ତି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର । ନିଲମ୍ବନ ନେଇ ବିଜେଡି ସୁପ୍ରିମୋ ନବୀନବାବୁଙ୍କଠାରୁ କୌଣସି ଉତ୍ତରର ଆବଶ୍ୟକତା ନାହିଁ ବୋଲି ଅରବିନ୍ଦ ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଯେଉଁ କାରଣକୁ ନେଇ ତାଙ୍କୁ ନିଲମ୍ବନ କରାଯାଇଛି ସେ କାରଣର କୌଣସି ସତ୍ୟତା କେହି ରଖି ପାରୁନାହାଁନ୍ତି । *(ଶେଷ ପୃଷ୍ଠା ଦେଖନ୍ତୁ)*

## କଟକରେ ଜଣ୍ଡିସ ଆତଙ୍କ

**କଟକ,୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସଂପ୍ରତି କଟକରେ ଜଣ୍ଡିସ ଆତଙ୍କ ଦେଖାଦେଇଛି । କଟକ ମହାନଗର ନିଗମ ଅନ୍ତର୍ଗତ ୧୦ନଂ ୱାର୍ଡ଼ ସ୍ଥିତ ମାନସିଂହପାଟଣା ଓ ୧୧ନଂ ୱାର୍ଡ଼ ସ୍ଥିତ ମସ୍ତରାମ ମଠ ଅଂଚଳରେ ଘରେ ଘରେ ଜଣ୍ଡିସ ରୋଗ ବ୍ୟାପୁଥିବାର ଖବର ମିଳିଛି । ପ୍ରାୟ ୩୦ ରୁ ଅଧିକ ବ୍ୟକ୍ତି ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଦୂଷିତ ପାଣି ପାଇଁ ରୋଗ ବ୍ୟାପୁଥିବା ଲୋକେ ଅଭିଯୋଗ କରିଛନ୍ତି । ୱାଟକୋ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଜଣ୍ଡିସ ବ୍ୟାପୁଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଅଂଚଳରେ ନଳକୂପ ଥିଲେ ବି ତାହାର ବିଶୋଧନ କରାଯାଉନଥିବା ଲୋକେ ଅଭିଯୋଗ କରିଛନ୍ତି । ଖବର ପ୍ରଚାର ହେବା ପରେ ସିଏମସି ଅଧିକାରୀ ଓ କର୍ମଚାରୀ ସୋମବାର ସ୍ଥାନୀୟ ଅଂଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ୱାଟକୋ ସହ ମିଶି ସିଏମସି ସ୍ଥାନୀୟ ଅଂଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯିବ ବୋଲି ମେୟର ସୁବାସ ସିଂହ ସୂଚନା ଦେଇଛନ୍ତି ।

# ଆମକୁ ଦଳରେ ମିଶାଇ ଦାଗ ସଫା କର: ବାଟ ଫିଟାଇବୁ !

**ଭୁବନେଶ୍ୱର: ୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦୁର୍ନୀତିରେ ତାଳୁରୁ ତଳିପା ଯାଏଁ ବୁଡ଼ିଥିବା ବିଜେଡିର ନିର୍ଦ୍ଦିଷ୍ଟ ଦାଗୀ ନେତା ଦୁର୍ନୀତିର ଦାଗ ହଟାଇବାକୁ ଅଭିନବ କୌଶଳ ଆପଣେଇଥିବାର ରାଜନୈତିକ ମହଲରେ ଚର୍ଚ୍ଚା, ଯିଏକି ବିଶେଷତଃ ସମବାୟ ବ୍ୟବସ୍ଥା ସହ ଜଡ଼ିତ ବୋଲି ଜଣାପଡ଼ିଛି ।

ଚର୍ଚ୍ଚା ଅନୁଯାୟୀ, ରାଜ୍ୟ ସରକାରଙ୍କ ବୃହତ ଅଂଶଧନ ଥିବା ଏକ ଶୀର୍ଷ ସମବାୟ ସଂସ୍ଥାର ପ୍ରମୁଖ କର୍ମକର୍ତ୍ତା ଥିବା ବିଜେଡିର ଜଣେ ତଥାକଥିତ ଆଗଧାଡ଼ିର କର୍ମୀ ଆଖିବୁଜା ଲୁଟ୍‌ପାଟ୍ କଲେ । ସେତେବେଳର କ୍ଷମତାଧରଙ୍କ ଆଶୀର୍ବାଦ ଥିବାରୁ ଧରାକୁ ସରା ମଣୁଥିଲେ ସେ । ଜାଲିଆତି, ଅର୍ଥ ଅପବ୍ୟୟ, ଅର୍ଥ ଆତ୍ମସାତ ଭଳି ବହୁ ଗୁରୁତର ଅଭିଯୋଗ ତାଙ୍କ ନାମରେ ଆସିଥିଲେ ହେଁ ସେତେବେଳେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ସମବାୟବିତ୍ ତଥା ବିଜେପି ନେତା ସୁଧାଂଶୁ ଶେଖର ବଡ଼ଜେନା ତଥ୍ୟ ପ୍ରମାଣ ସହ କେନ୍ଦ୍ର ସରକାରଙ୍କ ଅର୍ଥ ଲଗାଣକାରୀ ସଂସ୍ଥା ନାବାର୍ଡ଼ ଓ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲା ପରେ ନାବାର୍ଡ କର୍ତ୍ତୃପକ୍ଷ ହସ୍ତକ୍ଷେପ କରିଥିଲେ । ଏପରି ଦୁର୍ନୀତି ଅନିୟମିତ ଘଟଣାକୁ 'ଅତ୍ୟନ୍ତ ଗୁରୁତର' ଦର୍ଶାଇ ତୁରନ୍ତ ତଦନ୍ତ

### ଶାସକ ଦଳକୁ ଦାଗୀ ନେତାଙ୍କ ବ୍ଲାକ୍‌ମେଲିଂ

ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାବାର୍ଡ଼ ସୁପାରିସ କରିବା ପରେ ତତ୍କାଳୀନ ବିଜେଡି ସରକାରଙ୍କ ଅନ୍ତିମ ସମୟରେ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହେଲା । ତଦନ୍ତ ସରିଲା ବେଳକୁ ସରକାର ବଦଳିଗଲା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସାମ୍ନାରେ ଉପସ୍ଥାପିତ ହେଲା ତଦନ୍ତ ରିପୋର୍ଟ । ସବୁ ଅଭିଯୋଗ ସିଦ୍ଧ ହୋଇଥିଲା । ତେଣୁ ତଦନ୍ତ ରିପୋର୍ଟକୁ ଅନୁମୋଦନ କରି କାର୍ଯ୍ୟାନୁଷ୍ଠାନ ଲାଗି ଆଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ । ଇତିମଧ୍ୟରେ ଅର୍ଥ ଆତ୍ମସାତ୍ ଘଟଣାରେ ଅଭିଯୁକ୍ତ ଟଙ୍କା ଫେରାଇ ଦେଇଥିବାର ଜଣାପଡ଼ିଛି । ତେବେ ଏ ସଂକ୍ରାନ୍ତରେ ଅପରାଧିକ ମାମଲା ଏଯାଏ ରୁଜୁ ହୋଇନାହିଁ । ଅନ୍ୟ ସିଦ୍ଧ ଅଭିଯୋଗଗୁଡ଼ିକ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ବରଂ ଅଭିଯୁକ୍ତ କିଛିଦିନ ନୀରବ ରହିବା ପରେ ବିଭିନ୍ନ କୌଶଳ ଆପଣେଇ ମୋହନ ମାଝୀଙ୍କ ସରକାର ଓ ଶାସକ ଦଳକୁ ଅଠାକାଠିରେ ଛନ୍ଦିବା ପାଇଁ ସବୁପ୍ରକାର ଉଦ୍ୟମ କରୁଥିବାର ଜାଣିବା ପରେ ବି ସରକାରୀ କଳର କାର୍ଯ୍ୟଶୈଳୀକୁ ନେଇ ଅନେକେ ପ୍ରଶ୍ନ ଉଠାଉଛନ୍ତି ।

ଯେଉଁ ନାବାର୍ଡ଼ ସୁପାରିସରେ ତଦନ୍ତ ହୋଇ ଦୁର୍ନୀତିର ପର୍ଦ୍ଦାଫାଶ ହେଲା ସେଇ ନାବାର୍ଡ ଟଙ୍କା ଯେପରି ଶୀର୍ଷ ସଂସ୍ଥାକୁ ମିଳିନପାରିବ ଓ ଚାଷୀମାନଙ୍କୁ ସରକାରୀ ସହାୟତା ଠିକ୍ ସମୟରେ ଦେଇ ନପାରି ଯେପରି ସରକାର ବଦନାମ ହେବେ ସେଥିନେଇ ନାନା ପେଞ୍ଚ କରି ଅଭିଯୁକ୍ତ ରେଶମୀ ଚାଲ ଖେଳିଚାଲିଥିଲେ ହେଁ ପେଞ୍ଚକୁ ଓପାଡ଼ିବା ପାଇଁ ଯାହାଙ୍କ ପକ୍ଷରୁ ଜରୁରିକାଳୀନ ପଦକ୍ଷେପ ନିଆଯିବା କଥା କୌଣସି ଅଦୃଶ୍ୟ କାରଣରୁ ତାହା ହୋଇପାରିନାହିଁ ।

ସେପଟେ ଶାସକ ଦଳକୁ ଅଭିଯୁକ୍ତ ଅଲ୍‌ଟିମେଟମ୍ ଦେଇଥିବା ଜୋରଦାର ଚର୍ଚ୍ଚା ହେଉଛି । ଯଦି ଦୁର୍ନୀତିର ଦାଗ ଲିଭାଇବା ସହ ଅଭିଯୁକ୍ତ ଓ ତାଙ୍କ ସମର୍ଥକମାନଙ୍କୁ ବିଜେପିରେ ମିଶାଇ ଦିଆଯାଏ ତେବେ ସବୁପ୍ରକାର ରୋକ୍ ହଟାଇବା ସହ ବାଟ ସୁଗମ କରାଯିବ ବୋଲି ଖୋଲାଖୋଲି ଅଭିଯୁକ୍ତ ଶିବିରରୁ କୁହାଯାଉଥିବା ସମବାୟବିତ୍‌ଙ୍କ ମହଲରେ ଚର୍ଚ୍ଚା ହେଉଛି । ମିଶିବା ପାଇଁ ରାଜ୍ୟ ମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଚାରିପଟେ ଚକ୍କର କାଟୁଥିଲେ ହେଁ ତାହା ସଫଳ ହୋଇପାରୁନଥିବାରୁ ଏବେ ମଧ୍ୟପ୍ରଦେଶର ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପାଖରେ କାଳେ ଏଇ ଦାଗୀମାନେ ଶରଣାପନ୍ନ ହୋଇଥିବା ଦିଲ୍ଲୀରେ ଆଲୋଚନା ହେଉଛି ।

ଅନ୍ୟପଟେ ବିଜେଡି ମଧ୍ୟ ମଉକା ଅପେକ୍ଷାରେ ଥିବା କୁହାଯାଉଛି । ଯଦି ତଥାକଥିତ ଦାଗୀଙ୍କୁ ବିଜେପିରେ ମିଶାଇବାକୁ ନିଷ୍ପତ୍ତି ନିଆଯାଏ ତେବେ ସେତେବେଳେ ବିଜେଡି ପକ୍ଷରୁ ହୁଏତ କୁହାଯିବ ଯେ 'ଆମ ସମୟରେ ତଦନ୍ତ ଆରମ୍ଭ ହୋଇଥିଲା, ବିଜେପି ସରକାର ସମୟରେ ତଦନ୍ତ ରିପୋର୍ଟ ଆସିଥିଲେ ହେଁ ଦୁର୍ନୀତି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇ ସେମାନଙ୍କୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୭ ଫେବୃଆରୀ ୨୦୨୬ । ମଙ୍ଗଳବାର




## ଲୁଗାରେ ନିଆଁ ଲାଗି ମହିଳା ଗୁରୁତର

**ବ୍ୟାସନଗର: ଏକ୍ସପ୍ରେସ ନ୍ୟୁଜ୍**

ପ୍ରଭୁ ଶ୍ରୀଶଙ୍କର ମହାପ୍ରଭୁଙ୍କ ନିକଟରେ ଦୀପ ଟିଏ ଜାଳିବା ପାଇଁ ନାରୀମାନେ ଜାଗରକୁ ଅପେକ୍ଷା କରିଥାନ୍ତି । ଭକ୍ତି ଓ ନିଷ୍ଠା ସହ ଜାଗର ଦୀପ ଜାଳିବା ପାଇଁ ସମସ୍ତ ଶିବ ମନ୍ଦିର ସାଜସଜା କରାଯାଇଥାଏ । ପବିତ୍ର ମହାଶିବରାତ୍ରି ପାଳନ ସମୟରେ କିଛି ଅସାବଧାନତା ପାଇଁ ଅନେକଙ୍କ କ୍ଷୟକ୍ଷତି ହୋଇଥାଏ । ମହାଶିବରାତ୍ରିକୁ ପୁରା ଦେଶ ସମସ୍ତ ଶୈବ ପୀଠରେ ପାଳିତ ହେଉଥିବା ବେଳେ ଶ୍ରଦ୍ଧାଳୁ ଭକ୍ତମାନେ ରାତ୍ରି ତମାମ ଉଜାଗର ରହି ଦୀପ ଜାଳି ନିଜର ମାନସିକ ପୂରଣ ପାଇଁ ପ୍ରଭୁ ମହାଦେବଙ୍କ ପାଖରେ ପ୍ରାର୍ଥନା କରିଥାନ୍ତି । ଏମିତି କିଛି ସ୍ଥାନମାନଙ୍କରେ ଦେଖିବାକୁ ମିଳୁଛି କି ନିଜର ଅସାବଧାନତା ହେତୁ ନିଜର କ୍ଷତି ଘଟୁଛି । ସେମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ଗ୍ରାମ ମହାପ୍ରଭୁ ଝାଡେଶ୍ୱର ପୀଠରେ । ସୂଚନା ମୁତାବକ ଲକ୍ଷ୍ମୀନଗର ପଞ୍ଚାୟତର ରାଧାନଗର ଗ୍ରାମର ରଞ୍ଜନ କୁମାର ସାହୁଙ୍କ ଧର୍ମପତ୍ନୀ ସୁଜାତା ସାହୁ (୩୦) ପ୍ରଭୁଙ୍କ ପୀଠରେ ପ୍ରଭୁଙ୍କ ଦର୍ଶନ ବେଳେ ନିକଟରେ ଥିବା ଘିଅ ଦୀପରୁ ନିଆଁ ତାଙ୍କ ପିନ୍ଧିଥିବା ଶାଢୀରେ ଲାଗିଯାଇଥିଲା । ଏହା ପରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁ କିଛି ଜାଣିବା ପୂର୍ବରୁ ନିଆଁ ତାଙ୍କ ଶାଢୀରେ ଲାଗି ହୁତୁ ହୁତୁ ହୋଇ ଜଳିବାକୁ ଲାଗିଲା । ଉପସ୍ଥିତ ସ୍ଥାନୀୟ ଭକ୍ତଙ୍କ ସହଯୋଗରେ ନିଆଁକୁ ଆୟତ କରାଯାଇଥିଲା । ତେବେ ସେତେବେଳେ ସୁଜାତାଙ୍କ ଶରୀରର ପ୍ରାୟ ୩୦ ପ୍ରତିଶତ ଶରୀର ପୋଡି ହୋଇ ଯାଇଥିଲା । ଏହାପରେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଯାଜପୁର ରୋଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଯାଇଥିଲା । ତେବେ ସୁଜାତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

## ହାତୀର ଗଳିତ ଶବ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜରେ କିଛି ଦିନ ହେଲା ଜଙ୍ଗଲୀ ହାତୀ ଓ ମଣିଷ ମଧ୍ୟରେ ଲଢେଇ ଚାଲିଛି । କେତେବେଳେ ହାତୀର ତ ଆଉ କେତବେଳେ ମଣିଷର ଜୀବନ ଯାଉଛି ।ହାତୀର ଗତିବିଧି ଉପରେ ନଜର ରଖିବା ସହ ନିୟନ୍ତ୍ରଣ ପାଇ ବନ କର୍ମଚାରୀମାନେ ସଜାଗ ରହିଛନ୍ତି । ବନ କର୍ମଚାରୀ ଓ ଗଜ ସାଥି ରାସ୍ତାରେ ବୁଲୁଥିବା ବେଳେ ଜଙ୍ଗଲ ଭିତରେ ହାତୀର ମୃତ୍ୟୁ ପରେ ଗଳିତ ଶବ ଉଦ୍ଧାର ଘଟଣା ବନବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛ ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ପଟିଆ ସେକ୍ସନ କୁଶପଲ୍ଲୀ ଗାଁ ନିକଟ ଜଙ୍ଗଲରେ । ଏକ ହାତୀର ଗଳିତ ଶବ ଜଙ୍ଗଲରେ ପଡି ଦୁର୍ଗନ୍ଧ ହେଉଥିବା ଖବରପାଇ ଟାଙ୍ଗୀ ବନ କର୍ମଚାରୀମାନେ ଘଟଣା ସ୍ଥଳକୁ ଯାଇଥିଲେ । ଘଟଣାସ୍ଥଳରେ ହାତୀର ଅସ୍ଥି କଙ୍କାଳକୁ ଜବତ କରି ରଣପୁର ବ୍ଲକ ପ୍ରାଣୀଧନ ଅଧିକାରୀଙ୍କୁ ଡକାଇ ହାତୀ କଙ୍କାଳକୁ ପଂଚନାମା କରାଇବା ପରେ ହାତୀର ହାଡ ସମୂହକୁ ପୋତି ଦେଇଥିବା ଜଣାପଡିଛି । ହାତୀ ମୃତ୍ୟୁର କାରଣ ଜଣା ପଡିନାହିଁ । ହାତୀକୁ ମାରି ଶିକାରି ଦାନ୍ତ ନେଇ ଯାଇଥିବା ଘଟଣା ଚର୍ଚ୍ଚା ହେଉଛି ।ବନ ବିଭାଗ ସୂଚନା ଅନୁଯାୟୀ ହାତୀର କଙ୍କାଳ ଜବତ ସମୟରେ ଦାନ୍ତ ନ ଥିଲା । ପଞ୍ଚନାମା ରିପୋର୍ଟ ଆସିବା ପରେ ଜଣାପଡିବ । ଗଳିତ ମୃତ ହାତୀର ଆନୁମାନିକ ବୟସ ୧୫ବର୍ଷ ହେବ । ହାତୀର ସ୍ୱାଭାବିକ ମୃତ୍ୟୁ ନା ହତ୍ୟା ଜଣା ପଡିବ । ଜଙ୍ଗଲୀ ହାତୀ ସ୍ଥାନୀୟ ଅଂଚଳରେ ଉପଦ୍ରବ କରୁଥିବାରୁ କେହି ଶୀକାରୀ ଦାନ୍ତ ଲୋଭରେ ହାତୀ ଶିକାର କରିଥିବା ଆଲୋଚନା ସ୍ଥାନୀୟ ଅଂଚଳରେ ଆଲୋଚନା ହେଉଛି ।

## ନିଶା ବିରୋଧରେ ମହିଳାଙ୍କ ଆନ୍ଦୋଳନ

**ଖଣ୍ଡପଡା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ଗ୍ରାମରେ ନିଶାଦ୍ରବ୍ୟର ଅବାଧ କାରବାର ବନ୍ଦ ନେଇ ଶନିବାର ରାଜରାସ୍ତାକୁ ଓହ୍ଲାଇ ହରତାଳ କରିଥିଲେ ୩୦୦ରୁ ଊର୍ଦ୍ଧ୍ୱ ମହିଳା । ମହିଳାମାନେ ନିଶାଦ୍ରବ୍ୟର କାରବାର ଚଳାଇଥିବା ବ୍ୟବସାୟୀମାନଙ୍କୁ କଡା ଚେତାବନୀ ଦେବା ସହ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସାଧାରଣରେ ସଚେତନତା ସୃଷ୍ଟି କରିଥିଲେ । ବେଣାଗାଡିଆ ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ବର୍ଷ ବର୍ଷ ଧରି ଗ୍ରାମର କିଛି ଅସାଧୁ ବ୍ୟବସାୟୀ ଚୋରାରେ ଦେଶୀ ଓ ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ କାରବାରରେ ଲିପ୍ତ ଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଯୁବକମାନେ ପଥଭ୍ରଷ୍ଟ ହୋଇ ବିପଥଗାମୀ ହେଉଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି । ଖଣ୍ଡପଡ଼ା ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏ ସଂପର୍କରେ ଅବଗତ ଥିଲେ ହେଁ



ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଏହାର ପ୍ରତିବାଦରେ ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇ ହରତାଳ କରିଥିବା ଜଣାଯାଇଛି । ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାର ବେଣାଗାଡିଆ ଗ୍ରାମ ଠାରେ ମହିଳାମାନେ ନିଶାଦ୍ରବ୍ୟର କାରବାରକୁ ନା' ନାରା ଦେଇ ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ବିଭିନ୍ନ ମହଲରୁ ଆନ୍ଦୋଳନକୁ ସମର୍ଥନ ମିଳିଥିବା ଜଣାଯାଇଛି । ବେଣାଗାଡିଆ ଗ୍ରାମରେ ନିଶାଦ୍ରବ୍ୟର କାରବାର ଚଳାଇଥିବା ଅନେକ ମାଫିଆ ଓ ଅସାମାଜିକ ବ୍ୟକ୍ତି ଖଣ୍ଡପଡ଼ା ବିଧାୟକଙ୍କ ଖାସ ଅନୁଗତ ଅଟନ୍ତି ବୋଲି ବେଣାଗାଡିଆ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି । ଆଗାମୀ ଦିନରେ ବେଣାଗାଡିଆ ଗ୍ରାମରେ ନିଶାଦ୍ରବ୍ୟର ଅବାଧ କାରବାର ଉପରେ ପ୍ରଶାସନ ରୋକ ନ ଲଗାଇଲେ ମହିଳାମାନେ ପୁର୍ନବାର ଆନ୍ଦୋଳନକୁ ଓହ୍ଲାଇ ରାସ୍ତାରୋକ ଆନ୍ଦୋଳନ କରିବା ସହ ଆବଶ୍ୟକ ପଡିଲେ ଖଣ୍ଡପଡ଼ା ଥାନା ଓ ଅବକାରୀ ବିଭାଗ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଗୋଶାଳା ନିର୍ମାଣରେ ଠିକାଦାରଙ୍କ ଅହେତୁକ ବିଳମ୍ବ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଓଡିଶା-ପଶ୍ଚିମବଙ୍ଗ ଉପାନ୍ତ ଜଳେଶ୍ୱର ଠାରେ ଏକ ଗୋଶାଳା ନିର୍ମାଣ ଲାଗି ୫.୬ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା । ଜଳେଶ୍ୱର ପୌରପାଳିକାର ୧୬ନଂ ୱାର୍ଡ ଅଲାଲପୁର ଠାରେ ହେବାକୁଥିବା ଏହି ପ୍ରତିକ୍ଷିତ ଗୋଶାଳା ଲାଗି ଗତ ବର୍ଷ ମାର୍ଚ୍ଚ ୨୫ତାରିଖରେ ବାଚସ୍ପତି ଘୋଷ ନାମକ ଜନୈକ ଠିକାଦାର, ଅନ୍‌ଲାଇନ୍ ଟେଣ୍ଡର ଲଟେରୀରେ ପାଇଥିଲେ । ୯ ମାସ ବିତି ଯାଇଥିଲେ ମଧ୍ୟ ଠିକାଦାର ଜଣକ ଏପିଏସ୍ ଅର୍ଥ ଜମା ନ କରିବା କିମ୍ବା ଚୁକ୍ତି କରୁନଥିବାରୁ ପୌରକାର୍ଯ୍ୟାଳୟ ପକ୍ଷରୁ ଗତବର୍ଷ ମେ ୨୨ ତାରିଖ, ଡିସେମ୍ବର ୨୨ ତାରିଖ ଓ ଚଳିତବର୍ଷ ଜାନୁଆରୀ ୨୭ ତାରିଖରେ ଚିଠି କରାଯାଇଛି । ନିର୍ମାଣ ହେବାକୁଥିବା ଗୋଶାଳାର ସ୍ଥାନ ତହସିଲ ପକ୍ଷରୁ ଚିହ୍ନଟ ହୋଇସାରିଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ ସ୍ଥାନରେ ମୁଠାଏ ବାଲି ପଡିପାରି ନାହିଁ । ଏ ସଂପର୍କରେ ପୌରକାର୍ଯ୍ୟାଳୟ ପକ୍ଷରୁ ଗତ ୧୧ତାରିଖରେ ଠିକାଦାରଙ୍କୁ ଏକ ପତ୍ର ଲେଖାଯାଇ ତିନିଦିନ ମଧ୍ୟରେ ଚୁକ୍ତି କରିବାକୁ ଅନ୍ତିମ ଚେତାବନୀ ଦିଆଯାଇଥିବା ଜଣାଯାଇଛି । ଅନ୍ୟଥା ଦୁଇବର୍ଷ ଲାଗି ଠିକାଦରଙ୍କୁ ପୌରପାଳିକାରେ କଳା ତାଲିକାଭୁକ୍ତ କରାଯିବ ବୋଲି କାର୍ଯ୍ୟ ନିର୍ବାହ ଅଧିକାରୀ ହେମନ୍ତ ସିଂ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ ପ୍ରତିଦିନ ଓଡିଶାରୁ ପଶ୍ଚିମବଙ୍ଗକୁ ବେଆଇନ୍ ଭାବେ ଚାଲାଣ ହେଉଥିବା ଗାଇ-ଗୋରୁମାନଙ୍କୁ ପ୍ରଶାସନ ପକ୍ଷରୁ ଜବତ୍ କରାଗଲାପରେ ସେମାନଙ୍କୁ ରଖିବାର ବ୍ୟବସ୍ଥା ନ ଥିବାରୁ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇଥାଏ । ଜାତୀୟ ରାଜପଥରେ ଗୋରୁ ବୋଝେଇ ଗାଡି ଗୁଡିକ ଦୁର୍ଘଟଣାଗ୍ରସ୍ତ ହେଲାପରେ ସେମାନଙ୍କୁ ରଖିବା ଓ ଚିକିତ୍ସା କରିବାର କୌଣସି ସୁବିଧ ନଥିବାରୁ ଜଳେଶ୍ୱରରେ ଏକ ଗୋଶାଳା ନିର୍ମାଣର ପରିକଳ୍ପନା କରାଯାଇଥିଲା । ଏପରିକି ଜବତ୍ ଗାଇ-ଗୋରୁମାନଙ୍କୁ ସ୍ଥାନୀୟ ଲୋକମାନେ ନେଇ ପଳାଉଥିବା ବେଳେ କେତେକ ଗୋରୁଙ୍କୁ ବାଲେଶ୍ୱର ଗୋଶାଳାକୁ ପଠାଯାଇଥାଏ । ଏହି ସବୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଥିବା ସତ୍ତ୍ୱେ, କାହା ଇଙ୍ଗିତରେ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ତୁରନ୍ତ ଗୋଶାଳା ନିର୍ମାଣ ଆରମ୍ଭ ସହ ଗୋ ବଂଶ ରକ୍ଷା ଲାଗି ପ୍ରଚେଷ୍ଟା କରିବାକୁ ସାଧାରଣରେ ଦାବି ହେଉଛି ।

## ଢାବାରେ ଗୁଳିଚାଳନା




**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ବୈଶିଙ୍ଗା ଥାନା ଅଞ୍ଚଳଟି ବାଲେଶ୍ୱର ସୀମାନ୍ତ ଅଞ୍ଚଳରେ ଅବସ୍ଥିତ ଥିବାରୁ ଅପରାଧି ଏହି ଅଞ୍ଚଳରେ ବିଭିନ୍ନ ପ୍ରକାର ଅପରାଧ କରି ଖସି ପଳାଇ ଯିବାକୁ ସକ୍ଷମ ହୋଇ ପାରୁଛନ୍ତି । ୨୦୨୬ ନୂଆବର୍ଷ ଆରମ୍ଭ ଠାରୁ ଆଜି ପର୍ଯ୍ୟନ୍ତ କେତେ କେତେ ଡକାୟତି, ଛିନତାଇ ସହିତ ଚୋରି ମଧ୍ୟ ବଢି ଯାଇଛି । ଶୁକ୍ରବାର ରାତି ୧୨.୪୫ ସମୟରେ ବାଲେଶ୍ୱର ଅଞ୍ଚଳର ଆଠ ଦଶ ଜଣ ଅସାମାଜିକ ଯୁବକ ବନ୍ଧୁକ ଓ ମାରଣାସ୍ତ୍ର ସହିତ ବୈଶିଙ୍ଗା ଥାନା ପାଖ ଖଇରବଣୀ ଠାରେ ଥିବା ରୟାଲ ଢାବାରେ ପହଞ୍ଚି ଢାବା ବନ୍ଦ ଥିବା ଦେଖି ଜୋରଜବରଦସ୍ତ କବାଟ ଭାଙ୍ଗି ଭିତରେ ପଶିଥିଲେ ଓ ଢାବା ମାଲିକ ରାଜେନ୍ଦ୍ର ହାତୀ ଓ କର୍ମଚାରୀମାନେ ଭୟଭୀତ ହୋଇ କ'ଣ କରିବେ କିଛି ବୁଝି ପାରିଲେ ନାହିଁ । କର୍ମଚାରୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ ମଧ୍ୟରେ ଧସ୍ତାଧସ୍ତି ଚାଲିଥିବା ବେଳେ ମାଲିକ ବୈଶିଙ୍ଗା ପୋଲିସକୁ ଫୋନ କରି ଦେଇଥିଲେ । ଏହି ସମୟରେ ଯୁବକମାନେ ଫାଙ୍କା ଗୁଳି ଚାଳନା କରି ୧୮୦୦୦ ଟଙ୍କା ଏବଂ ସୁନା ଚେନ୍ ଲୁଟି ନେଇ ପଳାଇ ଯାଉଥିବା ସମୟରେ ବୈଶିଙ୍ଗା ପୋଲିସ ପହଞ୍ଚି ଯାଇଥିଲେ । ପୋଲିସକୁ ଦେଖି ୪/୫ ଜଣ ଦୁଇଟି ବାଇକରେ ଫେରାର ହୋଇଯାଇଥିଲେ । ପୋଲିସ ଏବଂ ଢାବା କର୍ମଚାରୀ ଓ ପାଖ ଚା' ଦୋକାନୀ ହୋସେନ ଖାଁ ମିଳିତ ଭାବେ ଗୋଡାଇ ଗୋଡାଇ ଚାରି ଜଣଙ୍କୁ କାବୁ କରି ନେଇଥିଲେ । ବ୍ୟବହୃତ ସ୍କର୍ପିଓ ନଂ ଓଡ଼ି ୦୧ ଏଜି ୨୭୨୭, ଅନ୍ୟ ୩ଟି ବାଇକ୍ ନଂ ଓଆର ୦୧ ଏଚ୍ ୪୫୬୯, ଓଡି ୦୧ ଏଆର ୬୦୯୮, ଓଆର ୧୪ପି ୨୯୭୫ ବୋଲି ଜଣାଯାଇଛି । ଅଟକ ରହିଥିବା ଯୁବକମାନେ ହେଲେ କ୍ଷିତିଶ କୁମାର ଦାସ, ଅକ୍ଷୟ ମହାନ୍ତି, ସୁରଜ ମହାନ୍ତି, ରତିକାନ୍ତ ସ୍ୱାଇଁ ବୋଲି ପୋଲିସ ସୂତ୍ରରୁ ପ୍ରକାଶ କରାଯାଇଛି । ଢାବା ମାଲିକ ରାଜେନ୍ଦ୍ର ହାତୀଙ୍କ ଲିଖିତ ଅଭିଯୋଗ କ୍ରମେ ୬୮/୨୦୨୬ ମୂଳେ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି ।

## ନଦୀରୁ ମିଳିଲା ବୃଦ୍ଧଙ୍କ ମୃତଦେହ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ଗୋବିନ୍ଦ ପୁର ଥାନା ଅଧିନସ୍ଥ ବ୍ରାହ୍ମଣ ସାଇଲୋ ପଞ୍ଚାୟତ ପୂର୍ବ ଖେରସ ଗ୍ରାମର ନିଦ୍ଧିରାମ ପାତ୍ର (୮୫) ଦୁଇଦିନ ହେବ ଘରୁ ନିଖୋଜ ଥିଲେ । ଘର ଲୋକ ବହୁତ ଖୋଜା ଖୋଜି କଲେ ମଧ୍ୟ ସନ୍ଧାନ ମିଳିପାରି ନଥିଲା । ଶନିବାର ଅପରାହ୍ନରେ କନ୍ଦଳ ନଦୀରେ ମୃତ ଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ଗୋବିନ୍ଦ ପୁର ପୋଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତର ଖାନା ପଠାଇଛି । ଖବର ଲେଖାହେଲା ବେଳକୁ ଗୋବିନ୍ଦ ପୁର ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ । ପୁଅ ବିସିକେଶନ ପାତ୍ର ଶବ ବ୍ୟବଚ୍ଛେଦ ପାଇଁ କଟକ ଯାଇଥିବାରୁ ଲିଖିତ ଅଭିଯୋଗ କରିନାହାନ୍ତି । ଏ ନେଇ ରବିବାର ଗୋବିନ୍ଦ ପୁର ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି କହିଛନ୍ତି । ନିଦ୍ଧିରାମ ପାତ୍ରଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବରୁ ତାଙ୍କୁ ସରକାରୀ ସହାୟତା ଜରୁରୀ କାଳୀନ ଭାବେ ଯୋଗାଇ ଦେବାକୁ ଦାବି କରିଛନ୍ତି ।

## ଚିକିତ୍ସାଧୀନ ଅବସ୍ଥାରେ ଯୁବକ ମୃତ୍ୟୁ

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ବରୁହାଁ-କୃଷ୍ଣଦାସପୁର ମୁଖ୍ୟରାସ୍ତା ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଲପଡା ଛକ ନିକଟରେ ଶନିବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣା ଘଟିଥିଲା । ଫଳରେ ବାଇକ ଚାଳକ ଗୁରୁତର ଆହତ ହୋଇଥିବା ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ସେଠାରେ ଅବସ୍ଥା ସଙ୍କଟାପନ ହେବାରୁ ତାଙ୍କୁ କଟକ ନିଆ ଯାଇଥିଲା । ମେଡିକାଲରେ ପହଞ୍ଚିବାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା । ପରଲୋକ ଖବର ପ୍ରଚାରି ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳି ଯାଇଥିଲା ।

ସୂଚନା ଥାଉକି, ଶନିବାର ସନ୍ଧ୍ୟାରେ ଝାଲପଡା ଗ୍ରାମର ସାହିଲ ବାଜାଜ୍ ପଲସର ବାଇକରେ କୌଣସି କାମରେ ବରୁହାଁ ଅଭିମୁଖେ ଯାଉଥିବା ସମୟରେ ଝାଲପଡା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା । ଖବର ପାଇ ବ୍ରହ୍ମବରଦା ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ଗୁରୁତର ଅବସ୍ଥାରେ ଥାନା ଗାଡିରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥାନ ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ନିଆଯାଇଥିଲା । ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ବିଭିନ୍ନ ଦାବି ନେଇ ଶ୍ରମିକଙ୍କ ଆନ୍ଦୋଳନ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଶ୍ରମିକଙ୍କ ଦୈନିକ ମଜୁରୀର ଟଙ୍କା ବୃଦ୍ଧି କରିବା, ଓଭର ଡ୍ୟୁଟି ବନ୍ଦ କରିବା, ଶୌଚାଳୟର ସୁବ୍ୟବସ୍ଥା କରିବା ଏବଂ ସ୍ଥାନୀୟ ଶ୍ରମିକଙ୍କୁ ଅଧିକ ଗୁରୁତ୍ୱ ଦେବା ସମେତ ବିଭିନ୍ନ ଦାବି ନେଇ ଚମାଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଥିବା ଛତୁ ଫ୍ୟାକ୍ଟିରେ କାର୍ଯ୍ୟରତ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଏହାସହିତ ଫ୍ୟାକ୍ଟିକୁ ଯାତାୟତ ରାସ୍ତାକୁ ମଧ୍ୟ ଅବରୋଧ କରି ସେମାନଙ୍କ ହକ ନିମନ୍ତେ ଧାରଣା ବସିଥିଲେ । ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ହସ୍ତକ୍ଷେପ ପରେ ସେମାନଙ୍କ ବିବାଦ ତୁଟିଲା । ଆନ୍ଦୋଳନରୁ ଶ୍ରମିକମାନେ ଓହରିଲେ । ସୂଚନା ଯୋଗ୍ୟ ଯେ ଗତ ୧୧ ତାରିଖ ଠାରୁ ଛତୁ ଫ୍ୟାକ୍ଟିରେ କାର୍ଯ୍ୟରତ ଥିବା ଗୋବିନ୍ଦପୁର ଗ୍ରାମର ମହିଳା ଓ ପୁରଷ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଏହାର ସୂଚନା ପାଇଁ ଗ୍ରାମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପହଞ୍ଚି



ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଗୁଡିକ ପଚାରି ବୁଝି ଥିଲେ । ପରେ ଗ୍ରାମସ୍ଥିତ କମ୍ୟୁନିଟି ହଲ ଠାରେ ବିଧାୟକ ଶ୍ରୀ ନାୟକଙ୍କ ଉପସ୍ଥିତରେ ଲକ୍ଷ୍ମୀପୁର ସରପଞ୍ଚଙ୍କ ସ୍ୱାମୀ ମାଗୁଣି ବିଷୋୟୀ, ସମିତି ସଭ୍ୟ ଏନ.ରମେଶ ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଆନ୍ଦୋଳନରତ ଶ୍ରମିକ, ଗ୍ରାମ ପରିଚାଳନା କମିଟି, ଭଦ୍ର ବ୍ୟକ୍ତି, ଫ୍ୟାକ୍ଟି ମାଲିକ ଏବଂ ଗ୍ରାମର ବହୁ ଜନସାଧାରଣ ଏକତ୍ରିତ ବସି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରମିକମାନେ ସେମାନଙ୍କ ଦାବିଗୁଡିକ ଉପସ୍ଥାପନା କରିଥିଲେ । ଅନ୍ୟରାଜ୍ୟର ଶ୍ରମିକମାନଙ୍କୁ ଫ୍ୟାକ୍ଟି ମାଲିକ ଅଧିକ ଟଙ୍କା ଦେବା ସହିତ ସେମାନଙ୍କୁ ଗୁରୁତ୍ୱ ଦେଉଥିବା ବେଳେ ସ୍ଥାନୀୟ ଶ୍ରମିକମାନଙ୍କୁ ଅଣ ଦେଖା କରୁଛନ୍ତି ବୋଲି ମଧ୍ୟ ଆଲୋଚନା ବୈଠକରେ କୁହାଯାଇଥିଲା । ଏହାସହିତ ଅନ୍ୟାନ୍ୟ ଦାବିଗୁଡିକ ସମ୍ବନ୍ଧରେ ମଧ୍ୟ ବହୁ ସମୟରେ ଧରି ଆଲୋଚନା କରାଯାଇଥିଲା । ଶେଷରେ ଶ୍ରମିକଙ୍କ ଦୈନିକ ମଜୁରୀ ୫୦ ଟଙ୍କା ବୃଦ୍ଧି ସହ ଅନ୍ୟାନ୍ୟ ଦାବି ଗୁଡିକ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ହଟିଥିଲେ । ସୁରକ୍ଷାକୁ ଦୃଷ୍ଟି ରଖି ଚମାଖଣ୍ଡି ଥାନା ପୋଲିସର ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

## ବାଣିଜ୍ୟ

## ପୁଞ୍ଜି ବଜାରରେ ଷ୍ଟକ୍ ହ୍ରାସ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପୁଞ୍ଜି ବଜାର ମଧ୍ୟସ୍ଥିଙ୍କ ପାଇଁ ନୂତନ ନିୟମ ପରେ, ସୋମବାରରେ ପ୍ରାରମ୍ଭିକ ବାଣିଜ୍ୟରେ ପୁଞ୍ଜି ବଜାର ସଂସ୍ଥାଗୁଡ଼ିକର ସେୟାର ଦ୍ରୁତ ହ୍ରାସ ପାଇଛି । ଗତ ସପ୍ତାହରେ, ଆରବିଆଇ ଷ୍ଟକ୍ ଏବଂ ସାମଗ୍ରୀରେ ମାଲିକାନା ବାଣିଜ୍ୟରେ ନିୟୋଜିତ ଏବଂ ଗ୍ରାହକମାନଙ୍କୁ ଲିଭରେଜ୍ ପ୍ରଦାନ କରୁଥିବା ଫାର୍ମଗୁଡ଼ିକ ଦ୍ୱାରା ନିଆଯାଇଥିବା ଋଣ ଉପରେ ନିୟମ କଡ଼ାକଡ଼ି କରିଥିଲା । ଯାହା ଦେଶରେ ଆକଳନ ବଜାର କାର୍ଯ୍ୟକଳାପକୁ ହ୍ରାସ କରିବା ପାଇଁ ଏକ ପଦକ୍ଷେପ । ମାଲିକାନା ବାଣିଜ୍ୟ (ପ୍ରପ୍ ଟ୍ରେଡିଂ) ସେତେବେଳେ ଘଟେ ଯେତେବେଳେ ଏକ ଆର୍ଥିକ ପ୍ରତିଷ୍ଠାନ ଗ୍ରାହକଙ୍କ ପକ୍ଷରୁ ବାଣିଜ୍ୟ କରିବା ପରିବର୍ତ୍ତେ ଲାଭ ଅର୍ଜନ କରିବା ପାଇଁ ଷ୍ଟକ୍, ବଣ୍ଡ, ମୁଦ୍ରା, ସାମଗ୍ରୀ କିମ୍ବା ଡେରିଭେଟିଭ୍ସରେ ନିଜସ୍ୱ ପାଣ୍ଠି ବାଣିଜ୍ୟ କରେ । ଶୁକ୍ରବାର ବିଳମ୍ବିତ




ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବସାଇଟରେ ପ୍ରକାଶିତ ଏକ ବିବୃତ୍ତି ଅନୁଯାୟୀ, ସିକ୍ୟୁରିଟିଜ୍ ଫାର୍ମଗୁଡ଼ିକୁ ସମସ୍ତ କ୍ରେଡିଟ୍ ସୁବିଧା ପାଇଁ ସମାନ୍ତରାଳ ସହାୟତା ପ୍ରଦାନ କରିବାକୁ ପଡ଼ିବ, ଯେତେବେଳେ ବ୍ରୋକରମାନେ ବାଣିଜ୍ୟ କିମ୍ବା ନିଜ ଆକାଉଣ୍ଟରେ ନିବେଶ ପାଇଁ ଋଣ ଦେବା ନିଷେଧ କରିବେ । କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ପୁଞ୍ଜି ବଜାର ମଧ୍ୟସ୍ଥି, ଯେପରିକି ଷ୍ଟକ୍ ଏବଂ କମୋଡିଟି ବ୍ରୋକର, ପାଇଁ ତଥାକଥିତ ପ୍ରୁଡେନ୍ସିଆଲ୍ ନିୟମଗୁଡ଼ିକ ଏପ୍ରିଲ୍ ୧ରୁ କାର୍ଯ୍ୟକାରୀ ହେବ ।

ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଦେଶର ସର୍ବବୃହତ ଷ୍ଟକ୍ ଏକ୍ସଚେଞ୍ଜ, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ ଗତ ବର୍ଷ ମାଲିକାନା ବାଣିଜ୍ୟ ସଂସ୍ଥାଗୁଡ଼ିକ ଇକ୍ୱିଟି ବିକଳ୍ପ କାରବାରର ୫୦%ରୁ ଅଧିକ ଅଂଶୀଦାର ଥିଲେ । ନଗଦ ଇକ୍ୱିଟି ବାଣିଜ୍ୟରେ, ଏନଏସଇରେ ସେମାନଙ୍କର ଅଂଶ ୨୧ ବର୍ଷର ସର୍ବୋଚ୍ଚସ୍ତରରେ ପ୍ରାୟ ୩୦% ପହଞ୍ଚିଛି । ଏହି ନୂତନ ପଦକ୍ଷେପ ଭାରତ ସଟ୍ଟାମୂଳକ ବାଣିଜ୍ୟକୁ ରୋକିବା ପାଇଁ ଏକକ-ଷ୍ଟକ୍ ଏବଂ ଇଣ୍ଡେକ୍ସ ଡେରିଭେଟିଭ୍ ବାଣିଜ୍ୟ ଉପରେ କାରବାର ଟିକସକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବାର କିଛି ଦିନ ପରେ ଆସିଛି । କେନ୍ଦ୍ରୀୟ ବ୍ୟାଙ୍କର ନୂତନ ନିୟମ କାର୍ଯ୍ୟକାରୀ ହେବା ସହିତ, ବଜାର ଅଂଶଗ୍ରହଣକାରୀମାନେ ଭୟ କରୁଛନ୍ତି ଯେ ଏହି ନିୟମଗୁଡ଼ିକ ପରିମାଣକୁ ପ୍ରଭାବିତ କରିବ । ଆରବିଆଇ ବ୍ୟାଙ୍କଗୁଡ଼ିକୁ ମାଲିକାନା ବାଣିଜ୍ୟ ପାଇଁ ବ୍ରୋକର ଗ୍ୟାରେଣ୍ଟିଗୁଡ଼ିକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବାକୁ ମଧ୍ୟ କହିଛି, ୫୦% ବନ୍ଧକ ନଗଦରେ ଏବଂ ବାକି ନଗଦ ସମକକ୍ଷ ଏବଂ ସରକାରୀ ସିକ୍ୟୁରିଟି ଆକାରରେ । ନୂତନ ନିୟମ ବ୍ୟାଙ୍କଗୁଡ଼ିକୁ ବନ୍ଧକ ପ୍ରଦାନ କରିପାରୁଥିବା ସିକ୍ୟୁରିଟି ବାଣିଜ୍ୟ ସଂସ୍ଥାଗୁଡ଼ିକର ସଂଖ୍ୟା ହ୍ରାସ କରିବ ।


## ବଲାଙ୍ଗିର-ନୂଆପଡା ରେଳ ପରିଯୋଜନା କେବେ ?

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ସଂସଦର ଚାଲୁଥିବା ବଜେଟ୍ ଅଧିବେଶନ ସମୟରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବଲାଙ୍ଗିର-ନୂଆପଡା (ଭୟା ପାଟଣାଗଡ) ନୂତନ ରେଳ ଲାଇନ ପରିଯୋଜନା ସମ୍ବନ୍ଧରେ ରେଳ ମନ୍ତ୍ରାଳୟ, ଭାରତ ସରକାରଙ୍କୁ ଏକ ଅତାରାଙ୍କିତ ପ୍ରଶ୍ନ ମାଧ୍ୟମରେ ମୁଦ୍ଦା ଉଠାଇଇଥିଲେ । ଶ୍ରୀ ବିଶି ପ୍ରଶ୍ନ କରିଥିଲେ ଯେ, ସରକାର ବଲାଙ୍ଗିର-ନୂଆପଡା ରେଳ ଲାଇନ ପରିଯୋଜନା ପୂରଣ ପାଇଁ କୌଣସି ସଂଶୋଧିତ ସମୟସୀମା ନିର୍ଦ୍ଧାରଣ କରିଛନ୍ତି କି, ଯଦି କରିଥାନ୍ତି, ତାହାର ବିବରଣୀ କ'ଣ ? ପରିଯୋଜନାର ସମୟୋପଯୁକ୍ତ ସମାପ୍ତି ପାଇଁ କ'ଣ ନିରୀକ୍ଷଣ ବ୍ୟବସ୍ଥା ରହିଛି ? ବିଳମ୍ବର କାରଣ କ'ଣ ? ଜମି ଅଧିଗ୍ରହଣ ଓ ଅପର୍ଯ୍ୟାପ୍ତ ବଜେଟ୍ ବିନିଯୋଗ ବିଳମ୍ବର ପ୍ରମୁଖ କାରଣ କି ? ଏପର୍ଯ୍ୟନ୍ତ କେତେ ଜମି ଅଧିଗ୍ରହଣ ବାକି ଅଛି ? ପଛଲା ତିନି ବର୍ଷରେ କେତେ ବଜେଟ୍ ବିନିଯୋଗ ହୋଇଛି ? ଜମି ଅଧିଗ୍ରହଣ ସମସ୍ୟା ସମାଧାନ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ? ଏବଂ ଚାଲୁ ବର୍ଷ ପାଇଁ ପ୍ରସ୍ତାବିତ ବଜେଟ୍ ବିନିଯୋଗ କେତେ ? ଲିଖିତ ଉତ୍ତରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ବଲାଙ୍ଗିର-ନୂଆପଡା (ନୂଆଁପଡା ରୋଡ୍) ଭୟା ପାଟଣାଗଡ (୧୦୦ କି.ମି.) ନୂତନ ରେଳ ଲାଇନ ପାଇଁ ଫାଇନାଲ୍ ଲୋକେସନ୍ ସର୍ଭେ ସମାପ୍ତ ହୋଇଛି ଏବଂ ବିସ୍ତୃତ ପରିଯୋଜନା ପ୍ରତିବେଦନ ପ୍ରସ୍ତୁତ କରାଯାଇଛି ।

ସେ କହିଥିଲେ ଯେ, ଡିପିଆର ପ୍ରସ୍ତୁତି ପରେ ପରିଯୋଜନାକୁ ଅନୁମୋଦନ ପାଇଁ ରାଜ୍ୟ ସରକାର ସହିତ ବିଭିନ୍ନ ହିତଧାରୀଙ୍କ ସହ ପରାମର୍ଶ ଏବଂ ନୀତି ଆୟୋଗ ଓ ଅର୍ଥ ମନ୍ତ୍ରାଳୟଙ୍କ ଅନୁମୋଦନ ଆବଶ୍ୟକ । ପରିଯୋଜନା ଅନୁମୋଦନ ଏକ ଅବିରତ ଓ ଗତିଶୀଳ ପ୍ରକ୍ରିୟା ଥିବାରୁ ଏହି ସମୟରେ ନିଶ୍ଚିତ ସମୟସୀମା କହିବା ସମ୍ଭବ ନୁହେଁ । ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ ଯେ କୌଣସି ରେଳ ପରିଯୋଜନାର ଅନୁମୋଦନ ବିଭିନ୍ନ ପାରାମିଟରରେ ନିର୍ଭର କରେ । ଯେପରିକି ସମ୍ଭାବ୍ୟ ଯାତାୟାତ ଆନୁମାନ ଓ ଲାଭକାରୀତା, ପ୍ରଥମ ଓ ଶେଷ ମାଇଲ୍ ସଂଯୋଗ, ଅପୂର୍ଣ୍ଣ ସଂଯୋଗ ସମାପ୍ତି, ଭିଡ଼ ଲାଇନର ସୁଧାର, ରାଜ୍ୟ ସରକାର ଓ ଜନପ୍ରତିନିଧିଙ୍କ ଦାବି, ରେଳୱେର ପରିଚାଳନା ଆବଶ୍ୟକତା, ସାମାଜିକ-ଆର୍ଥିକ ପରିସ୍ଥିତି ଏବଂ ଲାଭ ଉପଲବ୍ଧତା । ସେ ଏହା ମଧ୍ୟ କହିଥିଲେ ଯେ ପରିଯୋଜନା ସମାପ୍ତି ଜମି ଅଧିଗ୍ରହଣ, ବନ ଅନୁମତି, ୟୁଟିଲିଟି ସ୍ଥାନାନ୍ତରଣ, ବିଭିନ୍ନ କାନୁନି ଅନୁମୋଦନ, ଭୂଗୋଳିକ ଓ ପ୍ରାକୃତିକ ପରିସ୍ଥିତି, କାନୁନ-ଶୃଙ୍ଖଳା ଓ କାର୍ଯ୍ୟ ମାସ ସଂଖ୍ୟା ପରି କାରକରେ ନିର୍ଭର କରେ । ସାଂସଦ ନିରଞ୍ଜନ ବିଶି ପଶ୍ଚିମ ଓଡ଼ିଶାର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ରେଳ ପରିଯୋଜନାକୁ ଶୀଘ୍ର ଅନୁମୋଦନ ଓ କାର୍ଯ୍ୟାନ୍ୱୟନ କରିବାକୁ ଦୃଢ଼ ଦାବି କରିଥିଲେ ।

## ଦେଶୀ ଲୁକ୍‌ରେ ଅନୁଷ୍କା



ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ଭାରତ ଛାଡି ବିଦେଶରେ ରହୁଛନ୍ତି । ହେଲେ ସେ ଯେବେ ନିଜ ଦେଶକୁ ଆସନ୍ତି, ତାଙ୍କର ଗୋଟିଏ ଝଲକ ପ୍ରଶଂସକଙ୍କ ହୃଦୟ ଜିତିନିଏ । ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହିତ ନଜର ଆସିଛନ୍ତି । କିଙ୍ଗ କୋହଲି ଜଣେ ହିରୋଙ୍କଠୁ କିଛି କମ୍ ଦେଖାଯାଉ ନଥିଲେ । ସମସ୍ତଙ୍କ ଦୃଷ୍ଟି ଅନୁଷ୍କାଙ୍କ ଉପରେ ମଧ୍ୟ କେନ୍ଦ୍ରିତ ହୋଇଥିଲା । ଯିଏକି ବେକରେ ତୁଳସୀ ମାଳି ସହିତ ସୁଟ୍ ପିନ୍ଧି ତାଙ୍କର ସରଳତାର ପରିଚୟ ଦେଇଛନ୍ତି । ବିରୁଷ୍କାଙ୍କର ଏହି ଏୟାରପୋର୍ଟ ଲୁକ୍ ସମସ୍ତଙ୍କୁ ଆକର୍ଷିତ କରିଛି ।

### ସିନେମାଫିନେମା ଟିଭିଫିବି

ବିରାଟ ଏବଂ ଅନୁଷ୍କା ସର୍ବଦା ସେମାନଙ୍କର ଷ୍ଟାଇଲିସ୍ ଲୁକ୍ ସହ ତାଙ୍କ ଫ୍ୟାନ୍ସଙ୍କ ହୃଦୟ ଜିତିଥାନ୍ତି, ଏଥର ସେମାନଙ୍କର ଷ୍ଟାଇଲ୍ ଭିନ୍ନ ଥିଲା । ବିରାଟଙ୍କ ଲୁକ୍ ତାଙ୍କ ହେୟାର ଷ୍ଟାଇଲ ଏକଦମ ପରିବର୍ତ୍ତନ ହୋଇଥିଲା । ପ୍ରେମାନନ୍ଦ ମହାରାଜଙ୍କଠାରୁ ଦୀକ୍ଷା ଗ୍ରହଣ କରିବା ପରେ ଦେଶୀ ଲୁକ୍‌ରେ ନଜର ଆସିଥିବା ଅନୁଷ୍କା ମଧ୍ୟ ନିଆରା ଦେଖାଯାଉଥିଲେ । ବିରାଟ ଏବଂ ଅନୁଷ୍କାଙ୍କୁ ବିମାନବନ୍ଦରରେ ଦେଖିବାକୁ ମିଳିଛି । ସେମାନଙ୍କ ଷ୍ଟାଇଲ୍ ପ୍ରତ୍ୟେକ ଥର ଲୋକଙ୍କୁ ପ୍ରଭାବିତ କରେ । ଅନୁଷ୍କାଙ୍କ ଗୁଲମୋହର ମୁଗଲ ବ୍ଲୁ ବ୍ଲକ୍ ପ୍ରିଣ୍ଟେଡ୍ ସୁଟ୍ ପିନ୍ଧିଥିବା ଦେଖିବାକୁ ମିଳିଛି । ସୁଟଟି ରିଦ୍ଧି ସୁରୀ ଲେବଲର । ଯାହାର ପ୍ରାଇସ୍ ୧୦, ୫୦୦ ଟଙ୍କା ହେବ । ବର୍ତ୍ତମାନ ୱେବସାଇଟରେ ତାହା ୧୦ ପ୍ରତିଶିତ ଅଫରେ ୯,୪୫୦ଟଙ୍କାରେ ଉପଲବ୍ଧ । ସୁଟଟି ୧୦୦% କଟନ । ଅନୁଷ୍କାଙ୍କ ସୁଟ୍‌ରେ ଗୋଟିଏ ଗୋଟିଏ ଫୁଲ ଡିଜାଇନ ରହିଥିଲା । ଅଖିଲେ ସନଗ୍ଲାସରେ ଅନୁଷ୍କାଙ୍କ ଲୁକ୍ ଜବରଦସ୍ତ ଥିଲା ।

ବିରାଟଙ୍କ ଲୁକ୍ ବିଷୟରେ କହିବାକୁ ଗଲେ, ସେ ଏକ ଅଫ୍-ହ୍ୱାଇଟ୍ ସାର୍ଟ ପିନ୍ଧିଥିବାର ଦେଖିବାକୁ ମିଳିଛି । ଯାହାର ସାମ୍ନା ଭାଗର ଉଭୟ ପାର୍ଶ୍ୱରେ ପକେଟ୍ ଥିଲା । ସେ ହାତକୁ ଫୋଲ୍ଡ କରି ଷ୍ଟାଇଲ୍ କରିଥିଲେ । ସେ କଳା ଢିଲା-ଫିଟ୍ ହୋଇଥିବା ବ୍ୟାଗି ଟ୍ରାଉଜର ପିନ୍ଧିଥିଲେ । ଧଳା ଜୋତା ସହିତ କଳା ସନଗ୍ଲାସ୍ ଏବଂ ଏକ ଅଲିଭ୍ ସବୁଜ ବ୍ୟାଗ ସହିତ ଏକଦମ ହିରୋ ଲୁକରେ ନଜର ଆସିଥିଲେ ବିରାଟ ।

# ରାସ୍ତା ତଳେ ନଳକୂପ: ପିଇବା ପାଣି ପାଇଁ ହଟହଟା



**୧୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟାରୁ ବାଦିବାହାଲ ଆରଡି ରାସ୍ତା ପ୍ରଶସ୍ତ ଓ ଉନ୍ନତୀକରଣ କାମ ଚାଲିଛି । ଏହାଦ୍ୱାରା ରାସ୍ତା ପାର୍ଶ୍ୱରେ ଥିବା କେତେକ ନଳକୂପ ଗୁଡିକ ରାସ୍ତାରୁ ତଳେ ରହିଯାଇଛି । ରାସ୍ତା ତଳେ ରହିଯାଇଥିବାରୁ ନଳକୂପଗୁଡିକ ପଥଚାରୀଙ୍କୁ ଦେଖାଯାଉନାହିଁ । ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀମାନେ ପିଇବା ପାଣି ପାଇଁ ହଟହଟା ହେଉଛନ୍ତି । ରାସ୍ତା ତଳେ ନଳକୂପ ଥିବାରୁ ସ୍ଥାନୀୟ ଲୋକେ ବ୍ୟବହାର କରୁଥିବାରୁ ଚାନ୍ଦିନି ଉପରେ ପାଣି ଜମି ରହୁଛି । ସେହି ନଳକୂପ ଗୁଡିକର ପାଣି ବ୍ୟବହାର ହେଉଥିବାରୁ ନାନାଦି ରୋଗ ଆଶଙ୍କା ରହିଛି । ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ସମାନତାରେ ନଳକୂପ ଗୁଡିକର ଚାନ୍ଦିନି ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।

ସୂଚନା ଅନୁଯାୟୀ, ଉକ୍ତ ରାସ୍ତାର ଯୋଗୀସର୍ଡ କଲେଜ ନିକଟସ୍ଥ ଚାରିଛକ କୋଣରେ ଏକ ନଳକୂପ ରହିଛି । ଉକ୍ତ ଚାରିଛକର ପୂର୍ବରୁ ଭାଲୁପାଲି ରାସ୍ତା ଉଚ୍ଚତାରେ ରହିଥିବାବେଳେ ଗୁର୍ଜିଭାଟ-ବାଦିବାହାଲ ନୂତନ ରାସ୍ତା ନିର୍ମାଣ ପରେ ଉକ୍ତ ରାସ୍ତାର ଉଚ୍ଚତା ମଧ୍ୟ ବୃଦ୍ଧି ପାଇଛି । ଏଣୁ ଉକ୍ତ କୋଣରେ ଥିବା ନଳକୂପ ରାସ୍ତା ତଳେ ରହିଯାଇଥିବାରୁ ଆଉ ଯାତ୍ରୀଙ୍କୁ ଦୃଶ୍ୟମାନ ହେଉନାହିଁ । ଏହାଛଡା ରାସ୍ତା ଉଚ୍ଚତା ପରେ ପାଣି ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ନଳକୂପ ଚାନ୍ଦିନିରେ ପାଣି ଜମି ରହୁଛି । କଲେଜ ଛାତ୍ରଛାତ୍ରୀ ସମେତ ସେହି ଅଞ୍ଚଳରେ ରହିଥିବା ହୋଟେଲ ବ୍ୟବସାୟୀମାନେ ଉକ୍ତ ନଳକୂପ ପାଣି ଲୋକଙ୍କୁ ପିଉଥିବାରୁ ଜଳବାହିତ ରୋଗ ହେବା ନେଇ ଆଶଙ୍କା ଦେଖାଦେଇଛି ।

ସେହିପରି ବାଦିବାହାଲ ହନୁମାନଛକ ଠାରେ ବାଦିବାହାଲ ବସ୍ତିକୁ ପ୍ରବେଶ ଗେଟ ନିକଟରେ ଆଉ ଏକ ନଳକୂପ ରହିଛି । ସେଠାରେ ମଧ୍ୟ ସମାନ ଅବସ୍ଥା ଲାଗି ରହିଛି । ଏଣୁ ବ୍ଲକ ପ୍ରଶାସନ ଓ ଜନ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କ ସହିତ କଥା ହୋଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି ବିଭାଗୀୟ ଯନ୍ତ୍ରୀ ମରିଶ ରୋଶନ କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର– ଅମାବାସ୍ୟା |
|---|---|
| ୧୭.୨.୨୦୨୬ | ନକ୍ଷତ୍ର– ଧନିଷ୍ଠା, ମକରଚନ୍ଦ୍ର |

| | |
|---|---|
| ମେଷ | : ଶତ୍ରୁରେ ବିଜୟ ହେବେ । |
| ବୃଷ | : ସହଯୋଗ ବୃଦ୍ଧି ପାଇବ । |
| ମିଥୁନ | : ଅପମାନ ଯୋଗ ରହିଛି । |
| କର୍କଟ | : ଧନଲାଭ ହେବ । |
| ସିଂହ | : ସମ୍ମାନିତ ହେବେ । |
| କନ୍ୟା | : ବନ୍ଧୁଲାଭ ହେବେ । |
| ତୁଳା | : କଳହ ଯୋଗ ରହିଛି । |
| ବିଛା | : ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| ଧନୁ | : ସମ୍ମାନ ବୃଦ୍ଧି ପାଇବ । |
| ମକର | : ସୁଖନିଦ୍ରା ଯିବେ । |
| କୁମ୍ଭ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ମୀନ | : ଯାତ୍ରାରେ ଶୁଭଫଳ ପାଇବେ । |

# ଗଞ୍ଜେଇ ଜବତ, ୨ ମାଫିଆ ଗିରଫ

**କନ୍ଧମାଳ, ୧୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥମୁନି ଗଞ୍ଜେଇ ଚୋରା ଚାଲାଣ । ରାଜ୍ୟ ବାହାରର ବ୍ୟବସାୟୀ ଜିଲ୍ଲା ମାଫିଆଙ୍କୁ ସଲାସୁତରା କରି ଗଞ୍ଜେଇ ଚୋରା ଚାଲାଣ କରୁଛନ୍ତି । ସ୍ଥାନୀୟ ପୁଲିସ ଏହା ଉପରେ କଡ଼ା ନଜର ରଖିଥିଲେ ବି ଗଳା ବାଟ ଦେଇ ଫେରାର୍ ମାରୁଛନ୍ତି ଗଞ୍ଜେଇ ମାଫିଆ । ତେବେ ଆଜି ଚେକିଂ ବେଳେ ଫିରିଙ୍ଗିଆ ପୁଲିସ ଦୁଇ ଗଞ୍ଜେଅ ମାଫିଆଙ୍କୁ ଧରିବାରେ ସଫଳ ହୋଇଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଖଜୁରୀପଡ଼ା ଥାନା ବଡ଼ଭୂଇଁ ଗାଁର ସୁଦାମ ଏଲିଆସ୍ ଜିତେନ୍ଦ୍ର ସାହାଣୀ । ଅନ୍ୟ ଜଣେ ଫିରିଙ୍ଗିଆ ବ୍ଲାକ୍ ଗୋଛାପଡ଼ା ଥାନା କାଣିବାଲି ଗାଁର ଭାସ୍କର କର୍ଣ୍ଣ ବୋଲି ଜଣାପଡ଼ିଛି ।

ସୂଚନା ଅନୁସାରେ ଦୁଇ ଗଞ୍ଜେଇ ମାଫିଆ ରବିବାର ଦିନ ଫିରିଙ୍ଗିଆ ଥାନା ଅଧୀନସ୍ଥ ଗଞ୍ଜୁଖୋଲ ଗାଁରୁ ଏକ ଅଟୋ ଯୋଗେ ଫୁଲବାଣୀ ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିଲେ । ଫିରିଙ୍ଗିଆ ପୁଲିସ କୌଣସି ସୂତ୍ରରୁ ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନେତୃତ୍ୱରେ ଏସଆଇ ଅଜୟ କୁମାର ସାହୁ ଏବଂ ଏସଆଇ ପ୍ରମୋଦ କୁମର ବେହେରାଙ୍କ ସହ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା । ଏହି ସମୟରେ ପୁଲିସ ଦେଖି ଦୁଇ ମାଫିଆ ଚମ୍ପଟ୍ ମାରିବାକୁ ଚେଷ୍ଟା କରିଥିଲେ । ହେଲେ ପୁଲିସ ଫିଲ୍ମ ଷ୍ଟାଇଲରେ ଦୁଇଜଣଙ୍କୁ ଗିରଫ କରିଥିଲା । ଏଥିସହ ଗୋଟିଏ ଅଟୋ ସହ ୬୦ କେ.ଜି ଗଞ୍ଜେଇ ଜବତ କରିଛି । ଅନ୍ୟପଟେ ଏହି ଘଟଣାରେ ଫିରିଙ୍ଗିଆ ଥାନାରେ ୪୩/୨୦୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ ।

# ଜୀବିତ ବୃଦ୍ଧା ମୃତ : ୪ ବର୍ଷ ହେଲା ସରକାରୀ ସୁବିଧାରୁ ବଞ୍ଚିତ

**ଥୁଆମୂଳ ରାମପୁର, ୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଅଡ୍ରି ପଞ୍ଚାୟତସ୍ଥିତ ଦୋଲଗୁଡ଼ା ଗ୍ରାମରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି, ତାହା ବିକାଶର ନଗ୍ନଚିତ୍ରକୁ ପଦାରେ ପକାଇଛି । ଜଣେ ଜୀବିତ ବୃଦ୍ଧାଙ୍କୁ କାଗଜପତ୍ରରେ ମୃତ ସଜାଇ ଦୀର୍ଘ ୪ ବର୍ଷ ହେଲା ତାଙ୍କ ମୁହଁରୁ ଦାନା ଛଡ଼ାଇ ନିଆଯାଇଥିବା ବେଳେ ପ୍ରଶାସନ ଚୁପ୍ ବସିଛି ।

ଅଭିଯୋଗ ଅନୁଯାୟୀ, ଗ୍ରାମର ସାବିତ୍ରୀ ନାୟକଙ୍କୁ ପାଖାପାଖି ୮୦ ବର୍ଷ ହୋଇଥିଲେ ସୁଦ୍ଧା ସରକାରୀ ସହାୟତା କହିଲେ ଶୂନ । ଭତ୍ତା କଥା ଛାଡ଼ନ୍ତୁ । ତାଙ୍କୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଖଣ୍ଡେ ଘର ମଧ୍ୟ ମିଳିପାରିଲା ନାହିଁ । ଏହି ବୟସରେ ସେ ନିଜକୁ ଜୀବିତ ବୋଲି ପ୍ରମାଣ କରିବାକୁ ସଂଘର୍ଷ କରୁଥିବା ବେଳେ ତାଙ୍କ ସ୍ୱାମୀ ପ୍ରସାଦ ନାୟକଙ୍କୁ ମଧ୍ୟ ଗତ ୪ ମାସ ହେଲା ଭତ୍ତା ମିଳୁନାହିଁ । ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି, ଗରିବ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଟଙ୍କା କୁଆଡ଼େ ଯାଉଛି? ଲୋକେ ଭୋଟ ଦେଇ ଜନପ୍ରତିନିଧି ବାଛିଛନ୍ତି ସେମାନଙ୍କ ସୁଖଦୁଃଖ ବୁଝିବା ପାଇଁ । କିନ୍ତୁ ଜଣେ ଅସହାୟ ବୃଦ୍ଧାଙ୍କୁ ତାଙ୍କର ହକ୍ ଭତ୍ତା ଓ ଘର ଖଣ୍ଡେ କରାଇ ଦେବାରେ ଏହି ନେତାମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏଠାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ କରୁଛନ୍ତି କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି? ଜୀବିତ ହିତାଧିକାରୀଙ୍କୁ ମୃତ ଘୋଷଣା କରିବା ପଛରେ କୌଣସି ବଡ଼ ଘୋଟାଲା ରହିଥିବା ଅନୁମାନ କରାଯାଉଛି । ଏ ସମ୍ପର୍କରେ ଅଡ୍ରି ପଞ୍ଚାୟତର ପିଇଓ କୀର୍ତ୍ତି ଚନ୍ଦ୍ର ମାଝୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୁଁ ପୂର୍ବରୁ ଏହି ପଞ୍ଚାୟତ ଦାୟିତ୍ୱରେ ନ ଥିଲି, କାହିଁକି ଏଭଳି ହୋଇଛି ମୁଁ ଦେଖୁଛି । ବ୍ଲକରୁ ମଧ୍ୟ ଏନେଇ ସୂଚନା ମିଳିଛି ଏବଂ ମୁଁ ବୃଦ୍ଧାଙ୍କ ସମସ୍ତ ତଥ୍ୟ ବିଏସ୍ଏସ୍ଓ କାର୍ଯ୍ୟାଳୟରେ ଦେଇ ସାରିଛି ।

ସେହିପରି ବିଡିଓ ଧ୍ରୁବ ଚରଣ ମୁଦୁଲି ମଧ୍ୟ ଘଟଣାର ତଦନ୍ତ କରି ବୁଝୁଛନ୍ତି ବୋଲି ପ୍ରତିକ୍ରିୟା ଦେଇଛନ୍ତି । ବୃଦ୍ଧା ସାବିତ୍ରୀ ପୂର୍ବରୁ ୫୦୦ ଟଙ୍କା ଭତ୍ତା ପାଉଥିଲେ, କିନ୍ତୁ ୪ ବର୍ଷ ହେଲା ସେଥିରୁ ବଞ୍ଚିତ ଅଛନ୍ତି । ଏବେ ୪ ବର୍ଷର ସମସ୍ତ ବକେୟା ଟଙ୍କା ସହ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି । ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସାବିତ୍ରୀଙ୍କୁ ନ୍ୟାୟ ନ ଦେଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଛାତ୍ରଙ୍କୁ ନିର୍ଦ୍ଧୁମ ପିଟିଲେ ଶିକ୍ଷକ

**ପାଟଣାଗଡ଼, ୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପାଟଣାଗଡ଼ ବ୍ଲକ ବନେଇମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଆଶ୍ରମରେ ନିର୍ଯାତନାର ଶିକାର ହୋଇ ଶନିବାର ୭ ଜଣ ଛାତ୍ର ହଷ୍ଟେଲ ଛାଡ଼ି ଫେରାର ହୋଇଯାଇଥିଲେ । ଜଣେ ଛାତ୍ରଙ୍କ ଅଭିଭାବକ ସେମାନଙ୍କୁ ଉଦ୍ଧାର କରି ହଷ୍ଟେଲକୁ ଫେରାଇ ଆଣିବା ପରେ ଏବେ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ସେଠାରେ କାର୍ଯ୍ୟରତ ଜଣେ ଶିକ୍ଷକ ଛାତ୍ରମାନଙ୍କୁ ବାଉଁଶ ବାଡ଼ିରେ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହେଉଛି । ଶନିବାର ସ୍କୁଲ ସମୟରେ ପୁଣି ମାଡ଼ ମାରିବା ସହ ଧମକ ଦେବାରୁ ଛାତ୍ରମାନେ ଭୟଭୀତ ହୋଇ ଫେରାର ହୋଇଯାଇଥିଲେ । ଶିକ୍ଷକଙ୍କ ଅମାନୁଷିକ ମାଡ଼ ଯୋଗୁଁ ଛାତ୍ରମାନେ ଗୁରୁତର ଆହତ ହୋଇଥିବା ବେଳେ ଜଣେ ଛାତ୍ରଚାଲିପାରୁ ନଥିବା ଛାତ୍ରଙ୍କ ମାମୁଁ ବାବୁଲାଲ ଧରୁଆ ଅଭିଯୋଗ କରିଛନ୍ତି । ତାଙ୍କ ପରିବାରରେ ଲୋକେ ସମ୍ପୃକ୍ତ ଛାତ୍ରଙ୍କୁ ନେଇ ଚିକିତ୍ସା କରାଇଛନ୍ତି । ଅଭିଯୋଗ ଅନୁସାରେ, ଶୁକ୍ରବାର ବିଦ୍ୟାଳୟ ଛୁଟି ହେବାପରେ ଛାତ୍ରମାନେ ଏକାଠି ମିଶି ଖେଳୁଥିଲେ । ସେହି ସମୟରେ ଆଶ୍ରମର ଜୈନିକ ଶିକ୍ଷକ ୭ ଜଣ ଛାତ୍ରଙ୍କୁ ଡାକି କାହିଁକି ବାହାରେ ଖେଳୁ । ବୋଲି ଗାଳିଗୁଲଜ କରିଥିଲେ । ପରେ ଏକ ବାଉଁଶ ବାଡ଼ିରେ ନିସ୍ତୁକ ମାଡ଼ ମାରିଥିଲେ । ଏଥିସହ ଶନିବାର କ୍ଲାସରୁମ୍ରେ ପୁଣି ସମସ୍ତଙ୍କୁ ମାଡ଼ ଦିଆଯିବ ବୋଲି ତାଗିଦ୍ କରିଥିଲେ । ଶିକ୍ଷକଙ୍କ ମାଡ଼ ଭୟରେ ଉକ୍ତ ୭ ଜଣ ଛାତ୍ର ରାତିରେ ଆଶ୍ରମ ପାଚେରୀ ଡେଇଁ ବାହାରକୁ ପଳାଇଥିଲେ । ମାଡ଼ ଭୟରେ ସେମାନେ ରାତିତମାମ ବରପଦର ଗାଁର ଏକ ଦୋକାନ ବାରଣ୍ଡାରେ ଶୋଇଥିବାବେଳେ ସକାଳୁ ଏକ ଘରୋଇ ବସ୍ରେ ବଲାଙ୍ଗିର ବସଷ୍ଟାଣ୍ଡରେ ପହଞ୍ଚିଥିଲେ ।

ସେଠାରୁ ରେଳ ଷ୍ଟେସନକୁ ଯାଉଥିବାବେଳେ ବାଟରେ ଜଣେ ଛାତ୍ରଙ୍କ ଅଭିଭାବକ ସେମାନଙ୍କୁ ଦେଖି ସବୁ କଥା ପଚାରି ବୁଝିଥିଲେ । ପରେ ଏକ ଅଟୋ ଯୋଗେ ଆଶ୍ରମକୁ ଫେରାଇ ଆଣିଥିଲେ । ଆଶ୍ରମ ଫେରିବା ପରେ ଛାତ୍ରମାନେ ମାନସିକସ୍ତରରେ ଆହୁରି ଭୟଭିତ ହୋଇ ବାହାରକୁ ବାହାରିନଥିଲେ । କିଛି ସମୟ ପରେ ଜଣେ ଛାତ୍ରଙ୍କ ଅବସ୍ଥା ଗୁରୁତର ହୋଇଥିଲା । ଗୋଡ଼ରେ ଶକ୍ତ ଆଘାତ ଯୋଗୁ ଛାତ୍ର ଜଣକ ଚାଲିପାରୁନଥିବା ତାଙ୍କ ମା' ଖବର ପାଇଥିଲେ । ସେ ରବିବାର ଆଶ୍ରମରେ ପହଞ୍ଚି ଗୁରୁତର ଛାତ୍ରଙ୍କୁ ନେଇ ନିଜଘରକୁ ଫେରିଯାଇଥିଲେ । ଡାକ୍ତରଙ୍କ ପରାମର୍ଶକ୍ରମେ ଗୁରୁତର ଛାତ୍ର ଜଣକ ନିଜଘରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏହି ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ଆଶ୍ରମରେ ଅନେକ ଅବ୍ୟବସ୍ଥା ଥିବାବେଳେ ସେ ଗୁଡ଼ିକର ସମାଧାନ କରାଯିବା ବଦଳରେ ଶିକ୍ଷକମାନେ ଛାତ୍ରମାନଙ୍କ ଉପରେ ଅତ୍ୟାଚାର ଚଳାଇଥିବା ସମ୍ପୃକ୍ତ ଛାତ୍ରଙ୍କ ମାଁ ଅଭିଯୋଗ କରିଛନ୍ତି । ଯେଉଁ ଶିକ୍ଷକ ଏଭଳି ଅମାନୁଷିକ କାର୍ଯ୍ୟ କରିଛନ୍ତି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ତାଙ୍କ ମାମୁ ବାବୁଲାଲ ଦାବି କରିଛନ୍ତି । ଏଭଳି ଅଭିଯୋଗ ସମ୍ପର୍କରେ ଆଶ୍ରମ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଜ୍ଞାନ ମଞ୍ଜରୀ ଶିକାଙ୍କୁ ପଚାରିବାରୁ ଘଟଣାକୁ ସେ ସ୍ୱୀକାର କରିଛନ୍ତି । ଛାତ୍ରମାନଙ୍କୁ ମାଡ଼ମାରିବା ଉଚିତ ନଥିଲା, ସଂପୃକ୍ତ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି । ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏଦିଗରେ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଘୋଡାପଲାଣ ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

# ୮ଟି ଅଭିଯୋଗର ତତ୍କାଳ ସମାଧାନ


**ପୋଲସରା, ୧୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲସରା ବ୍ଲକ ଘୋଡାପଲାଣ ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଦୀପ୍ତିମୟୀ ପାତ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଘୋଡାପଲାଣ ପଞ୍ଚାୟତର ଘୋଡାପଲାଣ, କରାତଳି, କରଞ୍ଜରା ଗ୍ରାମର ଜନସାଧାରଣଙ୍କ ଅଭିଯୋଗ ପଞ୍ଜିକରଣ କରିଥିଲେ । ଏଥିରେ ମୋଟ ୫୪ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା । ସେଥିମଧ୍ୟରୁ ୮ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ୮ ଜଣଙ୍କୁ ଘରପଟ୍ଟା ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଧିରେନ୍ଦ୍ର କୁମାର ସେଠୀ, ସମିତିସଭ୍ୟାଙ୍କ ପ୍ରତିନିଧି କାଳିଚରଣ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଝୁନୁ ଦାସ, କବିସୂର୍ଯ୍ୟନଗର ଥାନା ଅଧିକାରୀ ନିରଞ୍ଜନ ଦାସ,ଏବିଡିଓ ସୋନମ୍ ବେହେରା,ବାଲିଛାଇ ଫାଣ୍ଡି ଅଧିକାରୀ ବୈକୁଣ୍ଠନାଥ ଜେନା ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ । ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରୂପ ତ୍ରିପାଠୀ, ବ୍ଲକ ଯନ୍ତ୍ରୀ ଶରତ ଚନ୍ଦ୍ର ମଲ୍ଲ, କୃଷି ଅଧିକାରୀ ଗଣେଶ୍ୱର ସାହୁ, ବିଭିଓ ଡଃ ଭକ୍ତଚରଣ ଦଳାଇ,ଫିସରୀ ପ୍ରିୟବ୍ରତ ଦାସ, ବରିଷ୍ଠ ରାଜସ୍ୱ ସହାୟକ ଗିରିଜା ଶଙ୍କର ମିଶ୍ର,ବନପାଳ ମୁନା ଦାସ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଜନଶୁଣାଣିରେ ଯୋଗଦେଇଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ବରାଡ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ଜନଶୁଣାଣୀ ଅଧିକାରୀଣୀ ଲିପ୍ସା ରାଣୀ ଭଞ୍ଜ, ଏଡିଓ ଉମାଶଙ୍କର ଆଚାର୍ଯ୍ୟ ସମେତ ଅଙ୍ଗନବାଡ଼ି କର୍ମୀ, ସିଆରପି, ଏମବିକେ ବ୍ଲକ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ । କରାତଳୀ ଗ୍ରାମର ପୂର୍ବ ଉତ୍ତର ସାହିରେ ପାଖାପାଖି ୨୦ ଜଣ ପରିବାର ରହୁଥିବା ବେଳେ ସେମାନଙ୍କ ପାଇଁ ପାନୀୟ ଜଳଯୋଗାଣର କୌଣସି ବ୍ୟବସ୍ଥା ନଥିବା ବେଳେ ସେଥିପାଇଁ ଦୃଷ୍ଟି ଆକର୍ଷଣ କରିବା ସହିତ ଉକ୍ତ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଟେପ୍ ଜରିଆରେ ପାନୀୟଜଳ ଯୋଗାଣ ନାମରେ ଫୋଟ ଉଠାଇ ଅର୍ଥ ହେରଫେର ହୋଇଥିବା ଭଳି ଅଭିଯୋଗ ମଧ୍ୟ ଆସିଥିଲା । ଏହାକୁ ନେଇ ବିଡ଼ିଓ ଶ୍ରୀ ମହାପାତ୍ର ଅତି ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।

# ଭାରସାମ୍ୟ ହରାଇ ଗଛରେ ପିଟି ହେଲା କାର, ୧ ମୃତ

**ଘଟଗାଁ, ୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ହସ ଖୁସିରେ ଆଜି ଭଳି ଏକ ପବିତ୍ର ଦିନରେ ଆସୁଥିବା ବେଳେ ହରିଚନ୍ଦନପୁର ଘଟଗାଁ ରାସ୍ତାର ଧୁବୁଲାବେଡା ଛକ ନିକଟରେ ଘଟିଛି ଦୁର୍ଘଟଣା । ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟିହେଲା କାର । ଦୁର୍ଘଟଣାରେ ୧



ମୃତ, ୫ ଗୁରୁତର । ମୃତକ ହେଲେ ଆଠଗଡ଼ ବଡମ୍ବା ଗ୍ରାମର ରବୀନ୍ଦ୍ର ନାଥ ମହାନ୍ତି । ଝିଅ, ଜ୍ୱାଇଁ ଓ ପରିବାର ସହିତ ମା ତାରିଣୀଙ୍କ ଦର୍ଶନ ପାଇଁ ଆସୁଥିବା ସମୟରେ । ଧୁବୁଲାବେଡ଼ା ଛକ ନିକଟରେ ଏକ ଗଛରେ କାରଟି ପିଟି ହୋଇ ଦୁର୍ଘଟଣା ଘଟିଛି । ଜ୍ୱାଇଁ ଡ୍ରାଇଭିଂ କରୁଥିବା ବେଳେ ବାମରେ ଥିବା ଆଗ ସିଟ୍ ରେ ବସିଥିଲେ ଶଶୁର ରବୀନ୍ଦ୍ରନାଥ ମହାନ୍ତି । ଘଟଣାସ୍ଥଳରେ ଶଶୁରଙ୍କ ମୃତ୍ୟୁ ଘଟିଛି ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଁଚି ଗାଡ଼ିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି ।

# ଜଗନ୍ନାଥ ମନ୍ଦିର ନିକଟରେ ବଡ଼ ଅଗ୍ନିକାଣ୍ଡ

**ପୁରୀ, ୧୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିର ନିକଟରେ ଥିବା ଶ୍ରୀଦାଣ୍ଡର ଏକ ଇଲେକ୍ଟ୍ରି ଟ୍ରାନ୍ସଫରମରରେ ନିଆଁ ଲାଗିବାରୁ ବଡଧରଣର ଅଗ୍ନିକାଣ୍ଡ ଘଟିଛ । ରବିବାର ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ଦୁଇଟି ଦମକଳ ଗାଡି ଆସି ନିଆଁକୁ ଆୟତ୍ତ କରିଛନ୍ତି । ପ୍ରାୟ ଏକଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଟ୍ରାନ୍ସଫରମରରେ ନିଆଁ ଲାଗି ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । ସବୁବେଳେ ଶ୍ରୀଦାଣ୍ଡ ଅନ୍ଧାରିଆ ହୋଇଥିବାରୁ ଏହାର ସୁଯୋଗ ନେଇ କିଛି ନିଶାଖୋର ଯୁବକମାନେ ସିଗାରେଟ୍ କିମ୍ବା ବିଡି ଖାଇ ଫୋପାଡି ଦେବାରୁ ଟ୍ରାନସଫରମରରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି ।

ତେବେ ଟ୍ରାନସଫରମରଟି ସମ୍ପୂର୍ଣ୍ଣ ଭାବେ ଜଳିପୋଡି ପାଉଁଶ ହୋଇଯାଇଥିବା ବେଳେ ନିଆଁ କୌଣସି ଇଲେକ୍ଟ୍ରିତାରକୁ କବଳିତ କରିବା ପୂର୍ବରୁ ସ୍ଥାନୀୟ ଲୋକମାନେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଅଗ୍ନିଶମ ବିଭାଗର ଦୁଇଟି ଗାଡି ପହଞ୍ଚି ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଆଁକୁ ଆୟତ୍ତ କରିଥିଲେ । ତେବେ କେହିକେହି ସକସର୍କିଟ ଯୋଗୁଁ ଟ୍ରାନସଫରମରରେ ନିଆଁ ଲାଗିଥିବା କହିଥିବା ବେଳେ ଅନ୍ଧାରର ସୁଯୋଗ ନେଇ ନିଶାସକ୍ତ ଯୁବକ ମାନେ ଜଳନ୍ତା ସିଗାରେଟ୍ ଫୋପାଡିବାରୁ ବଡଧରଣର ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ କଣ ତାହା ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

# ବାଫଳାମାଳୀରେ ଖଣି ପ୍ରଭାବିତଙ୍କ ଧାରଣା

**ରାୟଗଡ଼ା, ୧୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**



ରାୟଗଡା ଜିଲ୍ଲାର କାଶୀପୁର ବ୍ଲକ ଅନ୍ତର୍ଗତ ବାଫଳା ମାଳି ଅଞ୍ଚଳରେ ଖଣି ପ୍ରଭାବିତ ଲୋକଙ୍କ ଅସନ୍ତୋଷ ତୀବ୍ର ରୂପ ନେଇଛି । ବାଫଳା ମାଳି ପ୍ରଗତି ସଂଗଠନର ଆହ୍ୱାନରେ ଅଞ୍ଚଳବାସୀ ୧୫ ଦଫା ଦାବିକୁ ନେଇ ଶାନ୍ତିପୂର୍ଣ୍ଣ ଗଣଧାରଣା ଓ ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି ।

ଏହି ଅଞ୍ଚଳରୁ ବକ୍ସାଇଟ ଖନନ କରି ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍ ପ୍ରକଳ୍ପକୁ ଯୋଗାଣ ଦିଆଯାଉଥିବା ସତ୍ତ୍ୱେ, ଖଣି ପ୍ରଭାବିତ ୪ଟି ପଞ୍ଚାୟତରେ ଦୀର୍ଘ ଦୁଇ ଦଶକ ଧରି ମୌଳିକ ଉନ୍ନୟନ ହୋଇନଥିବା ଅଭିଯୋଗ ଉଠିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଯାତାୟାତ, ପରିବେଶ ସୁରକ୍ଷା, ସ୍ଥାୟୀ ନିଯୁକ୍ତି ଓ ଜୀବିକାରେ କୌଣସି ଦୃଶ୍ୟମାନ ପରିବର୍ତ୍ତନ ଆସିନାହିଁ । ଧାରଣାକାରୀମାନେ ଅଭିଯୋଗ କରିଛନ୍ତି ଯେ, ପ୍ରକଳ୍ପର ବାର୍ଷିକ ଲାଭରୁ ୨% ସିଏସଆର ମାଧ୍ୟମରେ ଓ ଡିଏମଏଫ ତହବିଲରୁ କୋଟି କୋଟି ଟଙ୍କା ପେରିଫେରି ଡେଭେଲପମେଣ୍ଟ ନାମରେ ବ୍ୟୟ ହେଉଥିବା କୁହାଯାଉଛି, କିନ୍ତୁ ସେହି ଅର୍ଥ କେଉଁଠି, କାହା ପାଇଁ ଓ କିପରି ବ୍ୟବହୃତ ହେଲା ତାହାର ସ୍ୱଷ୍ଟତା ନାହିଁ । ଏନେଇ ପ୍ରଶାସନ ଓ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି ।

ପ୍ରତିବାଦକାରୀମାନଙ୍କ ସତର୍କବାଣୀ ରହିଛି– ଯଦି ତୁରନ୍ତ ୧୫ ଦଫା ଦାବୀ ଉପରେ ଗୁରୁତ୍ୱ ଦିଆଯିବ ନାହିଁ ଓ ସ୍ଥାୟୀ ସମାଧାନ ନ ହୁଏ, ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ଏବଂ ଧାରଣା ଜାରି ରହିବ । ଏହା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଖଣି ପ୍ରଭାବିତ ଅଞ୍ଚଳକୁ ପ୍ରବେଶରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ମଧ୍ୟ ଆସିଛି । ଅଞ୍ଚଳର ସମସ୍ୟା ଲୋକଲୋଚନରେ ଆସିବାକୁ ଦିଆଯାଉନଥିବାରୁ ସାମ୍ବାଦିକମାନଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷାର ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି । ସ୍ଥାନୀୟ ଲୋକଙ୍କ ମତରେ, ଖଣିରୁ ସମ୍ପଦ ବାହାରୁଥିବା ସତ୍ତ୍ୱେ ଅଞ୍ଚଳର ସାମାଜିକ-ଆର୍ଥିକ ଉନ୍ନତି ନ ହେବା ଗଭୀର ଅସମତାକୁ ପ୍ରକାଶ କରୁଛି । ଏନେଇ ପ୍ରଶାସନ ତରଫରୁ ସଂଳାପ ଆରମ୍ଭ ହେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# କାମରେ ଆସୁନି ଶୌଚାଳୟ





**ବୁଗୁଡ଼ା, ୧୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ସହର ଅନ୍ତର୍ଗତ ମଦନ ମୋହନ ଛକସ୍ଥିତ ଶୌଚାଳୟଟି ଗତ ମାସଠାରୁ ଲୋକଙ୍କ କାମରେ ଆସୁନଥିବା ଜଣାଯାଇଛି । ଶୌଚାଳୟର ପାଣି ପମ୍ପଟି ଖରାପ ହୋଇଯାଇଥିବାରୁ ଜଳର ଅଭାବ ହେତୁ ଶୌଚାଳୟ ଲୋକଙ୍କ କାମରେ ଆସୁନି । ଶୌଚ ପାଇଁ ଲୋକେ ଶୌଚାଳୟକୁ ଆସି ନିରାଶରେ ଫେରିବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି । ପାଣି ପମ୍ପଟିକୁ ସଜାଡି ଶୌଚାଳୟରେ ଜଳର ସୁବିଧା କରାଇ ଶୌଚାଳୟଟିକୁ କାର୍ଯ୍ୟକ୍ଷମ ଏନ୍ଏସି କର୍ତ୍ତୃପକ୍ଷ କାଳକ୍ଷେପଣ ନୀତି ଆପଣାଇଥିବାରୁ ଲୋକେ ହଇରାଣ ହେଉଛନ୍ତି । ଲୋକେ ବାଧ୍ୟ ହୋଇ ଏଣେତେଣେ ପାଚେରୀକଡେ ପରିସ୍ରା କରୁଥିବାରୁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହେଉଛି । ଏଣୁ ଏନ୍ଏସି କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଶୌଚାଳୟଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଅବଧି ଶେଷ, ଅଧାରେ ଅଟକିଲା ରାସ୍ତା କାମ

**କନ୍ଧମାଳ, ୧୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ରାସ୍ତା କାମ କନ୍ଧମାଳ ଜିଲ୍ଲାରେ ଦିଗହରା ହେବାରେ ଲାଗିଛି । ଏକ ବର୍ଷର କାର୍ଯ୍ୟକୁ ୫ବର୍ଷ ବିତିଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନି । ଏହିଭଳି ଏକ ରାସ୍ତାର ଦୃଶ୍ୟ ଦେଖିବାକୁ ମିଳିଛି ସ୍ଥାନୀୟ ବ୍ଲକରେ । ୩୨୮.୧୦ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ମାଲାନସୁଗା ଛକ ଠାରୁ କୂର୍ମିଙ୍ଗିଆ ଭାୟା ପିଡ଼ିକାମାହା ଗାମୁଲି ପର୍ଯ୍ୟନ୍ତ ୬.୧୪ କି.ମି. ଦୀର୍ଘ ପିଚୁ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା । ଚୁକ୍ତି ଅନୁସାରେ କାର୍ଯ୍ୟା ଅବଧି ସମାପ୍ତ ହୋଇଯାଇଥିବା ସତ୍ତ୍ୱେ ରାସ୍ତା କାମ ଅଧାରେ ଅଟକି ରହିଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।



ସୂଚନା ଫଳକ ଅନୁସାରେ ୬.୫.୨୦୨୧ ତାରିଖରେ କାମ ଆରମ୍ଭ ହୋଇ ୫.୪.୨୦୨୨ ମଧ୍ୟରେ ସମାପ୍ତ ହେବାକୁ ଥିଲା । ପିଡ଼ିକାମାହା ଠାରୁ ଡୁଗୁଡ଼ି ପର୍ଯ୍ୟନ୍ତ କିଛି ଅଂଶରେ ପିଚୁ କାମ ସରିଥିବା ବେଳେ ଗାମୁଲି ଠାରୁ କୁର୍ମିଙ୍ଗିଆ ପର୍ଯ୍ୟନ୍ତ ରାସ୍ତା ଅଧାରେ ରହିଛି । କେତେକ ସ୍ଥାନରେ ଆବଶ୍ୟକ ପରିମାଣରେ ମେଟାଲିଂ କାମ ହୋଇନଥିବା ସହ ମୁରୁମ୍ ପକାଇବା ଓ ପିଚୁ ପକାଇବା ପାଇଁ ଉପଯୋଗୀ ଭିତ୍ତିଭୂମି ତିଆରି ହୋଇନଥିବା ଦେଖିବାକୁ ମିଳିଛି । ନିୟମାନୁସାରେ ପ୍ରଥମେ ମେଟାଲ୍ ପକାଇ ତା'ପରେ ମୁରୁମ୍ ଓ ମାଟି ସମତଳ କରି ପିଚୁ ପକାଇବା କଥା । କିନ୍ତୁ ଅଭିଯୋଗ ଅନୁସାରେ ଠିକାଦାର କୁର୍ମିଙ୍ଗିଆ ଠାରୁ ଗାମୁଲି ଯାଉଥିବା ରାସ୍ତାର କେବଳ ଅଧା ଅଂଶରେ ପିଚୁ ପକାଇ କାମ ବନ୍ଦ କରିଦେଇଛନ୍ତି ।

ଅନ୍ୟପଟେ, ସ୍ଥାପିତ ଅନ୍ୟ ଏକ ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ ଦିନ ଠାରୁ ୫.୪.୨୦୨୭ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣା ଦାୟିତ୍ୱ ରହିଥିବା ଉଲ୍ଲେଖ ଥିବାବେଳେ ପ୍ରଶ୍ନ ଉଠୁଛି କାର୍ଯ୍ୟ ଏକ ବର୍ଷର ବର୍ତ୍ତମାନ ୫ବର୍ଷ ବିତିଗଲାଣି କାର୍ଯ୍ୟ ସରିନି ତେବେ ରକ୍ଷଣାବେକ୍ଷଣ କେବେଠାରୁ ବିଭାଗୀୟ ଅଧିକାରୀ ଉଲ୍ଲେଖ କରିବେ କେତେବର୍ଷ ଏବଂ କେଉଁ ଦିନ ଠାରୁ ରକ୍ଷଣାବେକ୍ଷଣ କାର୍ଯ୍ୟ ଉଲ୍ଲେଖ ହେବ । କିନ୍ତୁ ଯେତେବେଳେ ପ୍ରକଳ୍ପ କାମ ସମାପ୍ତ ହୋଇନାହିଁ, ସେଠାରେ ରକ୍ଷଣାବେକ୍ଷଣା ପାଇଁ ବ୍ୟବସ୍ଥା ଉଲ୍ଲେଖ ହେବାକୁ ନେଇ ଗ୍ରାମବାସୀମାନେ ପ୍ରଶ୍ନ ଉଠାଇଛନ୍ତି ।

ଗ୍ରାମବାସୀ ହନକ ନାୟକ, ମୁନୁ ପ୍ରଧାନ, ଟିକେ ସାହୁ, ସୁଦୟ ସାହୁ ଆଦିଙ୍କ ସହ ଘୁ.ଉଦୟଗିରି ବ୍ଲକ କଂଗ୍ରେସ ଯୁବ ନେତା ସସାନନ୍ଦ ପ୍ରଧାନ ଏନେଇ ଅଭିଯୋଗ କରିଛନ୍ତି । ସେମାନଙ୍କ କହିବା ଅନୁସାରେ ବଳକା ଅଂଶରେ ମେଟାଲିଂ, ମୋରମ୍ ପକାଇବା ସହ ଅନ୍ୟାନ୍ୟ ପ୍ରାଥମିକ କାମ ବହୁତ ବାକି ଅଛି । ତେବେ ପ୍ରଶ୍ନ ଉଠୁଛି– ଅବଧି ସମାପ୍ତ ହେବା ପରେ ମଧ୍ୟ କେବେ ସରିବ ଏହି ରାସ୍ତା କାମ? କେନ୍ଦ୍ର ସରକାର ରାସ୍ତା ନିର୍ମାଣ ନିମନ୍ତେ ଅର୍ଥ ବ୍ୟୟ କରିବା ସତ୍ତ୍ୱେ ଲୋକଙ୍କ କାର୍ଯ୍ୟରେ ଲାଗିପାରୁନି ଏହି ଅର୍ଥରେ ନିର୍ମିତ ରାସ୍ତା । କାର୍ଯ୍ୟ ଅବଧି ସରିବା ସତ୍ତ୍ୱେ ୫ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ନସରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏହି କାର୍ଯ୍ୟ ଦେଖିବା ପରେ । ତୁରନ୍ତ ଏହି ରାସ୍ତା କାମ ସାରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

କଟକ ମେଡିକାଲ କଲେଜ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ନ ସରିବା କାରଣରୁ ଖର୍ଚ୍ଚ ବଢ଼ି ବଢ଼ି ଚାଲିଛି, ଏଥିସହିତ ଲୋକେ ବିଶ୍ୱସ୍ତରୀୟ ସେବା ପାଇବାର ଯେଉଁ ଆଶା ରଖିଥିଲେ ତାହା ଘୁଞ୍ଚିଘୁଞ୍ଚି ଯାଉଛି । ଏ କ୍ଷେତ୍ରରେ ସରକାର ଠିକା ସଂସ୍ଥାକୁ ତାଗିଦ୍ କରିବା ଉଚିତ୍, ନହେଲେ ଅଦାଲତଙ୍କୁ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିବା ଉଚିତ୍ । କଟକ ମେଡିକାଲ ସଂପ୍ରସାରଣ କାର୍ଯ୍ୟ କେବେ ସରିବାରଥିଲା ଏବଂ ଏଥିପାଇଁ କେତେ ଟଙ୍କା ଅଟକଳ ହୋଇଥିଲା ଏ ତଥ୍ୟ ନିଶ୍ଚିତ ଭାବେ ସୂଚନା କମିଶନଙ୍କ ପାଖରେ ଥିବ । ତେଣୁ ଖିଲାପି ଠିକାସଂସ୍ଥା ବିରୋଧରେ ଜରିମାନା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୭ ଫେବୃଆରୀ, ୨୦୨୬ | ମଙ୍ଗଳବାର

ଓଡ଼ିଶା ଏକ୍ସପ୍ରେସ୍


## ଲୋକଙ୍କୁ ଅନ୍ଧାରରେ ରଖାନଯାଉ

ଶାସନରେ ସ୍ୱଚ୍ଛତା ରହିଲେ ସରକାରଙ୍କ ଲୋକପ୍ରିୟତା ବଢ଼େ । ଲୋକେ ଜାଣିପାରନ୍ତି ଶାସନ କେମିତି ଚାଲିଛି । ଲୋକଙ୍କ ପଇସା ଏବଂ ରାଜ୍ୟର ଖଣିଖାଦାନ ଏବଂ ବିଭିନ୍ନ ରାଜସ୍ୱ କେମିତି ଖର୍ଚ୍ଚ ହେଉଛି ଗଣତନ୍ତ୍ର ଶାସନରେ ଗଣ ସେସବୁ ଜାଣିବା ଉଚିତ୍, ଏ ଅଧିକାର ଗଣଙ୍କର ରହିଛି ।

ସାଧାରଣଲୋକଙ୍କର ଏ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କାରେ ହିଁ ସୂଚନା ଅଧିକାର ଆଇନ୍ ପ୍ରଣୟନ କରାଯାଇଛି । ଶାସନରେ ସ୍ୱଚ୍ଛତା ଆସିବ, ଲୋକଙ୍କ ମନରେ କୌଣସି ବିଭ୍ରାନ୍ତି ରହିବନି– ଏଇ ଲକ୍ଷ୍ୟରେ । କିନ୍ତୁ ଏବେ ଦେଖାଯାଉଛି– ସୂଚନା କମିଶନ କେତେକ ତଥ୍ୟ ଆବେଦନକାରୀଙ୍କୁ ଦେଉନାହାନ୍ତି ବିଭିନ୍ନ ଆଳ ଦେଖାଇ । ବିଳମ୍ବ କରୁଛନ୍ତି, ଏଥିସହିତ ଅନେକ ସମୟରେ ପୂର୍ଣ୍ଣାଙ୍ଗ ତଥ୍ୟ ମଧ୍ୟ ମିଳୁନି । ଯେଉଁ ଅସଲ ତଥ୍ୟଟି ଆବେଦନକାରୀର ଦରକାର ତାହା ସେ ପାଉନି । ଫଳରେ ଆଇନ୍ ଅଦାଲତରେ ଆବେଦନକାରୀଜଣକ ଉପଯୁକ୍ତ ତଥ୍ୟ ଦେଇନପାରିବା କାରଣରୁ ମାମଲା ଦମ୍ଭ ହରାଉଛି । ତଥ୍ୟ ଅଭାବରୁ ଅଦାଲତ ମାମଲାକୁ ରଦ୍ଦ ମଧ୍ୟ କରୁଛନ୍ତି ଅନେକ ସମୟରେ ।

ଏକ ଖବରରୁ ଜଣାଯାଇଛି ରାଜ୍ୟ ସୂଚନା କମିଶନରେ ନବୀକରଣ ଓ ନିର୍ମାଣ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, ସେ ସମ୍ପର୍କରେ ଜଣେ ଆବେଦନକାରୀ ସୂଚନା କମିଶନଙ୍କ କାର୍ଯ୍ୟାଳୟକୁ ତଥ୍ୟ ମାଗିଥିଲେ । କମିଶନ କାର୍ଯ୍ୟାଳୟ ଜଣାଇଛନ୍ତି– ୨୦୦୫ ମସିହା ସୂଚନା ଆଇନ୍‌ର ଧାରା ୮(୧)(ଜେ) ଅନୁଯାୟୀ ଏହା ବ୍ୟକ୍ତିଗତ ସୂଚନା ହୋଇଥିବାରୁ ଏ ତଥ୍ୟ ଦିଆଯାଇପାରିବ ନାହିଁ । କାର୍ଯ୍ୟାଳୟ ନବୀକରଣ ଓ ନିର୍ମାଣ କାର୍ଯ୍ୟର ତଥ୍ୟ କିଭଳି ବ୍ୟକ୍ତିଗତ ସୂଚନା ହେଲା ତାହାକୁ ନେଇ ସୂଚନା ଅଧିକାର କର୍ମୀମାନେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି । ସରକାରୀ ବିଭାଗ ମାନେ ତଥ୍ୟ ନଦେଲେ ଲୋକେ ନ୍ୟାୟ ପାଇଁ ସୂଚନା କମିଶନଙ୍କ ସହଯୋଗ ଲୋଡ଼ିଥାନ୍ତି । ମାମଲାର ଶୁଣାଣି କରି କମିଶନ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି । ହେଲେ ସୂଚନା କମିଶନ ଯଦି ନିଜେ ତଥ୍ୟ ନଦେବେ ଏହା ଅଧିକ ଦୁର୍ଭାଗ୍ୟଜନକ ବୋଲି ଲୋକେ ଆଲୋଚନା କରୁଛନ୍ତି ।

ଆଉ ଏକ ଖବର ଆହୁରି ଦୁର୍ଭାଗ୍ୟଜନକ । ପୂର୍ବ ସରକାର ଅମଳରେ ଅଣଓଡ଼ିଆ ଠିକାଦାରଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ ଅଭିଯୋଗକୁ ବିଜେପି ବିରୋଧ କରୁଥିଲା । ହେଲେ ବିଜେପି ଶାସନକୁ ଆସିବାର ଦେଢ଼ ବର୍ଷ ପରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଅଣଓଡ଼ିଆ ଠିକାଦାରଙ୍କୁ ସୁରକ୍ଷା ଦେବାର ନଜିର ବଢ଼ିବାରେ ଲାଗିଛି । ଉଦାହରଣ ସ୍ୱରୂପ ଲାର୍ସେନ ଆଣ୍ଡ ଟ୍ୟୁବ୍ରୋ (ଏଲ୍ ଆଣ୍ଡ ଟି) ୨୦୨୨ ମସିହାରେ ପୂର୍ତ୍ତ ବିଭାଗ ମୁଖ୍ୟାଳୟ (ନିର୍ମାଣ ସୌଧ)ରେ ତାଲା ପକାଇ ସରକାରଙ୍କଠାରୁ ସୁଧ ସହ ପଖାପାଖି ୧୨୦ କୋଟି ଟଙ୍କାର ଅତିରିକ୍ତ ବିଲ୍ ଅସୁଲ କରିଥିଲା । ଅଥଚ ସେଇ ଏଲ୍ ଆଣ୍ଡ ଟି ଏବଂ ଏନ୍‌ସିସି ଠିକା ସଂସ୍ଥା କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଭିତ୍ତିଭୂମି ସଂପ୍ରସାରଣ ଠିକା ନେଇ କାମକୁ ଗଡ଼େଇ ଚାଲିଥିବା କାରଣରୁ ବିଳମ୍ବ ପାଇଁ ଏଲ୍ ଆଣ୍ଡ ଟି ଏବଂ ଏନ୍‌ସିସିକୁ ୬୦ କୋଟି ଏବଂ ୮୬ କୋଟି ଟଙ୍କା ଜରିମାନା ନୋଟିସ ଦିଆଯାଇଥିଲେ ହେଁ ତାହା ଅସୁଲ ହେଲା କି ନାହିଁ ସେ ନେଇ ସରକାର ମୁହଁ ଖୋଲୁନାହାନ୍ତି । ୨୦୨୦ ମସିହାରେ ୨୪୦୦ କୋଟି ଟଙ୍କାର ଏହି ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା, ଏଯାଏଁ ସରୁନାହିଁ । ବିଳମ୍ବ ହେଲେ ଖର୍ଚ୍ଚ ତ ବଢ଼ିଚାଲିବ ।

କଟକ ମେଡିକାଲ କଲେଜ କାର୍ଯ୍ୟ ବିଳମ୍ବ ହେବା କ୍ଷେତ୍ରରେ ସୂଚନା କମିଶନ ନିଜ ତରଫରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାର କିମ୍ବା ଉଚ୍ଚ ଅଦାଲତଙ୍କୁ ଜଣେଇବା ଉଚିତ୍ । ଅନେକ ସମୟରେ ଅନିୟମିତତା ପାଇଁ ଲୋକଙ୍କ ତରଫରୁ ମାମଲା କରାନଗଲେ ମଧ୍ୟ କେତେକ କ୍ଷେତ୍ରରେ ଉଚ୍ଚ ଅଦାଲତ ଏବଂ ଉଚ୍ଚତମ ଅଦାଲତ ମଧ୍ୟ ହସ୍ତକ୍ଷେପ କରିଥାନ୍ତି ଯେଭଳି ଜନସାଧାରଣଙ୍କ ସ୍ୱାର୍ଥ ହନନ ନହୁଏ ।

କଟକ ମେଡିକାଲ କଲେଜ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ନ ସରିବା କାରଣରୁ ଖର୍ଚ୍ଚ ବଢ଼ି ବଢ଼ି ଚାଲିଛି, ଏଥିସହିତ ଲୋକେ ବିଶ୍ୱସ୍ତରୀୟ ସେବା ପାଇବାର ଯେଉଁ ଆଶା ରଖିଥିଲେ ତାହା ଘୁଞ୍ଚିଘୁଞ୍ଚି ଯାଉଛି । ଏ କ୍ଷେତ୍ରରେ ସରକାର ଠିକା ସଂସ୍ଥାକୁ ତାଗିଦ୍ କରିବା ଉଚିତ୍, ନହେଲେ ଅଦାଲତଙ୍କୁ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିବା ଉଚିତ୍ ।

କଟକ ମେଡିକାଲ ସଂପ୍ରସାରଣ କାର୍ଯ୍ୟ କେବେ ସରିବାରଥିଲା ଏବଂ ଏଥିପାଇଁ କେତେ ଟଙ୍କା ଅଟକଳ ହୋଇଥିଲା ଏ ତଥ୍ୟ ନିଶ୍ଚିତ ଭାବେ ସୂଚନା କମିଶନଙ୍କ ପାଖରେ ଥିବ । ତେଣୁ ଖିଲାପି ଠିକାସଂସ୍ଥା ବିରୋଧରେ ଜରିମାନା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ।

# ମୁଠାଏ ତ ଚୂଡ଼ା ପିଠିରେ କୋରଡ଼ା, ଯତନ ନଗର କେଡେ ବଡ଼...

## ତୁଷମ୍ ଇବ ମନ୍ଥନମ୍- ଚକ୍ଷୁକୁଟା କାମ



**ତୁଷାରକାନ୍ତ**

ବିପ୍ଳବୀକବି ରବି ସିଂ ( ଏବେ ଦିବଙ୍ଗତ) ତାଙ୍କ ରଚିତ 'ମଣିଷ' କବିତାରେ–

'ରକତେ ଗୋଳାଇ ଚୁନବାଲି
ମୁଣ୍ଡର ଝାଳକୁ ତୁଣ୍ଡେ ମାରି
ମୁଠାଏ ତ ଚୁଡ଼ା ପିଠିରେ କୋରଡ଼ା
ଯତନ ନଗର କେଡେ ବଡ' ।

ଅତୀତର ଯେଉଁ ରାଜ ପରିବାରର ଶୋଷଣ ଉପରେ ଆଧାରିତ, ସେହି ରାଜପରିବାରର ଶୋଷଣ ବିରୁଦ୍ଧରେ ଯିଏ ଲଢେଇକରି ପ୍ରବଳ ଆକ୍ରୋଶର ସମ୍ମୁଖୀନ ହୋଇ ମରଣମୁଖରୁ ବଞ୍ଚି ଯାଇଥିଲେ, ସେହି ଶ୍ରୀଗୌରାଙ୍ଗ ଚରଣ ଦାସ ଅଭିଭକ୍ତ କଟକ ଜିଲ୍ଲା ତଥା ଅଧୁନା ଜଗତସିଂହପୁର ଜିଲ୍ଲାର ବାଗଲପୁର ଗ୍ରାମରେ ତା୨୬.୧.୧୮୯୯ରିଖରେ ଜନ୍ମଗ୍ରହଣ କରି ତା୧୯.୨.୧୯୭୨ ରିଖରେ ମୃତ୍ୟୁବରଣ କରିଥିଲେ । ଖଟିଖିଆ, ଚାଷୀମାନଙ୍କ ଶୋଷଣ ବିରୁଦ୍ଧରେ ଲଢୁଥିବା ପ୍ରଜାମଣ୍ଡଳ ଆନ୍ଦୋଳନର ଏହି ଆଗୁଆ ନେତା ଶ୍ରୀ ଦାସ ମୃତ୍ୟୁ ପୂର୍ବରୁ ଥମ୍ବୋଶିସରୋଗରେ ଆକ୍ରାନ୍ତ ହେବା ପଛରେ, ଏଭଳି ଆକ୍ରମଣ ଅନ୍ୟତମ କାରଣ ଥିଲା ।

ଅନ୍ୟାୟ, ଅସତ୍ୟ, ଅସମାନତା, ଜାତିଭେଦର ବିରୋଧୀ, ନ୍ୟାୟ, ଶାନ୍ତି, ସମାନତା, ସହଭାଗୀତା, କୋଠଚାଷ ଇତ୍ୟାଦି ପାଇଁ ସଂଗ୍ରାମରତ, ବିନା ପ୍ରତିଯୋଗିତାରେ ବିଧାୟକ ତଥା ଅଭିଷିକ୍ତ କଟକ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଶ୍ରୀ ଗୌରାଙ୍ଗ ଚରଣ ଦାସଙ୍କ ଦାସଙ୍କର ୫୪ତମ ଶ୍ରାଦ୍ଧବାର୍ଷିକୀ ଆସନ୍ତା ୧୯.୨.୨୦୨୬ତାରିଖରେ ପାଳିତ ହେବ ।

'ଯାହାଙ୍କ ବାପା ଚଢେ ଘୋଡ଼ା, ତାଙ୍କ ପୁଅ ଥୋଡା ଥୋଡା' ଭଳି ଓଡ଼ିଆ ଲୋକକଥାଟିର ଆଧାରରେ, ଶ୍ରୀ ଦାସଙ୍କ ଏକମାତ୍ର ପୁତ୍ର ଶଶୀଭୂଷଣ ଦାସ (ଜନ୍ମ– ୧୫.୮.୧୯୨୪– ମୃତ୍ୟୁ ତା୨୨.୧.୨୦୧୧) ପିଲାଦିନରୁ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବାନରସେନାରେ ଯୋଗ ଦେଇଥିଲେ ଓ ୧୮ ମାସ ପାଇଁ ଜେଲ ବି ଯାଇଥିଲେ । ତାଙ୍କର ୧୫ତମ ଶ୍ରାଦ୍ଧବାର୍ଷିକୀ ତା୨୨.୧.୨୦୨୬ ରିଖରେ ପାଳିତ ହୋଇଯାଇଛି ।

ନିଜ ପୁଅଙ୍କ ସହିତ ନିଜ ଗାଁ ବାଗଲପୁରର (ସେତେବେଳେ କଟକ ଜିଲ୍ଲା ତଥା ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ) ଆହୁରି ୧୬ ଜଣ ଯୁବକଙ୍କୁ (ସମୁଦାୟ ୧୮ଜଣ) ତଥା ଆଖପାଖ, ଓଡ଼ିଶାର ଆହୁରି ଅନେକ ଯୁବକଙ୍କୁ ସ୍ୱାଧୀନତା ସଂଗ୍ରାମୀ ବନେଇଥିବା ଶ୍ରୀଗୌରାଙ୍ଗ ଚରଣ ଦାସ ସଂଯୋଗବଶତଃ ବର୍ତ୍ତମାନର ଗଣତନ୍ତ୍ର ଦିବସରେ ଜନ୍ମଗ୍ରହଣ କରିଥିଲେ ତ ତାଙ୍କ ପୁଅ ସ୍ୱାଧୀନତା ସଂଗ୍ରାମୀ ଶଶି ଭୂଷଣ ଦାସ ବର୍ତ୍ତମାନର ସ୍ୱାଧୀନତା ଦିବସରେ ଜନ୍ମଗ୍ରହଣ କରିଥିଲେ ।

ଦେଶର ଅଧିକାଂଶ ସ୍ୱାଧୀନତା ସଂଗ୍ରାମୀଙ୍କର ଆଦର୍ଶ ରହିଥିବା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ମହାନ ବୈଜ୍ଞାନିକ ଆଇନଷ୍ଟାଇନ ଗାନ୍ଧିଜୀଙ୍କ ବାବଦରେ କହିଥିଲେ ଯେ 'ହୁଏତ ଭବିଷ୍ୟତର ପିଢ଼ି ବିଶ୍ୱାସ କରିବେ ନାହିଁ ଯେ, ଧରାପୃଷ୍ଠରେ ଗାନ୍ଧିଜୀଙ୍କ ଭଳି କେହିଜଣେ କେବେ ବିଚରଣ କରିଥିଲେ' । ମହାତ୍ମା ଗାନ୍ଧୀଙ୍କର ସେହି ଆଦର୍ଶଗୁଡିକ, ଯେଉଁଗୁଡିକରେ ଅନୁପ୍ରାଣିତ ହୋଇ ଗୌରାଙ୍ଗ ଚରଣ ଦାସ ଇତ୍ୟାଦି ଲକ୍ଷ ଲକ୍ଷ ଯୁବକ ନିଜ ନିଜର ଭଲ ଜୀବନ ଯାପନ ସମ୍ଭାବନାକୁ ପଛରେ ପକାଇ ଅତ୍ୟନ୍ତ କଷ୍ଟକର ଜୀବନକୁ ବାଛି ନେଇଥିଲେ, ସେହି ଆଦର୍ଶଗୁଡିକର ଆଜିର ପରିସ୍ଥିତି ତଥା ତାହାର ଫଳାଫଳ ଉପରେ ନିମ୍ନରେ ତର୍ଜମା କରାଯାଇଛି ।

ସେହି ମହାତ୍ମା ଗାନ୍ଧୀଙ୍କର '୧୧ଟି ବ୍ରତ ବା ନୈତିକ ଶିକ୍ଷାଗୁଡ଼ିକ' ହେଉଛି,

**୧. ଅହିଂସା**– ଏହାର ଅର୍ଥ 'କେବଳ କାହାକୁ ଆଘାତ ନଦେବା ନୁହେଁ, ବରଂ ସମସ୍ତ ପ୍ରାଣୀଙ୍କ ପ୍ରତି ମନରେ ପ୍ରେମ ଓ ଦୟା ଭାବ ରଖିବା । ଶତ୍ରୁପ୍ରତି ମଧ୍ୟ କ୍ରୋଧ ନ ରଖିବା ହେଉଛି ପ୍ରକୃତ ଅହିଂସା ।' କିନ୍ତୁ ସମଗ୍ର ପୃଥିବୀରେ ଆଜି ଉତ୍କଟ ହିଂସାର ପ୍ରାବଲ୍ୟ ।

**୨. ସତ୍ୟ**– ଗାନ୍ଧୀଜୀଙ୍କ ପାଇଁ 'ସତ୍ୟ ହିଁ ଈଶ୍ୱର' । ମନ, ବଚନ ଏବଂ କର୍ମରେ ସବୁବେଳେ ସଚ୍ଚୋଟ ରହିବା ଏବଂ ନିଜ ଜୀବନକୁ ଏକ ଖୋଲାବହି ଭଳି ରଖିବାକୁ ସେ ଶିକ୍ଷା ଦେଇଥିଲେ । କିନ୍ତୁ ସତ୍ୟ ଏବେ ମିଥ୍ୟାକୁ ଡରିଯାଇ ଲୁଚିଛନ୍ତି ଓ ମିଥ୍ୟାର ଆଶ୍ରୟ ନନେଲେ ପାଦେ ବି ଆଗେଇ ହେଉନାହ ।

୩. ଅସ୍ତେୟ (Asteya – ଚୋରି ନ କରିବା): ଏହାର ଅର୍ଥ କେବଳ ଅନ୍ୟର ଜିନିଷ ନେବା ନୁହେଁ । ଯେଉଁ ଜିନିଷର ଆବଶ୍ୟକତା ଆମର ନାହିଁ, ତାହାକୁ ଗ୍ରହଣ କରିବା ବା ଅନ୍ୟର ଭାଗରୁ ଅଧିକ ଜିନିଷ ରଖିବା ମଧ୍ୟ ଏକ ପ୍ରକାର ଚୋରି ବୋଲି ସେ କହୁଥିଲେ ।

'ନେଇ ଆଣି ଥୋଇ ଜାଣିଲେ ଚୋରିବିଦ୍ୟା ଭଲ' ଭଳି ଓଡ଼ିଆ ଲୋକକଥାଟିର ଆଜିର ବାସ୍ତବତା ହେଉଛି 'ପ୍ରକାଶ୍ୟ ଦିବାଲୋକରେ ଯିଏ ଖୋଲାଖୋଲି ଭାବରେ ଯେତେ ଚୋରି କରୁଛନ୍ତି, ସେ ସେତେ ପାରିବାର, ଯୋଗ୍ୟ ଭାବରେ ଚିହ୍ନିତ ହେଉଛନ୍ତି ।'

୪. ଅପରିଗ୍ରହ (Aparigraha – ସଂଗ୍ରହ ନ କରିବା): ଏହା ମୋହମାୟା ତ୍ୟାଗ କରିବାକୁ ବୁଝାଏ । ଆବଶ୍ୟକତାଠାରୁ ଅଧିକ ଧନ କିମ୍ବା ବସ୍ତୁ ସଂଗ୍ରହ ନ କରି ଏକ ସରଳ ଜୀବନ ବିତାଇବା ହେଉଛି ଅପରିଗ୍ରହଛ କିନ୍ତୁ ଏହା କେବଳ ଅଭିଧାନର ଗୋଟିଏ ଶବ୍ଦ ହୋଇ ରହିଯାଇଛି ।

୫. ବ୍ରହ୍ମଚର୍ଯ୍ୟ : ଏହାର ଅର୍ଥ କେବଳ ଶାରୀରିକ ସଂଯମ ନୁହେଁ, ବରଂ ନିଜର ସମସ୍ତ ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିବା ଏବଂ ନିଜର ଶକ୍ତିକୁ ସେବା ଓ ଈଶ୍ୱରଙ୍କ କାର୍ଯ୍ୟରେ ଲଗାଇବା । କିନ୍ତୁ, ଆମେରିକାର ନ୍ୟାୟିକ ବିଭାଗ ଦ୍ୱାରା ପ୍ରକାଶିତ 'ଏପିଷ୍ଟାଇନ ଫାଇଲସ୍' ଜରିଆରେ ପୃଥିବୀର ବଡବଡିଆମାନଙ୍କର ଚରିତ୍ର ପଦାକୁ ଆସିଛି । ଇତିହାସର ବିଡ଼ମ୍ବନା ଏହିକି ଯେ, 'କେତେବେଳେ ସିନା ଲୋକେ ଗାନ୍ଧୀ, ଆଇନଷ୍ଟାଇନଙ୍କୁ ଭେଟିବାକୁ ବିକଳ ହେଉଥିଲେ, କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ନାବାଳିକାଙ୍କୁ ଯୌନ ଶୋଷଣ କରାଇବାରେ ଧୁରନ୍ଧର ଜେଫ୍ରି ଏପଷ୍ଟାଇନକୁ ଭେଟିବାକୁ ଲୋକେ ଧାଡ଼ି ଲଗାଇଥିଲେ ।'

୬. ଅସ୍ୱାଦ (Aswada – ସ୍ୱାଦ ଜୟ କରିବା): ଖାଦ୍ୟ କେବଳ ଶରୀରକୁ ବଞ୍ଚାଇ ରଖିବା ପାଇଁ ଖାଇବା ଉଚିତ, ସ୍ୱାଦ ପାଇଁ ନୁହେଁ । ଯିଏ ନିଜ ଜିଭକୁ ନିୟନ୍ତ୍ରଣ କରିପାରେ, ସେ ନିଜ ମନକୁ ସହଜରେ ନିୟନ୍ତ୍ରଣ କରିପାରେଛ କିନ୍ତୁ, ସ୍ୱାସ୍ଥ୍ୟପାଇଁ ଯଥେଷ୍ଟ କ୍ଷତିକାରକ ଖାଦ୍ୟ ଖାଇବା ଯୋଗୁ ଏବେ ଡାକ୍ତରଖାନାଗୁଡିକରେ ପ୍ରବଳ ଭିଡ଼ ।

୭. ସର୍ବଧର୍ମ ସମଭାବ : ସବୁ ଧର୍ମ ସମାନ ଏବଂ ସମସ୍ତେ ଗୋଟିଏ ସତ୍ୟପଥର ଯାତ୍ରୀ । ଏହି ବ୍ରତ ସମାଜରେ ଧର୍ମଗତ ବିଦ୍ୱେଷ ଦୂର କରି ଭ୍ରାତୃଭାବ ସୃଷ୍ଟି କରେ । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର ଉପଯୋଗ 'ଦାଣ୍ଡରେ ପଡ଼ି ହାଟରେ ଗଡ ଗଡାଉଛିଛ ରାଜନୀତିରେ ଯିଏ ଯେତେ ଅଧିକ ଧର୍ମର ଉପଯୋଗ କରୁଛନ୍ତି, ସିଏ ସେତେବଡ ନେତା ହେଉଛନ୍ତ ।'

୮. ଶରୀରଶ୍ରମ (Sharirshrama – କାୟିକ ଶ୍ରମ): ପ୍ରତ୍ୟେକ ବ୍ୟକ୍ତି ନିଜର ଖାଦ୍ୟ ପାଇଁ କିଛି ନା କିଛି ଶାରୀରିକ ପରିଶ୍ରମ କରିବା ଉଚିତ । ସେଥିପାଇଁ ଗାନ୍ଧୀଜୀ ପ୍ରତିଦିନ ନିଜେ ସୂତା କାଟୁଥିଲେ । ଏବେ କିନ୍ତୁ 'ନିଜର ସ୍ୱାସ୍ଥ୍ୟରକ୍ଷାପାଇଁ 'ସକାଳେ ଚାଲିବା' ବଡବଡିଆମାନଙ୍କର ଦୈହିକ ଶ୍ରମ ।

୯. ସ୍ୱଦେଶୀ: ନିଜ ଅଞ୍ଚଳ ବା ଦେଶରେ ତିଆରି ହୋଇଥିବା ସାମଗ୍ରୀ ବ୍ୟବହାର କରିବା । ଏହାଦ୍ୱାରା ସ୍ଥାନୀୟ କାରିଗରଙ୍କୁ ସାହାଯ୍ୟ ମିଳେ ଏବଂ ଦେଶ ଆତ୍ମନିର୍ଭରଶୀଳ ହୁଏ । ଏବେ 'ବିଦେଶରୁ ଆସୁଥିବା ବିଭିନ୍ନ ଯନ୍ତ୍ରାଂଶକୁ ଆମ ଦେଶରେ ଯୋଡାଯୋଡି କରିଦେବା ହିଁ ସ୍ୱଦେଶୀର ପରିଚାୟକ । ବିନା ବିଦେଶୀ ଦ୍ରବ୍ୟ ବ୍ୟବହାରରେ ନିମିଷେ ବି ଚଳି ହେଉନାହିଁ ।'

୧୦. ଅସ୍ପୃଶ୍ୟତା ନିବାରଣ : ଜାତି–ଧର୍ମ ନିର୍ବିଶେଷରେ ସମସ୍ତ ମଣିଷ ସମାନଛ ଛୁଆଁଅଛୁଆଁ ଭେଦଭାବକୁ ସମାଜରୁ ସମ୍ପୂର୍ଣ୍ଣ ଦୂର କରିବା ଏହି ବ୍ରତର ଲକ୍ଷ୍ୟ ଥିଲା ।

୧୯୪୬ ମସିହାରେ ଶ୍ରୀଗୌରାଙ୍ଗ ଚରଣ ଦାସଙ୍କ ନେତୃତ୍ୱରେ ତଥା ଓଡ଼ିଶାର କଂଗ୍ରେସଦଳର ବିଶିଷ୍ଟ ନେତାମାନଙ୍କ ଉପସ୍ଥିତିରେ ତାଙ୍କ ଗ୍ରାମର ଦଧିବାମନଜୀଉଙ୍କ ମନ୍ଦିରରେ ଦଳିତମାନେ ପ୍ରବେଶ କରିଥିଲେ ।

ଶ୍ରୀ ଦାସଙ୍କୁ ଧରମଭାଇ କରିଥିବା ବିପ୍ଳବିଣୀ ମାଳତୀ ଚୌଧୁରୀ ଏହା ଗାନ୍ଧିଜୀଙ୍କୁ ଜଣାଇବାପରେ, ସେ ଏହାର ଭୂୟସୀ ପ୍ରଶଂସା କରି, ତାଙ୍କ ସମ୍ପାଦିତ 'ହରିଜନ ପତ୍ରିକା'ରେ ଲେଖାଟିଏ ପ୍ରକାଶ କରିଥିଲେ ।


ସେ ମଧ୍ୟ ଶ୍ରୀ ଦାସଙ୍କ ଗାଁ'କୁ ଆସିବାର ଇଚ୍ଛା ପ୍ରକାଶ କରିଥିଲେ ଯାହା ହୋଇପାରିନଥିଲା । ଏହା ବାବଦରେ ବାଗଲପୁର ଗ୍ରାମର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ, ଦାର୍ଶନିକ, ବିଶିଷ୍ଟ ଲେଖକ ଚିତ୍ତରଞ୍ଜନ ଦାସ, ଗୌରାଙ୍ଗ ଚରଣ ଦାସଙ୍କ ଗୋଟିଏ ପୂଣ୍ୟତିଥିରେ 'ଆମ ଗୌରିଭାଇ' ଶୀର୍ଷକ ହୃଦୟସ୍ପର୍ଶୀ ଲେଖାଟିଏ ଲେଖି, ସେହି ପ୍ରଚେଷ୍ଟା ସମ୍ପୂର୍ଣ୍ଣ ରୂପେ ଫଳବତୀ ନହେବା ଉପରେ କ୍ଷୋଭ ପ୍ରକାଶ କରିଥିଲେ । ଏବେ ତ ଅଙ୍ଗନବାଡି କେନ୍ଦ୍ରରେ ଦଳିତ ମହିଳାଙ୍କ ନିଯୁକ୍ତିକୁ ଘୋର ବିରୋଧ କରାଯାଉଛି ।

୧୧. ଅଭୟ (Abhaya – ନିର୍ଭୟତା): ସତ୍ୟ ପଥରେ ଚାଲିବା ପାଇଁ ମଣିଷ ନିର୍ଭୀକ ହେବା ଜରୁରୀ । ମୃତ୍ୟୁ କିମ୍ବା ସମ୍ପତ୍ତି ହରାଇବାର ଭୟ ଯାହାର ନାହିଁ, ସେ ହିଁ ଦେଶ ଓ ସମାଜର ପ୍ରକୃତ ସେବା କରିପାରିବ । କିନ୍ତୁ 'ଯୋ ଡର ଗୟା ୱହ ମର ଗୟା' ଭଳି ହିନ୍ଦିଭାଷାର ମୋହାବରାଟି ଏବେ 'ଯୋ ତାକତବାଲୋ କୋ ନେହିଁ ଡରେଗା, ୱହି ମରଯାଏଗା' ଅବସ୍ଥାରେ । ଏଗୁଡ଼ିକ ସହିତ ସେ 'ମାନବ ସମାଜର ସ୍ଥାୟୀତ୍ୱ ତଥା ସୁରକ୍ଷାପାଇଁ, ଆଉ ଯେଉଁ ଚାରୋଟି କବଚ/ ଡେଉଁରିଆ/ଶିକ୍ଷା ଦେଇଥିଲେ', ସେଗୁଡିକ ହେଉଛି, (୧) ପ୍ରକୃତି ସମସ୍ତଙ୍କର ଚଳିବାପାଇଁ ଯଥେଷ୍ଟ ଦେଇଛି କିନ୍ତୁ ଲୋଭର ପରିପୂରଣ ପାଇଁ ନୁହେଁ, (୨) ଯେ କୌଣସି ଯୋଜନାଟିଏ ଆରମ୍ଭ କଲାବେଳେ ମନେ ରଖିଥିବେ ଯେ, 'ଏହାଦ୍ୱାରା ସମାଜର ସବୁଠାରୁ ତଳେଥିବା ବ୍ୟକ୍ତିଟି କେତେ ମାତ୍ରାରେ ଉପକୃତ ହେଉଛନ୍ତି', (୩) ଯେଉଁମାନେ ଶାସକ, ପ୍ରଶାସକ, ବିଚାରପତି ତଥା ଅନ୍ୟାନ୍ୟ ବ୍ୟକ୍ତିମାନଙ୍କପାଖକୁ ଯେ କୌଣସି କାମରେ ଆସନ୍ତି, 'ସେମାନେ ଏମାନଙ୍କ କାମରେ ବାଧା ସୃଷ୍ଟି କରନ୍ତି ନାହିଁ, ଏମାନମାନଙ୍କ ନିଯୁକ୍ତି/ଉପସ୍ଥିତି ସେହିମାନଙ୍କ ପାଇଁ ।' (୪) ସମଗ୍ର ସମ୍ପତ୍ତିର ନ୍ୟାସୀକରଣ ମହାତ୍ମା ଗାନ୍ଧୀଙ୍କ ନ୍ୟାସତତ୍ତ୍ୱ (Trusteeship) ହେଉଛି ଏକ ସାମାଜିକ–ଅର୍ଥନୈତିକ ଅବଧାରଣା, ଯାହା ସମ୍ପତ୍ତିର ମାଲିକାନା ଏବଂ ଏହାର ବ୍ୟବହାର ଉପରେ ଏକ ନୂତନ ଦୃଷ୍ଟିକୋଣ ପ୍ରଦାନ କରେ । ଏହାର ସାରାଂଶ ହେଉଛି– (କ) ମୂଳ ନୀତି– 'ମାଲିକ ନୁହେଁ, ରକ୍ଷକ', ଗାନ୍ଧୀଜୀଙ୍କ ଅନୁସାରେ, ଜଣେ ବ୍ୟକ୍ତି ନିଜର ବୁଦ୍ଧି କିମ୍ବା ପରିଶ୍ରମ ବଳରେ ଯେଉଁ ସମ୍ପତ୍ତି ଅର୍ଜନ କରେ, ସେ ସେହି ସମ୍ପତ୍ତିର 'ମାଲିକ ନୁହେଁ, ବରଂ ଜଣେ 'ନ୍ୟାସୀ' (Trustee) ବା ରକ୍ଷକ ।' ସେ ବିଶ୍ୱାସ କରୁଥିଲେ ଯେ ସମସ୍ତ ସମ୍ପତ୍ତିର ପ୍ରକୃତ ମାଲିକ ହେଉଛନ୍ତି ଈଶ୍ୱର ଏବଂ ସମାଜ । (ଖ) ସମ୍ପତ୍ତିର ସୀମିତ ବ୍ୟବହାର, ଜଣେ ବ୍ୟକ୍ତି ସେହି ସମ୍ପତ୍ତିରୁ କେବଳ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ଆବଶ୍ୟକ ଅଂଶ ଗ୍ରହଣ କରିବା ଉଚିତ । ନିଜର ସର୍ବନିମ୍ନ ଆବଶ୍ୟକତା ପୂରଣ ହେବା ପରେ ବାକି ଉଦ୍‌ବୃତ୍ତ ସମ୍ପତ୍ତିକୁ ସମାଜର ମଙ୍ଗଳ ପାଇଁ ଖର୍ଚ୍ଚ କରିବା ଏହି ତତ୍ତ୍ୱର ମୁଖ୍ୟ ଉଦ୍ଦେଶ୍ୟ । (ଗ) ଅହିଂସାତ୍ମକ ସମାଜବାଦ, ଏହା ଧନୀ ଏବଂ ଗରିବ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ଏକ ଅହିଂସାତ୍ମକ ମାର୍ଗ । ଗାନ୍ଧୀଜୀ ଚାହୁଁନଥିଲେ ଯେ ସରକାର ଜୋରଜବରଦସ୍ତି ଧନୀଙ୍କଠାରୁ ସମ୍ପତ୍ତି ଛଡ଼ାଇ ନିଅନ୍ତୁ । ବରଂ ସେ ଚାହୁଁଥିଲେ ଯେ ଧନୀମାନେ ନିଜ ହୃଦୟ ପରିବର୍ତ୍ତନ କରି ସ୍ୱେଚ୍ଛାକୃତ ଭାବେ ସମାଜର ଦରିଦ୍ର ଶ୍ରେଣୀର ହିତ ପାଇଁ ନିଜର ସମ୍ପତ୍ତିକୁ ଉତ୍ସର୍ଗ କରନ୍ତୁ, (ଙ)ସାରାଂଶର ମୁଖ୍ୟ ବିନ୍ଦୁ,(ଚ) ସମାନତା:– ଏହା ଅର୍ଥନୈତିକ ଅସମାନତା ଦୂର କରିବାକୁ ଚାହେଁ ।

ସାମାଜିକ ଦାୟିତ୍ୱ:– ବ୍ୟବସାୟ ଓ ଶିଳ୍ପପତିମାନେ କେବଳ ଲାଭ କରିବା ପାଇଁ ନୁହେଁ, ବରଂ ସମାଜ ସେବା ପାଇଁ କାର୍ଯ୍ୟ କରିବା ଉଚିତ୍, (କ)ଅପରିଗ୍ରହ:– ଆବଶ୍ୟକତାଠାରୁ ଅଧିକ ସଞ୍ଚୟ ନ କରିବା, (Non-possession) । (ଖ)ଏକ ସରଳ ଉଦାହରଣ– ଯେପରି ଜଣେ ବାପା ତାଙ୍କ ପରିବାରର ସମ୍ପତ୍ତିକୁ ନିଜର ବୋଲି ନ ଭାବି ପିଲାମାନଙ୍କ ଭବିଷ୍ୟତ ପାଇଁ 'ରକ୍ଷକ' ସାଜି ସାଇତି ରଖନ୍ତି, ଧନୀ ଲୋକମାନେ ସମାଜ ପାଇଁ ସେହିଭଳି ରକ୍ଷକ ହେବା ଉଚିତ । କିନ୍ତୁ, ଏଗୁଡ଼ିକ ଆଉ 'କେବଳ ଅଭିଧାନର ଭାଷା' ହିସାବରେ ବି ନାହାନ୍ତି । ଶ୍ରୀ ଗୌରାଙ୍ଗ ଚରଣ ଦାସଙ୍କ ପୂଣ୍ୟତିଥି ଅବସରରେ 'ସତରେ କଣ ଆଇନଷ୍ଟାଇନଙ୍କର ସେହି ମହାତ୍ମା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଗୌରାଙ୍ଗ ଚରଣ ଦାସ ଇତ୍ୟାଦି ପୁଣି ଏହି ଧରାପୃଷ୍ଠରେ ବିଚରଣ କରିବାର କୌଣସି ସମ୍ଭାବନା ଅଛି' ଭଳି ଦ୍ୱନ୍ଦ୍ୱଟିଏ ମନକୁ ଆନ୍ଦୋଳିତ କରୁଛି ।

ଗୌରାଙ୍ଗ ଚରଣ ଦାସଙ୍କ ଆସନ୍ତା ପୂଣ୍ୟତିଥି ଅବସରରେ ତାଙ୍କ ବର୍ଗର ସମସ୍ତଙ୍କ ଉଦ୍ଦେଶ୍ୟରେ ଶତକୋଟି ପ୍ରଣାମ ଅର୍ପଣ କରୁଛି, ଦେଶପାଇଁ ସେମାନେ ନିଜ ନିଜର ସାଧମତେ ଯଥେଷ୍ଟ ଅବଦାନ ରଖିଥିବାରୁ ।


ମୋ. ୮୮୯୫୮୫୭୩୧୮


# ଉଡିଗଲେ ଗେଣ୍ଡାଳିଆ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଗେଣ୍ଡାଳିଆ ଏକ ପକ୍ଷୀ, ସବୁ ପକ୍ଷୀଙ୍କ ପରି ତାଙ୍କର ସ୍ୱାଧୀନତା ଅଛି ସେ ବିନା ଭିସା ବିନା ପାସପୋର୍ଟରେ ଆକାଶରେ ଯାଇପାରନ୍ତି, କୌଣସି ରାଜ ଆଦେଶ ବା ଟ୍ରେସପାସ ତାଙ୍କ ପାଇଁ ଆକାଶ ଉଡିବା ପାଇଁ ସେମାନେ ଖୋଜନ୍ତି ନାହିଁ। ସବୁ ପକ୍ଷୀଙ୍କର ରାଜା ପକ୍ଷୀରାଜ ଗରୁଡ଼, ସେ ବିଶ୍ୱନିୟନ୍ତା ଭଗବାନ ବିଷ୍ଣୁଙ୍କ ବାହାନ, ଅତଏବ ସେ ହିଁ ପକ୍ଷୀରାଜ ସବୁ ପକ୍ଷୀମାନଙ୍କୁ ଅଭୟ ଦେଇଛନ୍ତି। ବିଚରଣ କର ଉଡ, ଯେ ଯାହା ଆହାର ସଂଗ୍ରହ କର, କିନ୍ତୁ ଏକଗୋଷ୍ଠୀ ସହ କଳିଲିପ୍ତ ହୁଅନାହିଁ। ଏହା ତୁମମାନଙ୍କ ରାଜାର ଆଦେଶ, ବିନତି ଗୁଣ ସମ୍ପନ୍ନା, ବିନତା ମାଆର ପୁତ୍ର ଗରୁଡ଼ଙ୍କ ଆଦେଶ। ଗେଣ୍ଡାଳିଆଙ୍କୁ ବଞ୍ଚିବା ପାଇଁ ଗେଣ୍ଡା ଦରକାର, ଧାନ ଚାଷ କ୍ଷେତ୍ରରେ ଗେଣ୍ଡା ବର୍ଷାଦିନେ ବଂଶ ବିସ୍ତା କରି ବଢ଼ନ୍ତି, ପୋଖରୀ ନାଳ ଆଦିଜଳାଧାରରେ ତତସମୟରେ ଗେଣ୍ଡା ପ୍ରଚୁର ଦେଖାଯାନ୍ତି ଜଳ ଶୁଷ୍କ ପରେ ପଦାରେ ପଡ଼ି ଦେଖାଯିବ ଗେଣ୍ଡାଙ୍କୁ ଗେଣ୍ଡାଳିଆ ଖାଇ ଥାନ୍ତି। ମାନବ ସଂସ୍କୃତିରେ ଓଡ଼ିଆ ପରମ୍ପରାରେ ଗେଣ୍ଡାଙ୍କ ପାଇଁ ଏକ ଭୋଜନ ଦେବା ପରମ୍ପରା ବି ଅଛି। ଚିତାଲାଗି ଅମାବାସ୍ୟା ଯାହା ବର୍ଷା ଦିନେ ଶ୍ରାବଣ ମାସରେ ପଡ଼େ, ଏହିଦିନ ଚିଉ ପିଠାର ଏକ ପର୍ବ। ଏହା ସ୍ଥାନୀୟ ସନ୍ନିକଟ ଜଳାଧାରରେ ପିଠାକୁ ଘରର ପିଲାମାନଙ୍କ ଦ୍ୱାରା ଜଳରେ ପକାଇ ଗେଣ୍ଡାଙ୍କ ଉଦ୍ଦେଶ୍ୟ କହିବାକୁ କୁହାଯାଇଥାଏ ହେ ଗେଣ୍ଡାମାନେ ମୋ ବାପା ଭାଇ ଭଉଣୀଙ୍କୁ ମୋତେ କାମୁଡ଼ିବ ନାହିଁ।

ମୁଁ ତୁମ ମାନଙ୍କୁ ଆମ ଘର ପ୍ରସ୍ତୁତ ପିଠା ଅର୍ପଣ କରୁଛି, ଏହି ଥାଟି କୁସଂସ୍କାରରେ ଆସିପାରେ କିନ୍ତୁ ଥିଲା ଏକ ପରମ୍ପରା। ସିମେଣ୍ଟ ବ୍ୟବହାରର ପୂର୍ବରୁ ଯେଉଁ ଚୁନ ବ୍ୟବହାରରେ ଘର ହେଉଥିଲା ସେ ଚୁନ ଗେଣ୍ଡାଶାମୁକା ପୋଡ଼ା ଯାଇ ପ୍ରସ୍ତୁତ କରାଯାଉଥିଲା। ପଥର, ଚୁନ ସନ୍ଧାନ ପରେ ଏହା କମିଗଲା। ପରେ ପରେ ପଥର ଚୁନ ସଂଯୋଗରୁ ସିମେଣ୍ଟ ଆସିଗଲା। ସହଜରେ ଘର ନିର୍ମାଣ ହେଲା। ଗେଣ୍ଡାର ମାଂସ ଅନେକ ଲୋକ ଆଗେ ଭକ୍ଷକ ଥିଲେ। ଏହା ଏକ ଜାନ୍ତବ ପୁଷ୍ଟିସାର, ବହୁ ଶ୍ରମିକ ଶ୍ରେଣୀର ନିମ୍ନ ଆୟକାରୀ ଲୋକ ଏହାକୁ ଭୋଜନ କରୁଥିଲେ। ଗେଣ୍ଡାଳିଆ ଗେଣ୍ଡା ଖୋଳକୁ ଥରେ ଫଟାଇ କେବଳ ମାଂସ ଅଂଶ ଖାଉଥାନ୍ତି। ଏବେ ଏହି ପକ୍ଷୀ ଦୁର୍ଲଭ, ଖାଲି ଏହିପକ୍ଷୀ ନୁହଁନ୍ତି, ପାଣିକୁଆ, ଚିଲ, ଶାଗୁଣା, କୁଆ, କୁଣ୍ଡାଖାଇ ବଣି, କୁମ୍ଭାଟୁଆ, କଜଳପାତି ବଗଙ୍କ ପରି ଅନେକ ସଂଖ୍ୟାଲଘୁ ହେଲେଣି ବା ହଜିଗଲେଣି। ବାଦୁଡ଼ି ଗହନ, ବଗ ଗହନ, କାକ ଗହନ, ପକ୍ଷୀମାନଙ୍କର କିଚିର ମିଚିରି ସ୍ୱର କାକଲି ଆଉ ଶୁଣାଯାଉନାହିଁ। ଜନପଦ ସବୁ ପୂର୍ବେ ଏକ ଚିଡ଼ିଆଖାନା ମଧ୍ୟରେ ଥିଲାପରି ବୋଧ ହେଉଥିଲା, କିନ୍ତୁ ହାୟ କିଥିଲା ଏ ରାଜ୍ୟ କି ହୋଇଛି ଆଜ। ରାଜଝିଅ ଅଳ୍ୟଳି, ତା ମନରେ ଅନେକ ସ୍ୱପ୍ନ ତା'ର ଯୁବକ ବର ପକ୍ଷୀରାଜ ଘୋଡ଼ାରେ ଆସି ତାକୁ ବିବାହକାରୀ ସାଥିରେ ନେଇଯିବ ସେ ମହାରାଣୀ ହେବ, କିନ୍ତୁ ତାର ବାବୁଙ୍କ ଏକ ବୁଢ଼ାରଜା ତାର ଅନେକ ସେନା ନେଇ ଆକ୍ରମଣ କରି ପରାସ୍ତ କରିଛି। ସେ ତାର ଯୁଦ୍ଧରେ ଜିତିବା ପଣ ନେଲେ ସାଲିଶ କରିବା ଏଥିରେ କନ୍ୟା ସୁନା ହାତୀଘୋଡ଼ା ଭୂମି ନେବ, ଏ ପାଳିରେ ରାଜଜେମା ହିଁ ବଳିର ବକ୍ରା । ଏଇଠି ରାଜଝିଅ କାନ୍ଦୁଛି ଆକାଶକୁ ଅନାଇ ଗେଣ୍ଡାଳିଆଙ୍କ ଉଡାଣକୁ ଚାହିଁ, ଦେଖୁଛି, ପକ୍ଷୀ ଗଣ ପରି ଝାଡ଼ି କହୁଛନ୍ତି ରେଜେମା ଆଉ ଉପାୟ ନାହିଁ। ଆମର କବିମାନେ ହଂସ ଦୂତ, ମେଘଦୂତ ପ୍ରେମୀଯୁଗଳଙ୍କ ମଧ୍ୟରେ ଯୋଗାଯୋଗର ମାଧ୍ୟମ ଥିଲେ। ମାଲ୍ୟାଣୀ, ଧୋବଣୀ, ବାରିକିଆଣି ଏମାନେ ଦୂତି କାମ କରୁଥିଲେ, ପରେ ବେରିଙ୍ଗ ଚିଠି, ପରି ଡାକ ବ୍ୟବସ୍ଥା ଏବେ ସବୁ ତମାଦୀ, ଏହି ମୋବାଇଲ ଫୋନ ଏ ସମସ୍ତଙ୍କ ଦୂତ, ଦୂତୀ।


ମୋ. ୯୪୩୭୦୩୧୨୫୩


# ପରୀକ୍ଷା ପାଇଁ ଲାଗିଥିବା ପିଲାର ଚାପକୁ ବୁଝନ୍ତୁ

**■ ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ ■**

ବାପା, ମା'ମାନେ ଥରେ ଧ୍ୟାନ ଦିଅନ୍ତୁ । ଆପଣଙ୍କ ପିଲା ଯଦି କହୁଛି, ମୋତେ ଭାରି ନର୍ଭସ୍ ଲାଗିଲାଣି ବା ଏଥର ପରୀକ୍ଷାରେ କଷ୍ଟ ପ୍ରଶ୍ନ ଆସିଲା ଭଳି ଲାଗୁଛି କିମ୍ବା ଆଉ ମାସ ଏତିକି ବେଳକୁ ମୁଁ ପରୀକ୍ଷା ହଲ୍‌ରେ ବସିଥିବି ବା ଏମିତି କିଛି, ତେବେ ଆପଣମାନେ ପିଲାର ପରିସ୍ଥିତିକୁ ଟିକିଏ ଗମ୍ଭୀରତାର ସହ ବିଚାର କରନ୍ତୁ । ପିଲାଟି ଉପରେ ପରୀକ୍ଷାର ଚାପ ମାଡ଼ି ବସିବା ଆରମ୍ଭ କଲାଣି ବୋଲି ଜାଣନ୍ତୁ । ପିଲା ଉପରେ ଯଦି ପରୀକ୍ଷାର ଚାପ ମାଡ଼ି ବସେ ତେବେ ତାର ପରୀକ୍ଷାର ଖରାପ ହେବାର ଆଶା ଅଧିକ । ଯଦିଓ, ଏମିତି ବି ପିଲା ଅଛନ୍ତି, ଯେଉଁମାନେ କି ଚାପରେ ରହିଲେ ପରୀକ୍ଷାରେ ଭଲ କରନ୍ତି ।

ମନୋବୈଜ୍ଞାନିକମାନଙ୍କ ମତରେ ପରୀକ୍ଷାର ଚାପ ସାଧାରଣତଃ ଦୁଇ ପ୍ରକାର ହୋଇଥାଏ । ଗୋଟିଏ ହେଲା ଦୀର୍ଘ କାଳୀନ ଚାପ । ପରୀକ୍ଷା ପାଇଁ ପ୍ରସ୍ତୁତ ହେଲା ବେଳକୁ ପିଲାଟି ଏହି ଚାପ ଭୋଗେ । ଆଉ ଏକ ଚାପ ପରୀକ୍ଷା ଦିନରୁ ହିଁ ଆରମ୍ଭ ହୁଏ । ଅନେକ ଡାକ୍ତରୀ ପରୀକ୍ଷା ଏହା ପ୍ରମାଣ କରିସାରିଲାଣି ଯେ ପରୀକ୍ଷା ଜନିତ ଚାପ ଯୋଗୁ ପିଲାଟିର ଶରୀରରେ ସାଲିଭାରି ଏସ୍ ଇମୁନୋଗ୍ଲୋବିନ୍‌ଏ ବା ଏସ୍‌ଏଲ୍‌ଜିଏ ନାମକ ଏକ 'ଆଣ୍ଟିବଡ଼ି' କମିଯାଏ । ଏହି ଆଣ୍ଟିବଡ଼ି ଶରୀରକୁ ବିଭିନ୍ନ ରୋଗ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରେ । ସେଥିପାଇଁ ଅନେକ ସ୍ଥଳରେ ଦେଖାଯାଏ ଯେ ପରୀକ୍ଷା ସମୟରେ ହିଁ ପିଲାମାନେ ରୋଗ ସଂକ୍ରମଣର ଅଧିକ ଶିକାର ହୋଇଥାନ୍ତି । ମନୋବିଜ୍ଞାନୀମାନେ କୁହନ୍ତି ଯେ ଛାତ୍ର ବା ଛାତ୍ରୀମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ମାଧ୍ୟମଧରଣର ଚାପ ନିତାନ୍ତ ଆବଶ୍ୟକ । କିନ୍ତୁ ପିଲାମାନଙ୍କ ଉପରେ ମାତ୍ରାଧିକ ଚାପ ଦିଆଯିବା ଉଚିତ ନୁହେଁ । ଅନେକ ବାପା ମା' ଯେଉଁ ଲକ୍ଷ୍ୟ ନିଜେ ସାଧନ କରିବାରେ ବିଫଳ ହୋଇଥାନ୍ତି, ସେମାନେ ନିଜ ପିଲାମାନଙ୍କ ଦ୍ୱାରା ତାହା ହାସଲ କରିବାକୁ ଚେଷ୍ଟା କରନ୍ତି । ଏଭଳି ବାପା ମା' ପିଲାମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରନ୍ତି । ପିଲାଟି କେଉଁ କ୍ଷେତ୍ରରେ ପାରଦର୍ଶିତା ଦେଖାଇବାର ସମ୍ଭାବନା ରଖିଛି, ସେ ଦିଗରେ ଧ୍ୟାନ ନଦେଇ ସେମାନେ ନିଜ ଦ୍ୱାରା ନିର୍ବାଚିତ କ୍ଷେତ୍ରରେ ପିଲାଟି ଭଲ କରୁ ବୋଲି ଚାହାନ୍ତି । ତାହା ହିଁ ପିଲାଟି ପାଇଁ କାଳ ହୋଇପଡ଼େ ।

ପିଲାଦିନରୁ ଜାଣିହେବ : ପିଲା ଦିନରୁ ଜାଣିହେବ ପିଲାଟି କେଉଁ ବିଷୟରେ ଭଲ କରିବ । ତୃତୀୟ ଶ୍ରେଣୀରେ ପଢ଼ିଲା ବେଳକୁ ସେମାନେ ବିଭିନ୍ନ ବିଷୟ ପ୍ରତି ଆଗ୍ରହ ବା ଅନାଗ୍ରହ ଦେଖାଇ ଥାନ୍ତି । ଜଣେ ସମ୍ବେଦନଶୀଳ ବାପା ମା' ଏ ସଂପର୍କରେ ଧାରଣା କରିପାରେ । ପିଲାଟି ପଞ୍ଚମ ଶ୍ରେଣୀ ପଢ଼ିଲା ବେଳକୁ ବାପାମା'ମାନେ ପିଲାଟି କେଉଁ ବିଷୟରେ ଭଲ କରିବ ବା କେଉଁ କ୍ଷେତ୍ରରେ ପିଲାଟିର ପ୍ରତିଭା ରହିଛି, ତାହା ଜାଣିପାରିବେ ।

ପିଲା ଚାପରେ ନ ଆସିବା ପାଇଁ କ'ଣ କରିବେ ? : ଏ ଦିଗରେ ବାପା ମା' ମାନଙ୍କର ଦାୟିତ୍ୱ ଅନେକ । ଅନେକ ବାପା ମା' ପିଲାଟି ଦିନରୁ ଏ ଦାୟିତ୍ୱକୁ ଠିକ୍ ଭାବେ ତୁଲାଇ ଥାନ୍ତି । ସେମାନଙ୍କ ପିଲାମାନେ ପରୀକ୍ଷା ବେଳେ ହଇରାଣରେ ପଡ଼ନ୍ତି ନାହିଁ । ସାନବେଳୁ ପିଲାମାନେ ଯେମିତି ସେମାନଙ୍କ ଭିତରେ ଏକ ଭଲ ସଉକ ବା 'ହବି' ବିକାଶ କରନ୍ତି ତାହା ଦେଖିବା କଥା । ଗପ ବହି ପଢ଼ିବାକୁ ଉତ୍ସାହିତ କରିବା, ଖବର କାଗଜ ପଢ଼ିବାର ଅଭ୍ୟାସ କରାଇବା, କୌଣସି ଏକ ଭଲ ବାଦ୍ୟଯନ୍ତ୍ର ବଜାଇବାର ତାଲିମ ଦେବା ଏଭଳି ସଉକର ଅନ୍ତର୍ଭୁକ୍ତ । ଯେତେବେଳେ ପାଠରୁ ଫୁର୍ସତ ମିଳିବ ସେତିକି ବେଳେ ପିଲାଟିଏ ଯଦି ସେ ଭଲ ପାଉଥିବା ଏଭଳି କୌଣସି ଏକ କାମରେ ଲାଗିବ, ତେବେ ତାର ମନକୁ ହାଲୁକା ହେବ ଏବଂ ପରବର୍ତ୍ତୀ ସମୟରେ ଆଉ ଥରେ ପଢ଼ାପଢ଼ି ଆରମ୍ଭ କଲା ବେଳକୁ ସେ ସତେଜ ହୋଇପାରିଥିବ । ପିଲାଟି ଦିନରୁ ପ୍ରତି ଦିନ ତିନିରୁ ଚାରି ଘା ପଢ଼ାର ଅଭ୍ୟାସ କରାଇବା ଭଲ । ଜଣେ ଯଦି ବର୍ଷ ଆରମ୍ଭରୁ ତିନିରୁ ଚାରି ଘଣ୍ଟା ପଢ଼େ, ତେବେ ତାକୁ ପରୀକ୍ଷା ବେଳକୁ ଅତି ଅଧିକ ପରିଶ୍ରମ କରିବାକୁ ପଡ଼ିବ ନାହିଁ । କ୍ଳାନ୍ତି ମୋଇବା ପାଇଁ ପିଲା ଭଲ ଭାବେ ଶୋଇବା ଉଚିତ । ପିଲାଟି ଭଲ ଗୀତ ଶୁଣି ବି ମନକୁ ପ୍ରଫୁଲ୍ଲ କରିପାରେ । କିନ୍ତୁ ଟିଭି ଦେଖି ମନକୁ ଖସି କରିବାର ଅଭ୍ୟାସ ଯେମିତି ପିଲାର ନହୁଏ, ସେ ଦିଗରେ ବାପା ମା'ମାନେ ଧ୍ୟାନ ଦେବା ଉଚିତ ।

ମାନସିକ ସାହସ : ପିଲାକୁ ମାନସିକ ସାହସ ବା ପ୍ରତ୍ୟୟ ଦେବା ପ୍ରତି ବାପାମା'ଙ୍କ ଦାୟିତ୍ୱ । ଏଇ ପରୀକ୍ଷାଟି ଗୁରୁତ୍ୱପୂର୍ଣ୍ଣ ମାତ୍ର ଖରାପ ହୋଇଗଲେ ସବୁ ବାଟ ବନ୍ଦ ହୋଇଯିବ ନାହିଁ ବୋଲି ପିଲାକୁ ବାପାମା'ମାନେ ବୁଝାଇବା ଦରକାର । ଏହା ମଧ୍ୟ ସତ ଯେ କୌଣସି ପରୀକ୍ଷା ଯେତେ ଗୁରୁତ୍ୱପୂର୍ଣ୍ଣ ହେଲେ ବି ଏହା ଏକମାତ୍ର କଥା ନୁହେଁ । ସବୁ ପରିସ୍ଥିତିର କିଛି ନା କିଛି ବିକଳ୍ପ ଅଛି ।

ଚାପର ପରିଣାମ : ଚାପଗ୍ରସ୍ତ ପିଲାମାନଙ୍କ ଉପରେ ଏହାର ପ୍ରଭାବ ନକାରାତ୍ମକ ହୋଇଥାଏ । ଏହା ସେମାନଙ୍କ ଆତ୍ମପ୍ରତ୍ୟୟକୁ ଆକ୍ରାନ୍ତ କରେ । ବଡ଼ ହେଲା ପରେ ବି ଏହା ସେମାନଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ । ଜଣାପଡ଼ିଛି ଯେ ଅତ୍ୟଧିକ ଚାପଗ୍ରସ୍ତ ପିଲାମାନଙ୍କ ଭିତରୁ ପଚାଶ ପ୍ରତିଶତ କୌଣସି ନା କୌଣସି ସମୟରେ ଆତ୍ମହତ୍ୟା କରିବା ସଂପର୍କରେ ଗମ୍ଭୀରତାର ସହ ବିଚାର କରନ୍ତି । ସାଧାରଣତଃ ଏଭଳି ଆତ୍ମହତ୍ୟା କରୁଥିବା ପିଲାମାନଙ୍କ ଭିତରେ ପୁଅମାନଙ୍କ ସଂଖ୍ୟା ଝିଅମାନଙ୍କ ଠାରୁ ଅଧିକ । ଏହା ପଚରେ ଥିବା କାରଣଟି ହେଉଛି ପୁଅମାନଙ୍କ ଉପରେ କିଛି କରି ଦେଖାଇବାର ଚାପ ଅଧିକ ଥାଏ ।

ବାପାମାନେ କ'ଣ ଜାଣିବା ଉଚିତ : ଆଜିକାଲି ସହରୀ ବାପା ମା'ମାନଙ୍କ ଭିତରୁ ଅଧିକାଂଶ ଉଚ୍ଚଶିକ୍ଷିତ । ମାତ୍ର, ସେମାନଙ୍କ ଭିତରୁ ବେଶି ଭାଗ ପିଲାର ସାମଗ୍ରିକ ବିକାଶକୁ ନେଇ ଚିନ୍ତିତ ନୁହନ୍ତି ବା ସଚେତନ ନୁହନ୍ତି । ଅଧିକାଂଶ ମନୋବୈଜ୍ଞାନିକଙ୍କ ମତାନୁସାରେ ଏହା ହିଁ ହେଉଛି ପିଲାମାନଙ୍କ ଉପରେ ଚାପର ପ୍ରଧାନ କାରଣ । ସେମାନେ କୁହନ୍ତି ଯେ ପିଲାର ପ୍ରତିଭାକୁ ଏବେ ଗ୍ରେଡ୍ ଅନୁସାରେ ମପାଯାଉଛି । ପିଲାର ଜୀବନ ଏବେ ହୋଇପଡୁଛି ଗ୍ରେଡ୍ ସର୍ବସ୍ୱ । କିନ୍ତୁ, କୌଣସି ବିଦ୍ୟାଳୟର ଶିକ୍ଷକ ବା ପିଲାମାନଙ୍କ ବାପାମା'ମାନେ ପିଲାର ସୃଜନଶୀଳ ପ୍ରତିଭାର ବିକାଶ ଦିଗରେ ନଜର ଦିଅନ୍ତି ନାହିଁ । ଏହା ହିଁ ହେଉଛି ପିଲା ଉପରେ ବଢୁଥିବା ଚାପର ପ୍ରଥମ କାରଣ । ପୂର୍ବେ ପିଲାଟି କେବଳ ପରୀକ୍ଷାରେ ଭଲ କରୁ ବୋଲି ବାପାମା ଏବଂ ଗୁରୁଜନମାନେ ଆଶା କରୁଥିଲେ, ମାତ୍ର ଏବେ ଯେଉଁ ପିଲାଟି ଭଲ ଖେଳୁଛି, ତା ଉପରେ ବି ଏତେ ଚାପ ପଡୁଚି, ସେ ତାର ମୁକାବିଲା କରିବାକୁ ଅସମର୍ଥ ହେଉଛି ।

ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନଙ୍କୁ କ'ଣ ଖାଇବାକୁ ଦେବେ ?

ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନଙ୍କ ଖାଦ୍ୟ ତାଲିକା ଚିକିତ୍ସା ବିଜ୍ଞାନରେ ସେପରି କିଛି ସ୍ୱତନ୍ତ୍ର ତାଲିକାରେ ନାହିଁ କିନ୍ତୁ ଏହି ସମୟରେ ଫାଷ୍ଟଫୁଡ୍, ଅତ୍ୟଧିକ ଗରିଷ୍ଠଖାଦ୍ୟ ଦିଅନ୍ତୁ ନାହିଁ। ଅଳ୍ପ ଅଳ୍ପ ଭାବରେ ବରଂ ଦିନକୁ ଚାରି ପାଞ୍ଚଥର ଖାଦ୍ୟ ଦେଲେ ଭଲ। ରାତିରେ ବିଶ୍ରାମ ବେଳେ ପିଲାକୁ କ୍ଷୀର ପିଇବା ପାଇଁ ଦିଅନ୍ତୁ। ବର୍ତ୍ତମାନ ସହଜେ ଗ୍ରୀଷ୍ମର ତାପ ବଢୁଥିବାରୁ ପିଲାମାନଙ୍କୁ ଫଳଜୁସ୍, ପଇଡ଼ପାଣି ଦେବା ଭଲ। ଥଣ୍ଡାପାନୀୟ ବା ଥଣ୍ଡାଖାଦ୍ୟ ଦିଅନ୍ତୁ ନାହିଁ। ମିଠା, ଆଇସକ୍ରିମ ନଦେଲେ ଭଲ। ସୁଷମ ଖାଦ୍ୟ ଦିଅନ୍ତୁ, ତଟକା ପନିପରିବାରେ ଖାଦ୍ୟ ତିଆରି କରନ୍ତୁ। ପିଲାଟିର ଯେପରି ଖାଦ୍ୟଜନିତ କୋଷ୍ଠକାଠିନ୍ୟ ନ ହୁଏ ସେ ଦିଗକୁ ଭୁଲନ୍ତୁ ନାହିଁ। ପିଲାକୁ କୌଣସି ଖାଦ୍ୟ ପାଇଁ ଜବରଦସ୍ତ କରନ୍ତୁ ନାହିଁ ବା ବାଧ୍ୟ କରନ୍ତୁନାହିଁ। ବାଶି ଖାଦ୍ୟ, ତେଲଭାଜି ନଦେଲେ ଭଲ। ଆମିଷ ଦିଅନ୍ତି କିନ୍ତୁ ଏହାର ପରିମାଣ କମ୍ ରଖନ୍ତୁ। ଆମିଷରେ ଛୋଟମାଛ ବା ଦେଶୀ ଅଣ୍ଡା ଭଲ। ପିଲାଟିର କୌଣସି ଦୀର୍ଘକାଳୀନ ଅସୁସ୍ଥତା ଥିଲେ ତୁରନ୍ତ ଶିଶୁବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଏହି ସମୟରେ ପିଲାର ମନସ୍ତାତ୍ତ୍ୱିକ ଦିଗକୁ ଆପଣ ଜଣେ ଅଭିଭାବକ ନୁହେଁ ବରଂ ଜଣେ ବନ୍ଧୁ ଭାବରେ ତା ସହିତ ସମୟ ଦେଲେ, ଭାବର ଆଦାନପ୍ରଦାନ କଲେ ଏହା ପିଲା ଉପରେ ଭଲ ପ୍ରଭାବ ପକାଇବ। ଉପରୋକ୍ତ କଥା ଗୁଡ଼ିକ ମାନି ଚଳନ୍ତୁ ଦେଖିବେ ଆପଣଙ୍କ ପିଲା ନିଶ୍ଚିନ୍ତ ଭାବରେ ଭଲ ଫଳ ପାଇବ ।

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ






ଏ ସହର ଏମିତି ଯେଉଁଠି କେବେ ଅନ୍ଧାର ହୁଏନି । ଚକମକ କରୁଥିବା ଆଲୋକମାଳା ଏହାକୁ ଦିନ ଓ ରାତିର ପ୍ରଭେଦ ଜାଣିବାକୁ ଦିଏନି । ପଟାୟା ସହର ଏହା । ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍ ଠାରୁ ବସ୍‌ରେ ମାତ୍ର ଦୁଇ ଘଣ୍ଟାର ରାସ୍ତା ପଟାୟା । ପଟାୟାର ଚଳଚଞ୍ଚଳ ତଥା ମନମୋହକ ସମୁଦ୍ରବେଳା ଓ ଦ୍ୱୀପ ସାରା ଦୁନିଆରେ ବିଖ୍ୟାତ । ପୁଣି ଏହାର ଚକମକ ରାତି ସହରକୁ ଆହୁରି ରଙ୍ଗୀନ କରିଦିଏ । ସାରା ବିଶ୍ୱରୁ ପର୍ଯ୍ୟଟକ ଆସନ୍ତି ରାତିଦିନ ଏକ କରି ପଟାୟାକୁ ଉପଭୋଗ କରିବା ପାଇଁ । କେବଳ ସହର ଯେ ସଦା ଜାଗ୍ରତ, ତା' ନୁହେଁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ସାରା ରାତି ଉଜାଗର ରୁହନ୍ତି ପଟାୟାକୁ ମନଭରି ଉପଭୋଗ କରିବାକୁ । ଏଠାର ବ୍ୟାଙ୍କିଙ୍ଗ ଷ୍ଟ୍ରୀଟର ଚେହେରା ଲସ୍ ଭେଗାସ୍ ପରି ।




# ସାରା ରାତି ଜାଗୁଥିବା ସହର











ପଟାୟାର କ୍ୟାସିନୋ ଓ ନାଇଟ୍ କ୍ଲବ ସାରା ଦୁନିଆର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରେ । ପଟାୟା ଭ୍ରମଣରେ ଗଲେ ଏହାର ଟିଫ୍‌ନି ଶୋ' ଦେଖିବାକୁ ଭୁଲିବେ ନାହିଁ । ଆଧୁନିକ ଜ୍ଞାନ କୌଶଳ ସହ ଉନ୍ନତମାନର ନୃତ୍ୟନାଟିକା ପ୍ରଦର୍ଶନ ହୁଏ ଏଥିରେ । ଦୁନିଆର ଟପ୍ ଟେନ୍ ଶୋ ଭିତରେ ଫ୍ରାନ୍ସର ମେଲିନ ଶୋ', ଲସ୍ ଭେଗାସର ସିଗ ଫ୍ରାଏଡ୍ ଓ ମେଇଷ୍ଟ୍ରସ୍‌ର ଶୋ' ପରେ ପଟାୟାର ଟିଫ୍‌ନି ଶୋ ବିଶ୍ୱ ର୍ୟାଙ୍କିଙ୍ଗରେ ଚତୁର୍ଥ ସ୍ଥାନରେ ଅଛି । ଏକ ଘଣ୍ଟା ୨୦ ମିନିଟ୍‌ର ଏହି ନନ୍‌ଷ୍ଟପ୍ ଶୋ'ରେ ଗୋଟିଏ କାର୍ଯ୍ୟକ୍ରମ ଶେଷ ହେବା ପୂର୍ବରୁ ଦ୍ୱିତୀୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଏ । ଟିଫ୍‌ନିର ଇତିହାସ ଖୁବ୍ ମଜାଦାର । ୧୯୭୪ ମସିହାରେ କେତେଜଣ ସାଙ୍ଗ ନୂଆବର୍ଷ ସଂଧ୍ୟାରେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ସେବେଠାରୁ ପ୍ରତିଦିନ ଲଗାତର ଏହି ଶୋ' ଚାଲିଛି ଗତ ୩୭ ବର୍ଷ ହେବ । ଟିଫ୍‌ନୀ କଳାକାରମାନଙ୍କର ନିଜ କମ୍ପାନୀ ଓ ନିଜସ୍ୱ ଅଡିଟୋରିୟମ ଅଛି । ଏହି ଶୋ' ପାଇଁ ଆଗୁଆ ଟିକେଟ ବୁକିଂ କରିବା ଦରକାର ହୁଏ । ତତ୍କାଳ ଟିକେଟ ମଧ୍ୟ ମିଳିପାରେ ହେଲେ ଏହା ବାଲକୋନୀରେ ମିଳେ, ଯେଉଁଠାରେ ଶୋ'ର ଅସଲ ମଜା ମିଳିପାରେନି ।

ପଟାୟାର ଅନ୍ୟତମ ଆକର୍ଷଣ ୱାଟର ସ୍ପୋର୍ଟ୍ସ । ଏଠାରେ ଆପଣ ପାରାଗ୍ଲାଇଡିଂ ସହ ସମୁଦ୍ରରେ ଡୁବ ମାରିପାରିବେ, ନିଜେ ବୋଟ୍ ଚଲାଇ ସମୁଦ୍ର ଭିତରକୁ ଯାଇପାରିବେ ଏବଂ ସମୁଦ୍ର ତଳକୁ ଯାଇ ଗଭୀରତା ମାପିପାରିବେ । କୋରାଲ ଆଇଲ୍ୟାଣ୍ଡ ଯିବା ।



ରାସ୍ତାରେ କିଛି କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ଯାତ୍ରା ଆପଣଙ୍କୁ ସତେଜ କରିଦେବ । ଏହାପରେ କୋରାଲ ବିଚ୍‌ରେ ସମୁଦ୍ରର ସ୍ୱଚ୍ଛ ପାଣିରେ ସ୍ନାନ କରିବାର ସୁଯୋଗକୁ ପର୍ଯ୍ୟଟକମାନେ ହାତଛଡ଼ା କରନ୍ତି ନାହିଁ ।

ଶକ୍ତି, ଉଦ୍ୟୋଗ ଏବଂ କୃଷି ଥାଇଲାଣ୍ଡର ମୁଖ୍ୟ ରୋଜଗାରର ସ୍ରୋତ ଥିଲା । ମାତ୍ର ଗତ କିଛିଦଶକ ହେବ ପର୍ଯ୍ୟଟନ ଏହାର ଆୟର ମୁଖ୍ୟ ପନ୍ଥା ହୋଇଛି । ପ୍ରଥମେ ଟୁରିଜିମ୍ ପାଇଁ ବ୍ୟାଙ୍କକ୍ ବ୍ୟତୀତ ଫୁକେଟ୍ ଏକ ଭଲ ବିକଳ୍ପ ଥିଲା । କିନ୍ତୁ ଗତ ୭/୮ବର୍ଷ ହେବ ଥାଇଲାଣ୍ଡ ଟୁରିଜିମ୍‌ର ମୁଖ୍ୟ ଆକର୍ଷଣ ପଟାୟା । ଏମିତିରେ ଦେଖିବାକୁ ଗଲେ ସାରା ବିଶ୍ୱର ପର୍ଯ୍ୟଟକ ଏଠାକୁ ଆସନ୍ତି, ମାତ୍ର ଏସୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଏଠାରେ ସର୍ବାଧିକ । ସେମାନଙ୍କ ପାଇଁ ଏଠାକୁ ଆସିବା ଓ ରହିବା ଅପେକ୍ଷାକୃତ ଶସ୍ତା । ଆନ୍ତର୍ଜାତିକ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ଏଠି ଆମ ଦେଶରେ ଚା' ପାନ ଦୋକାନ ପରି ମନି ଏକ୍ସଚେଞ୍ଜ କାଉଣ୍ଟର ବହୁ ସଂଖ୍ୟାରେ ଦେଖିବାକୁ ମିଳେ । ପର୍ଯ୍ୟଟନ ଯୋଗୁଁ ଦିନକୁ ଦିନ ଥାଇ ମୁଦ୍ରା ୱାଟ୍‌ର ସ୍ଥିତି ମଧ୍ୟ ମଜଭୁତ ହେବାରେ ଲାଗିଛି ।

ପଟାୟାରେ ଆପଣ ଖୋଲା ଟ୍ୟାକ୍ସିରେ ବୁଲି ରାତିର ସୁନ୍ଦର ଦୃଶ୍ୟ ଉପଭୋଗ କରିପାରିବେ । ଦୁଇଚକିଆ ଯାନ ବି ଆପଣ ଭଡ଼ାରେ ନେଇପାରନ୍ତି । ଏଠାର ସି'ଫୁଡ୍ ଖୁବ୍ ପ୍ରସିଦ୍ଧ । ହିନ୍ଦୁସ୍ତାନୀ ରେଷ୍ଟୁରାଣ୍ଟର ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ ।

ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ ୪ମାସ ପୂର୍ବରୁ ବନ୍ୟାରେ ସମ୍ପୂର୍ଣ୍ଣ ଧୋଇଯାଇଥିଲା । ହେଲେ ଆଜି ଏଠାରେ ଏହାର ଝଲକ ଆପଣ ଦେଖିପାରିବେ ନାହିଁ । ସରକାରଙ୍କ ସହ ଜନସାଧାରଣ ମିଶି ରାତିଦିନ ଏକ କରି ସହରକୁ ପୁଣି ସଜାଡ଼ି ଦେଇଛନ୍ତି । ଯେମିତିକି ଏ ଦେଶକୁ ଆସୁଥିବା ପର୍ଯ୍ୟଟକ ମୁହଁ ମୋଡ଼ି ଚାଲିନଯିବେ ।

### ପଟାୟାରେ ଆଉ କିଛି

ଅନେକ ଲୋକ ପଟାୟା ଭ୍ରମଣରେ ଯାଆନ୍ତି, ସମୁଦ୍ର ଓ ରାତ୍ରି ଜୀବନର ମଜା ଲୁଟନ୍ତି । ହେଲେ ଫେରିଆସିବା ପରେ ଜାଣନ୍ତି ପଟାୟାକୁ ସମ୍ପୂର୍ଣ୍ଣ ଭାବରେ ଦେଖିପାରିଲେ ନାହିଁ ସେମାନେ । ତା'ହେଲେ ଆସନ୍ତୁ ଜାଣିବା କ'ଣ କ'ଣ ଅନୁଭବ ନକଲେ ପଟାୟା ଭ୍ରମଣ ଅସମ୍ପୂର୍ଣ୍ଣ ରହିଯିବ ଆପଣଙ୍କର ।

### ମୁୟେ ତାହି ବକ୍ସିଂ

ପଟାୟାକୁ ଯାଇ ଆପଣ ବକ୍ସିଂ କରିବେ ଏକଥା କହୁନୁ । କିନ୍ତୁ ଏହାକୁ ଉପଭୋଗ କରନ୍ତୁ । ମୁୟେ ଥାଇ ବକ୍ସିଂ ଥାଇଲାଣ୍ଡର ଜାତୀୟ କ୍ରୀଡା । ବିଶ୍ୱର ଅନ୍ୟତମ ଭୟଙ୍କର ଯୁଦ୍ଧକଳା ଏହା । ପଟାୟାର ସମୁଦ୍ର ବେଳାଭୂମି, ବାର୍ ଓ ରାସ୍ତାରେ ଏହି ବକ୍ସିଂ ଦେଖିପାରିବେ ଆପଣ । ବର୍ଷ ବର୍ଷ ଧରି ଶିଖିବା ପରେ ଥାଇ ଯୋଦ୍ଧାମାନେ ଏହି ବକ୍ସିଂ କରିପାରନ୍ତି ।

**ୱାଟ୍ :** ଥାଇ ଭାଷାରେ ୱାଟ୍‌ର ଅର୍ଥ ମନ୍ଦିର । ପଟାୟା ମୁଖ୍ୟତଃ ବୌଦ୍ଧ ଧର୍ମାବଲମ୍ବିଙ୍କ ସହର । ତେଣୁ ଏଠାରେ ବୁଦ୍ଧ ମନ୍ଦିର ସଂଖ୍ୟା ଯଥେଷ୍ଟ । ଆପଣଙ୍କର ବୌଦ୍ଧଧର୍ମରେ ଆଗ୍ରହ ନଥାଇପାରେ କିନ୍ତୁ ଏସବୁ ମନ୍ଦିରର ସୌନ୍ଦର୍ଯ୍ୟ ଉପଭୋଗ କରିବାରୁ ନିଜକୁ ବଞ୍ଚିତ କରନ୍ତୁ ନାହିଁ । ଏଠାରେ ଅନେକ ସୁନ୍ଦର ବୁଦ୍ଧ ମନ୍ଦିର ରହିଛି । ସେ ମଧ୍ୟରେ ସବୁଠାରୁ ପ୍ରସିଦ୍ଧ ବୁଦ୍ଧ ହିଲ୍‌ର ଗୋଲ୍‌ଡେନ ବୁଦ୍ଧ । ଏହା ବ୍ୟତୀତ ୱାଟ୍ ଚାଇ ମଙ୍ଗକୋନ୍, ୱାଟ୍ ୟୋନସାଙ୍ଗୱାରାରମ, ୱାଟ୍ ସେନସୁକ, ୱାଟ୍ ଚାଇ ମଙ୍ଗଖାନ ଆଦି ପ୍ରସିଦ୍ଧ ବୁଦ୍ଧ ମନ୍ଦିର ରହିଛି ଏଠାରେ ।

### ଷ୍ଟ୍ରିଟ୍ ଫୁଡ୍

ପଟାୟାରେ ସି' ଫୁଡ୍‌ର ଅସଲ ମଜା ଆପଣ ପାଇପାରିବେ ବୁଲା ବିକାଳୀମାନଙ୍କ ଠାରୁ । ସମୁଦ୍ର ବେଳାଭୂମିରେ ଏମିତି ବୁଲା ବିକାଳିଙ୍କ ସଂଖ୍ୟା ଅଧିକ । ଅତିକମ୍‌ରେ ଥରେ ଏହି ଖାଦ୍ୟର ସ୍ୱାଦ ନିଅନ୍ତୁ । ଅସଲି ସ୍ୱାଦ ଆପଣ ପାଇପାରିବେ ।

**ଫ୍ଲି ମାର୍କେଟ୍ :** ପଟାୟା ସହରରେ ଆପଣ ଅନେକ ଛୋଟ ଛୋଟ ରାସ୍ତାକଡ଼ ମାର୍କେଟ ଦେଖିପାରିବେ । ତେବେ ସବୁଠୁ ପ୍ରସିଦ୍ଧ ହେଉଛି ରବିବାରର ଥେପାରିଷ୍ଟ ରୋଡ ମାର୍କେଟ ଏବଂ ଶୋଇ ବୌଖାଓର ବୁଧ ଓ ଶୁକ୍ରବାର ମାର୍କେଟ । ଏଠି ଆପଣ ପୁରୁଣାକାଳିଆ ଜିନିଷ ଠାରୁ ଆରମ୍ଭ କରି ଘର ସଜା ସାମଗ୍ରୀ, ପୋଷା ଜୀବ, ପୋଷାକପତ୍ର, ବହି, ସେରାମିକ୍, ହସ୍ତକଳା ସାମଗ୍ରୀ ଓ ଧାର୍ମିକ ଜିନିଷ ଏକାଠି ପାଇପାରିବେ । କିଣିବାକୁ ନଚାହିଁଲେ ବି ଆପଣ ଏସବୁ ବୁଲି ଦେଖିପାରିବେ । ହଁ ଏସବୁ କିଣିବା ପାଇଁ ଆପଣଙ୍କୁ ଭଲ ଭାବେ ମୂଲଚାଲ କରିବାକୁ ହେବ । କାରଣ ଦୋକାନିମାନେ ଯେଉଁ ଦାମ ପ୍ରଥମରୁ କହିବେ ତା'ର ୧୦ ଭାଗ ଦାମ୍‌ରେ ସେମାନେ ଏହାକୁ ବିକିବେ ।

**ମାଲିସ୍ :** ଥାଇ ମସାଜ୍, ଫୁଟ୍ ମସାଜ୍, ଫୁଲ୍ ବଡି ମସାଜ୍, ଏମିତି ଲେଖାଥିବା ବୋର୍ଡ ଆପଣ ପଟାୟାର ସବୁଆଡେ ଦେଖିବାକୁ ପାଇବେ । ଛୋଟରୁ ବଡ଼ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ମସାଜ୍ ପାର୍ଲର ଏଠାରେ ଅଛି । ପଟାୟା ଯାଉଥିବା ପର୍ଯ୍ୟଟକମାନେ ଏହାର ମଜା ନେବା ଆବଶ୍ୟକ । ୫୦୦ ଡଲାରରୁ ୨୦୦ ୱାଟ୍ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ ଏଥିରେ ।



---

# ଟିଭି ଦେଖିବା ଆଉ କପଡ଼ା ଇସ୍ତ୍ରି କରିବାରେ ବିଦ୍ୟୁତର ସବୁଠାରୁ ଅଧିକ ଉପଯୋଗ



ଭାରତୀୟ ଘରମାନଙ୍କରେ ବିଦ୍ୟୁତ୍ ଯୋଗାଣ ସର୍ବାଧିକ ଲାଭ ପୁରୁଷମାନଙ୍କୁ ମିଳିଛି, ମହିଳାମାନେ ଏହା ପଛରେ ଅଛନ୍ତି । କାର୍ନେଗି ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଗବେଷଣାରୁ ଏହା ଜଣାପଡ଼ିଛି । ରିସର୍ଚ୍ଚ ସାଇନ୍ସ ମାଗାଜିନ ନେଚର ଏହା ପ୍ରକାଶ କରିଛିଛ ଭାରତୀୟ ପୁରୁଷମାନଙ୍କ ପାଇଁ ବିଦ୍ୟୁତର ସବୁଠାରୁ ଭଲ ଉପଯୋଗ ଟିଭି ଦେଖିବା ଏବଂ ମହିଳାମାନଙ୍କ ପାଇଁ କପଡ଼ା ଇସ୍ତ୍ରି କରିବା । ୟୁନିଭର୍ସିଟି ପକ୍ଷରୁ ଡାନିଏଲ ଆର୍ନିୟସ ଏବଂ ତାଙ୍କ ସହଯୋଗୀମାନଙ୍କ ପକ୍ଷରୁ ଦେଶର ୭ଟି ବୃହତ୍ ରାଜ୍ୟମାନଙ୍କରେ ବିଦ୍ୟୁତ ଉପଯୋଗର ଗବେଷଣା କରାଯାଇଥିଲାଛ ଏସବୁ ରାଜ୍ୟ ମଧ୍ୟରେ ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ୟୁପି ଓ ପଶ୍ଚିମବଙ୍ଗ ସାମିଲ । ପ୍ରଥମେ ପରୀକ୍ଷାମୂଳକ ଭାବରେ ଗୁଜରାଟର ୩୦ଟି ଘରେ ସର୍ବେକ୍ଷଣ କରାଯାଇଥିଲା । ଏଥିରେ ଦେଖାଯାଇଥିଲା ଅଧାରୁ ଅଧିକ ଘରେ ରୋଷେଇ ଘରେ ବି ବିଦ୍ୟୁତ୍ ବଲ୍‌ବ ନାହିଁ । କିନ୍ତୁ ପୁରୁଷମାନେ ଟିଭି ଏବଂ ପଙ୍ଖା ବ୍ୟବହାର କରୁଛନ୍ତି । ଅନ୍ୟ ୬ଟି ରାଜ୍ୟରେ ମଧ୍ୟ ସମାନ ପରିଣାମ ଦେଖିବାକୁ ମିଳିଥିଲା । ଅଧ୍ୟୟନକାରୀ ଦଳ ପକ୍ଷରୁ ଜଣାପଡ଼ିଛି ଘରକୁ ବିଦ୍ୟୁତ ଆସିବା କାରଣରୁ ମାତ୍ର ୨୫% ମହିଳାଙ୍କୁ ହିଁ ନିଜ ପସନ୍ଦର କାମ କରିବା ନିମନ୍ତେ ସମୟ ମିଳିଛ । ଅନ୍ୟଥା ପୂର୍ବରୁ ସେମାନେ କେବଳ ଘରୋଇ କାମ କରିବାରେ ନିଜର ସମର୍ଥ ସମୟ ଅତିବାହିତ କରୁଥିଲେ । ଗବେଷକମାନଙ୍କ ଅନୁଯାୟୀ ଘରମାନଙ୍କରେ ବିଦ୍ୟୁତ ଯୋଗାଣ ଲିଙ୍ଗ ବିଭେଦତାକୁ କମ୍ କରିବ କିମ୍ବା ଶେଷ କରିବ ବୋଲି ଆଶା କରାଯାଉଥିଲା । କିନ୍ତୁ ଏହି ଅଧ୍ୟୟନର ତଥ୍ୟ ଭିନ୍ନ ପରିଦୃଶ୍ୟ ଦେଉଛି । ରିପୋର୍ଟରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଭେଦଭାବ କେବଳ ବଡ଼ ବଡ଼ ଗାଜେଟ୍ସ ଏବଂ ଉପକରଣ ମଧ୍ୟରେ ସୀମିତ ନାହିଁ । ପୁରୁଷମାନେ ବିଦ୍ୟୁତ୍ ବଲ୍‌ବ ଏବଂ ପଙ୍ଖା ଆଦି ଛୋଟ ଉପକରଣ ବ୍ୟବହାରରେ ମଧ୍ୟ ମହିଳାମାନଙ୍କଠାରୁ ଆଗରେ ଅଛନ୍ତି ।

# ନଦୀ ବୁଝେନି ଦେଶର ସୀମା



ଜଳ ରାଜନୈତିକ ସୀମା ମାନେନି । ଏହାର ନିଜସ୍ୱ ପ୍ରବାହ, ରାସ୍ତା ଓ ସୀମା ଅଛି । ସମଗ୍ର ବିଶ୍ୱରେ ୧୪୮ଟି ଦେଶରେ ଅନ୍ତଃରାଷ୍ଟ୍ରୀୟ ନଦୀ ଅବବାହିକା ଅଛି । ୨୧ଟି ଦେଶ ସମ୍ପୂର୍ଣ୍ଣ ଅନ୍ତଃରାଷ୍ଟ୍ରୀୟ ନଦୀ ଅବବାହିକା ଭିତରେ ଅଛି । ବିଶ୍ୱରେ ୨୭୬ଟି ନଦୀ ଏକାଧିକ ଦେଶ ଦେଇ ପ୍ରବାହିତ ହେଉଛି । ଆଫ୍ରିକାରେ ଏପରି ନଦୀର ସଂଖ୍ୟା ୬୪ ହୋଇଥିବା ବେଳେ ଏହି ସଂଖ୍ୟା ଏସିଆରେ ୬୦ଟି, ୟୁରୋପରେ ୬୪, ଉତ୍ତର ଆମେରିକାରେ ୪୬ ଓ ଦକ୍ଷିଣ ଆମେରିକାରେ ୩୮ ।

ସାରା ବିଶ୍ୱରେ ଥିବା ୨୭୬ଟି ବହୁଦେଶୀୟ ନଦୀ ମଧ୍ୟରୁ ୨୫୬ଟି ବହୁଛି ୨, ୩ କିମ୍ବା ୪ଟି ଦେଶ ମଧ୍ୟରେ ।

୨୦ ପ୍ରତିଶତ ନଦୀ ୫ଟି ଦେଶର ସୀମାରେଖା ଭିତର ଦେଇ ବହିଯାଉଛି । ଡାନ୍ୟୁବ ନଦୀ ସର୍ବାଧିକ ୧୯ଟି ଦେଶ ଦେଇ ଯାଇଛି ।


ଭୂ-ପୃଷ୍ଠର ୪୬ ଭାଗରେ ବହୁଦେଶୀୟ ନଦୀ ଅବବାହିକା ରହିଛି ।

ଋଷୀୟ ଫେଡେରେସନ୍‌ରେ ସର୍ବାଧିକ ୩୦ଟି ବହୁ ଦେଶୀୟ ନଦୀ ଅଛି । ଏହା ଚିଲି ଓ ଆମେରିକା ସହ ୧୯ଟି, ଆର୍ଜେଣ୍ଟିନା ଓ ଚୀନ ସହ ୧୮ଟି, କାନାଡା ସହ ୧୫ଟି, ଗିନି ସହ ୧୪ଟି, ଗୁଏଟ୍‌ମାଲା ସହ ୧୩ଟି ଓ ଫ୍ରାନ୍ସ ସହ ୧୦ଟି ନଦୀ ଭାଗ କରେ ।

ପୃଥିବୀର ମୁଖ୍ୟ ଅନ୍ତଃରାଷ୍ଟ୍ରୀୟ ଜଳ ଅବବାହିକାର ଏକ-ତୃତୀୟାଂଶ ଅଛି ଆଫ୍ରିକା ମହାଦେଶରେ । ଏଠାରେ ଯଥାକ୍ରମେ ୬୩ଟି ଓ ୮୦ଟି ବହୁଦେଶୀୟ ନଦୀ ଓ ହ୍ରଦ ଅଛି ।

ବିଶ୍ୱ ଜଳ ଫାଉଣ୍ଡେସନର ୨୦୧୦ ମସିହା ରିପୋର୍ଟ ଅନୁଯାୟୀ ଧନୀ ଦେଶମାନେ କ୍ରମାଗତ ଭାବରେ ନିଜର ଜଳ ବ୍ୟୟ ବଢ଼ାଇ ଚାଲିଛନ୍ତି । ମାତ୍ର ଏହାର ଚାପ ପଡୁଛି ଗରିବ ତଥା ଖାଦ୍ୟ ଉତ୍ପାଦକ ଦେଶଗୁଡିକ ଉପରେ । କାରଣ ଏସବୁ ଦେଶ ଗରିବ ଦେଶରୁ ଉତ୍ପାଦିତ ଖାଦ୍ୟ ବ୍ୟବହାର କରନ୍ତି । ଫଳରେ ଉତ୍ପାଦକ ଦେଶ ଉପରେ ଜଳର ବୋଝ ପଡେ । ଚାଷ ପାଇଁ ବିଦେଶରେ ଭୂମି ଅଧିଗ୍ରହଣ ମଧ୍ୟ ଗରିବ ଦେଶର ଜଳ ବୋଝ ବଢ଼ାଉଛି । ମଧ୍ୟପ୍ରାଚ୍ୟର ସର୍ବବୃହତ ଶସ୍ୟ ଉତ୍ପାଦନ ଦେଶ ସାଉଦିଆରବ ଭୂତଳ ଜଳ ବ୍ୟୟ କମ୍ କରିବା ପାଇଁ କୃଷି ଉତ୍ପାଦନ ୧୨ ପ୍ରତିଶତ କମ୍ କରିଛି ଏ ବର୍ଷ । ତେବେ ଖାଦ୍ୟ







ଆବଶ୍ୟକତା ପୂରଣ ପାଇଁ ସାଉଦି ସରକାର ଦେଶର ବଡ଼ ବଡ଼ କୃଷି ଫାର୍ମକୁ ଆଫ୍ରିକା ମହାଦେଶରେ ଚାଷଜମି ଅଧିଗ୍ରହଣ ନିମନ୍ତେ ଆର୍ଥିକ ସହଯୋଗ ଦେଉଛନ୍ତି । ଅନ୍ୟ ଦେଶରେ ଖାଦ୍ୟ ଉତ୍ପାଦନ ହେଲେ ସାଉଦି ଆରବ ପ୍ରତିବର୍ଷ ନିଜର ହଜାର ହଜାର ଗ୍ୟାଲନ୍ ଭୂତଳ ଜଳ ସଞ୍ଚୟ କରିପାରିବ ।

ପ୍ରାୟ ପ୍ରତ୍ୟେକ ଆରବ ଦେଶରେ ଜଳ ଅଭାବ ରହିଛି । ଆରବ ଅଞ୍ଚଳରେ ୬୬ ପ୍ରତିଶତରୁ ଅଧିକ ପରିମାଣର ମଧୁର ଜଳ ଭଣ୍ଡାରର ଉତ୍ସ ରହିଛି ଅନ୍ୟ ଦେଶରେ ।

ବାଂଲାଦେଶର ଅଧିକାଂଶ ନଦୀ ଏକାଧିକ ଦେଶ ଦେଇ ବହିଛନ୍ତି । ୫୮ଟି ନଦୀ ଭାରତ ଓ ମିଆଁମାରରୁ ବାହାରି ବାଂଲାଦେଶରେ ପ୍ରବେଶ କରିଛି । ଭାରତ ଓ ବାଂଲାଦେଶ ଦେଇ ୫୪ଟି ନଦୀ ପ୍ରବାହିତ ହୋଇଥିବା ବେଳେ କେବଳ ଗୋଟିଏ ନଦୀ ଗଙ୍ଗା ପାଇଁ ଜଳ ଆବଣ୍ଟନ ଚୁକ୍ତି ହୋଇଛି ।

ଡାନ୍ୟୁବ ନଦୀର ସୀମା ରହିଛି ୧୯ଟି ଦେଶ ସହ । ଜର୍ମାନୀର କୃଷ୍ଣ ଅରଣ୍ୟ ମଧ୍ୟରେ ଥିବା ଡୋନାୟୁଷ୍ଟିଜେନ ସହରରେ ବ୍ରିଗାଚ୍ ଓ ବ୍ରେଗ ନଦୀର ସମିଶ୍ରଣରେ ଆରମ୍ଭ ହୋଇଛି ଡାନ୍ୟୁବ୍ ନଦୀ । ଏହିଠାରୁ ଦକ୍ଷିଣ-ପୂର୍ବରେ ୨୮୭୨ କି.ମି. ପ୍ରବାହିତ ହୋଇ ରୋମାନିଆ ଓ ୟୁକ୍ରେୟନ୍‌ର ଡାନ୍ୟୁବ୍ ତ୍ରିକୋଣଭୂମି ଦେଇ କୃଷ୍ଣସାଗରରେ ପଡ଼ିଛି । ଏହି ନଦୀ ୪ଟି ଦେଶର ରାଜଧାନୀ ଦେଇଯାଇଛି । ଏହି ନଦୀ ରୋମାନିଆ, ହଙ୍ଗେରୀ, ସର୍ବିଆ, ଅଷ୍ଟ୍ରିଆ, ଜର୍ମାନୀ, ବୁଲ୍‌ଗେରିଆ, ସ୍ଲୋଭାକିଆ, କ୍ରୋଏସିଆ, ୟୁକ୍ରେନ, ମୋଲ୍‌ଡୋଭା ଦେଇ ବହିଥିବା ବେଳେ ଏହାର ଜଳ ଅନ୍ୟ ୯ଟି ଦେଶକୁ ନିଷ୍କାସିତ ହେଉଛି ଉପନଦୀ ଦ୍ୱାରା । ଏହି ନଦୀ ଅଷ୍ଟ୍ରିଆର ରାଜଧାନୀ ଭିଏନା, ସ୍ଲୋଭାକିଆର ରାଜଧାନୀ ବ୍ରାଟିସ୍ଲାଭା, ହଙ୍ଗେରୀର ରାଜଧାନୀ ବୁଡାପେଷ୍ଟ ଓ ସର୍ବିଆର ରାଜଧାନୀ ବେଲଗ୍ରେଡ ଦେଇ ଯାଇଛି ।

ଆଫ୍ରିକାର ନୀଳ ନଦୀ ଏଗାରଟି ଦେଶ ସୀମା ଭିତରେ ଯାଇଛି । ନୀଳ ନଦୀ ବହିଯାଇଥିବା ଦେଶଗୁଡିକ ହେଉଛି ତାଞ୍ଜାନିଆ, ଉଗାଣ୍ଡା, ରୁଆଣ୍ଡା, ବୁରୁଣ୍ଡି, କଙ୍ଗୋ, କେନ୍ୟା, ଇଥିଓପିଆ, ଇରିତ୍ରିଆ, ଦକ୍ଷିଣ ସୁଦାନ, ସୁଦାନ ଓ ଇଜିପ୍ଟ । ତେବେ ଇଜିପ୍ଟ ଓ ଦକ୍ଷିଣ ସୁଦାନର ମୁଖ୍ୟ ଜଳ ସ୍ରୋତ ।



ନୀଳ ନଦୀର ଜଳ ବହୁ ଦଶକ ଧରି ପୂର୍ବ ଆଫ୍ରିକାର ରାଜନୀତିକୁ ପ୍ରଭାବିତ କରିଆସୁଛି । ଇଜିପ୍ଟ ନୀଳ ନଦୀର ଜଳକୁ ଅବୈଧ ଭାବରେ କବ୍‌ଜା କରିନେଇଛି ବୋଲି ଉଗାଣ୍ଡା, ସୁଦାନ, ଇଥିଓପିଆ ଓ କେନିଆ ଅଭିଯୋଗ କରୁଛନ୍ତି ।

ଦକ୍ଷିଣ-ପୂର୍ବ ଏସିଆର ଅନ୍ୟତମ ବୃହଦ୍ ବହୁଦେଶୀୟ ନଦୀ ହେଉଛି ମେକଙ୍ଗ । ଏହା ବିଶ୍ୱର ଦ୍ୱାଦଶ ବୃହତ୍ତମ ଓ ଏସିଆର ସପ୍ତମ ବୃହତ୍ତମ ନଦୀ । ତିବ୍ବତ ମାଳଭୂମିରୁ ବାହାରିଥିବା ଏହି ନଦୀ ଚୀନ, ବର୍ମା, ଲାଓସ୍, ଥାଇଲ୍ୟାଣ୍ଡ, କମ୍ବୋଡିଆ ଓ ଭିଏତ୍‌ନାମ ଦେଇ ବହିଛି ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୭ ଫେବୃଆରୀ ୨୦୨୬ । ମଙ୍ଗଳବାର

# ସୁଗମ୍ୟ ଲାଗି ଦାବି

**କେନ୍ଦ୍ରାପଡା, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଧରି ଭିନ୍ନକ୍ଷମଙ୍କ ଥେରାପି ସେବା ଓ ସଶକ୍ତିକରଣ ଦିଗରେ କାର୍ଯ୍ୟ କରି ଆସୁଥିବା ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବ ପୁରାତନ ଓ ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ମହାବିଦ୍ୟାଳୟ ହୋଇଥିବା ସତ୍ତ୍ୱେ ହେଁ ଏହାର ସମ୍ମିଳନୀ କକ୍ଷ ଗୁରୁତର ଭିନ୍ନକ୍ଷମଙ୍କ ନିମନ୍ତେ ଅଦ୍ୟାବଧି ସୁଗମ୍ୟ ହୋଇପାରିନାହିଁ । ଫଳତଃ ବିଭନ୍ନ ବିଭାଗୀୟ ଜାତୀୟ ଓ ଆଞ୍ଚଳିକ ଆଲୋଚନା ଚକ୍ର ଓ ପାଠଚକ୍ର ପ୍ରଭୃତିରେ ଗୁରୁତର ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣରୁ ବଞ୍ଚିତ ରହୁଛନ୍ତି । ଏହା ଭିନ୍ନକ୍ଷମମାନଙ୍କ ଅଧିକାର ଅଧିନିୟମ ଅନ୍ତର୍ଗତ ଧାରା -୪୪ର ବାଧ୍ୟତାମୂଳକ ଆକ୍ସେସେବୁଲ୍ ପ୍ରାବଧାନତାକୁ ଉଲଂଘନ କରୁଅଛି । ଏହା ଜିଲ୍ଲାର ସର୍ବବୃହତ କଲେଜ ହୋଇଥିବାରୁ କେନ୍ଦ୍ରାପଡ଼ା ଓ ଆଖପାଖ ଜିଲ୍ଲାର ପାଖାପାଖି ୪୦ ଜଣ ବିଭିନ୍ନ ବର୍ଗର ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ସମ୍ପ୍ରତି ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି । ଏଥିନିମନ୍ତେ ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ପରାମର୍ଶ କ୍ରମେ କାର୍ଯ୍ୟନିର୍ବାହୀ ପରିଷଦର ଯୁଗ୍ମ ପ୍ରତିନିଧି ବଂଶୀଧର ମହାନ୍ତି ଓ ଆଇନଜୀବି ଜ୍ୟୋତିରଞ୍ଜନ ନାୟକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ବୃହତ୍ତର ଶୈକ୍ଷିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ମର୍ମରେ ଏକ ଦାବିପତ୍ର ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଶାନ୍ତାନୁ ଜେନାଙ୍କୁ ପ୍ରଦାନ କରିଛନ୍ତି ।

# ପୋଲିସ-ଜନତା ସମନ୍ୱୟ

**ରାଜନଗର, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ପିଏମଶ୍ରୀ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ପୋଲିସ-ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନ ଅଧକ୍ଷ ମାନସ ମିଶ୍ର, ସମାଜସେବୀ ସମୀର ବେହେରା, ସବଇନ୍ସପେକ୍ଟର ସେବାକ୍ଷ ଡୁଙ୍ଗଡୁଙ୍ଗ, ଅଧ୍ୟାପକ ପ୍ରତାପ ଧଳ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା । କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନ

**କେନ୍ଦ୍ରାପଡ଼ା, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ସାଧାରଣ ପରିଷଦ ବୈଠକ ଗରାପୁର କାର୍ଯ୍ୟାଳୟରେ ସଭାପତି ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସାଧାରଣ ସମ୍ପାଦକ ନରୋତ୍ତମ ଜେନା ସ୍ୱାଗତ ଭାଷଣ ଦେବା ସହ ପୂର୍ବ ବାର୍ଷିକ ଉତ୍ସବର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରି ଆୟବ୍ୟୟର ତଥ୍ୟ ଉପସ୍ଥାପନ କରିଥିଲେ । ସଂଗଠନର ମୁଖ୍ୟ ମାର୍ଗଦର୍ଶକ ବରିଷ୍ଠ ଶିକ୍ଷାବିତ ମନ୍ମଥ କୁମାର ରାୟ ସାମ୍ପ୍ରତିକ ପରିସ୍ଥିତିରେ ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷା ଅବକ୍ଷୟ ହେବା ସହ ଏହାର ଭବିଷ୍ୟତ ଦିଗହରା ହୋଇ ଯାଉଛି ବୋଲି କହି ବହୁ ପ୍ରମାଣିକ ତଥ୍ୟ ଉପସ୍ଥାପନ କରିଥିଲେ । ପିଲାମାନେ କିପରି ସରକାରୀ ବିଦ୍ୟାଳୟ ପ୍ରତି ବିମୁଖ ହୋଇ ପବ୍ଲିକ ସ୍କୁଲ ଅଭିମୁଖେ ଧାଉଁଛନ୍ତି ତାହାର ଉଦାହରଣ ଦେଇଥିଲେ । ଏଥିପ୍ରତି ସରକାରୀସ୍ତରରେ ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ସଚେତନତା ସହ ଉପଯୁକ୍ତ କର୍ମଶାଳା ଆୟୋଜନ କରାଯିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଆଗାମୀ ବାର୍ଷିକ ଉତ୍ସବ ଉପଲକ୍ଷେ ସଂଗଠନର ବାର୍ଷିକ ପତ୍ରିକା ପ୍ରକାଶନ ପାଇଁ ଚଳିତମାସ ୨୬ତାରିଖ ସୁଦ୍ଧା ଲେଖା ପଠାଇବାକୁ ପରାମର୍ଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ନରେନ୍ଦ୍ର କୁମାର ନାୟକ, ଗୋପୀନାଥ ଦାଶ, ଉପସଭାପତି ଚୌଧୁରୀ କୈଳାସ ଚନ୍ଦ୍ର ପଟ୍ଟନାୟକ, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ଦୋଳଗୋବିନ୍ଦ ସାହୁ, ନିରଞ୍ଜନ ନାୟକ, ନରହରି ପାତ୍ର, ଅକ୍ଷୟ କୁମାର ସ୍ୱାଇଁ, ସୋମନାଥ ପଢିହାରୀ, ସନାତନ ତରାଇ, ନିରଞ୍ଜନ ସାମଲ, ଭାଗୀରଥି ନନ୍ଦ, ମାଗୁଣି ଚରଣ ବିଶ୍ୱାଳ, ଚନ୍ଦ୍ରଭାନୁ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବାର୍ଷିକ ଉତ୍ସବର ସଫଳତା କାମନା କରିଥିଲେ । ପତ୍ରିକା ତଥା ମିଡିଆ ସମ୍ପାଦକ କାଶିନାଥ ରାଉତରାୟ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଗରବେଳା ମହୋତ୍ସବ ପ୍ରସ୍ତୁତି

**ରାଜନଗର, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସାଗରବେଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୭ମ ସାଗରବେଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ପରିଷଦର ସଭାପତି ଡା.ଅଭୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ପ୍ରଫେସର ସତ୍ୟବାଦୀ ଜେନା ପୂର୍ବ ବୈଠକର ବିବରଣୀ ପାଠକରିଥିଲେ ଏବଂ ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ଆସନ୍ତା ଫେବୃଆରୀ ୨୮ ଠାରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତ୍ତି ହେଲା । ମହୋତ୍ସବକୁ ରାଜନେତା, ସାହିତିକ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଆମନ୍ତ୍ରଣ କରିବା ସହ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ଏବଂ ଅଞ୍ଚଳର ସମସ୍ୟା ସମ୍ପର୍କିତ ବିଷୟକୁ ନେଇ ତଥ୍ୟ ଭିତ୍ତିକ ଆଲୋଚନା ପାଇଁ ସ୍ଥିର କରାଗଲା । ଡଃ ଧରଣୀଧର ରାଉତ, ଡଃ ସୁବାସ ପ୍ରଧାନ, ଅନିଲ କୁମାର ବଳ, ଅଧ୍ୟାପକ ଅଭିତ୍ତ କୁମାର ସ୍ୱାଇଁ, ଭଗବତୀ ରାଉତ, ସୁରେଶ କୁମାର ନରେନ୍ଦ୍ର, ମହେଶ୍ୱର ରାଉତ, ସୀତାକାନ୍ତ ରାଉଳ, କୈଳାସ ଚନ୍ଦ୍ର ମହାନ୍ତି, ଅଚ୍ୟୁତାନନ୍ଦ ପ୍ରଧାନ, ବିଜୟକୁମାର ଜେନା, କୈଳାଶ ଚନ୍ଦ୍ର ରାଉତ ପ୍ରଭୃତି କର୍ମକର୍ତ୍ତାମାନେ ଯୋଗ ଦେଇ ମହୋତ୍ସବକୁ ଲୋକାଭିମୁଖୀ କରିବାକୁ ପ୍ରସ୍ତାବ ମାନ ରଖିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକୋତ୍ସବ

**କେନ୍ଦ୍ରାପଡ଼ା, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ତ୍ରିଲୋଚନ ପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚବିଂଶତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ବଳରାମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ବିଧାନସଭାର ପ୍ରାକ୍ତନ ସଚିବ ତଥା ବିଶିଷ୍ଟ ସାହିତ୍ୟିକ ଆଡଭୋକେଟ୍ ଦାଶରଥି ଶତପଥୀ ମୁଖ୍ୟଅତିଥି, ମାନସଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ବିଜୟ କୁମାର ସାହୁ, ସରସ୍ୱତୀ ଶିଶୁ ମନ୍ଦିର ସଙ୍କୁଳ ଅଧିକାରୀ ଅଧ୍ୟାପକ ଡକ୍ଟର ବଳରାମ କର, ବିଦ୍ୟାଳୟ ସମ୍ପାଦକ ଉମେଶ ଚନ୍ଦ୍ର ଦାସ, ଶିକ୍ଷାବିତ୍ ବିଜୟ କୁମାର ସାମଲ ଆଦି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଇତ୍ୟବସରରେ ପୂର୍ବ ଶିକ୍ଷାଧିକାରୀ, ରାଜଶ୍ରୀର ସଭାପତି ବିଶିଷ୍ଟ ପରିବେଶବିତ୍ କାଶୀନାଥ ରାଉତରାୟ, କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଆଶୁକବି ହେମନ୍ତ ଜେନା ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଗୋଲୋକ ଚନ୍ଦ୍ର ବେହେରା ଆଦିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟା ଭାରତୀ ବେହୁରା ସ୍ୱାଗତ ଭାଷଣ, ବିଦ୍ୟାଳୟ ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିବା ବେଳେ ଶିକ୍ଷକ କୁଞ୍ଜବିହାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁଲୱାମା ଶହିଦଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସାମାଜିକ ସଂଗଠନ ଜୟ ରାଷ୍ଟ୍ର ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ପୁଲୱାମା ଶହିଦଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଗରାପୁର କାଳୀଛକସ୍ଥିତ ଗୋପାଳଜୀଉ ମନ୍ଦିରରେ ପୁଲୱାମାରେ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା । ପୁଲୱାମାରେ ସହିଦ୍ ହୋଇଥିବା ୪୦ଜଣ ବୀର ଯବାନଙ୍କ ବଳିଦାନ ଦେଶବାସୀଙ୍କ ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଉପସ୍ଥିତ ବକ୍ତା ମତବ୍ୟକ୍ତ କରିଥିଲେ । ଜୟ ରାଷ୍ଟ୍ରର ଉପାଧକ୍ଷ ବିରେନ୍ଦ୍ର ଦାସଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତିସଭାରେ ରାଜେନ୍ଦ୍ର ମହାପାତ୍ର, ରୀନାରାଣୀ ଦାସ, ନମିତା ଜେନା, ନିରଞ୍ଜନ ମହାରଣା, ବିଶ୍ୱରଞ୍ଜନ ଜେନା, ରଶ୍ମି ରଞ୍ଜନ ସ୍ୱାଇଁ, ଜ୍ଞାନ ରଞ୍ଜନ ଦାସ, ମଳୟ ସାହୁ, ସୁଶାନ୍ତ ନାୟକ, ସରୋଜ ରାଉତ, ଅଚ୍ୟୁତକ୍ଷନନ୍ଦ ସ୍ୱାଇଁ, ସତ୍ୟରଞ୍ଜନ ବିଶ୍ୱାଳ, ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ । ୨୦୧୯ ଫେବୃଆରୀ ୧୪ ତାରିଖରେ ଜମ୍ମୁ କାଶ୍ମୀରର ପୁଲୱାମା ଠାରେ ଆତଙ୍କବାଦୀ ଆକ୍ରମଣରେ ୪୦ ଜଣ ଭାରତୀୟ ଯବାନ ବୀରଗତି ପ୍ରାପ୍ତ ହୋଇଥିଲେ ।

# ବ୍ରାଉନସୁଗାର ସହିତ ୩ ଗିରଫ

**କେନ୍ଦୁଝର, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ଘଟଗାଁ ପୋଲିସକୁ ବଡ ସଫଳତା । ଫର୍ଡ ଇକୋସ୍ପୋର୍ଟ କାର ଯୋଗେ ଭଦ୍ରକରୁ କେନ୍ଦୁଝର ଚାଲାଣ ହେଉଥିବା ଧଳା ଜାହାର । ଖବର ପାଇଁ ଘଟଗାଁ ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଗାଡିଟିକୁ ପିଛା କରିଥିଲା ଘଟଗାଁ ପୋଲିସ୍‌ର ଏକ ଟିମ୍ । ଗାଡିଟିକୁ ପିଛା କରି ଘଟଗାଁ ନିକଟସ୍ଥ କଟ୍ରାବେଡା ପେଟ୍ରୋଲ ପମ୍ପ ନିକଟରେ ଧରିଥିଲା । ବ୍ରାଉନ ସୁଗାର ଚାଲାଣ କରୁଥିବା ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ତାଙ୍କ ପାଖରୁ ୮୬ଗ୍ରାମ ବ୍ରାଉନ ସୁଗାର, ଗୋଟିଏ କାର, ୩ଟି ମୋବାଇଲ ସହ ନଗଦ ୯୫୬୦ ଟଙ୍କା ଜବତ କରିଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି । ୩ ଅଭିଯୁକ୍ତ ହେଲେ କେନ୍ଦୁଝର ଟାଉନ ଥାନା ଅଧିନସ୍ତ ରାକେଶ କୁମାର୍ ସାହୁ, ଅବନୀ କୁମାର ସାହୁ, ସଞ୍ଜୟ କୁମାର ଜେନା ।

# ସରକାରୀ ବସ୍ ଦୁର୍ଘଟଣାଗ୍ରସ୍ତ

**ଜୟପୁର, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି । ମାଲକାନଗିରି ଜିଲ୍ଲା ଏମଭି-୭୯ରୁ ବିଶାଖାପାଟଣା ଯାଉଥିବା (ଓଏସଆରଟିସି) ବସ ଆନ୍ଧ୍ରର ସାଲୁର ବାଇପାସ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ବସର ଷ୍ଟେରିଙ୍ଗ ଲକ ହେବା ଦ୍ୱାରା ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ବିଳମ୍ବିତ ରାତି ପ୍ରାୟ ୧ଟାରେ ଘଟିଛି ଦୁର୍ଘଟଣା । ଗାଡ଼ିରେ ସର୍ବମୋଟ ୨୯ଜଣ ପାସେଞ୍ଜର ଯାତ୍ରା କରୁଥିବା ବେଳେ ଦୁର୍ଘଟଣା ପରେ ୭ ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ପ୍ରଥମେ ସାଲୁର ଓ ପରେ ବିଜୟନଗରମ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ସାଲୁର ପୋଲିସ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି ।

# ହୋଟେଲ ମାଲିକଙ୍କୁ ହତ୍ୟା !

**ସୋର, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ହୋଟେଲ୍ ମାଲିକଙ୍କୁ ବିଭତ୍ସ ହତ୍ୟା । ଶୋଇଥିବା ବେଳେ ହୋଟେଲ ମାଲିକଙ୍କୁ କେହି ଦୁର୍ବୃତ୍ତ ମାରିଦେଇଛନ୍ତି । ଏଭଳି ଅଭିଯୋଗ ଆସିଛି ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ ସିମୁଳିଆ ଥାନା ଅଞ୍ଚଳରୁ । ଜୟ ମା’ ଦୁର୍ଗା ହୋଟେଲ ମାଲିକ ଗଜେନ୍ଦ୍ର ପଣ୍ଡାଙ୍କ ମୃତଦେହ ଉଦ୍ଧାର ହୋଇଛି । ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ସ୍ଥାନୀୟ ଲୋକଙ୍କ ସୂଚନ ଅନୁଯାୟୀ, ଗତକାଲି ମହାଶିବରାତ୍ରି ଥିବାରୁ ହୋଟେଲ୍ ସନ୍ଧ୍ୟା ୭ଟା ଯାଏ ଚାଲିଥିଲା । ରୋଷେୟା କାମ ସାରି ଘରକୁ ଫେରିଯାଇଥିଲା । ହେଲେ ହୋଟେଲ୍‌ରେ ବାସନ ମଜା ମଜି କରୁଥିବା ପିଲା ଓ ମାଲିକ ଖାଇପିଇ ଶୋଇପଡ଼ିଥିଲେ । ସବୁ ଦିନ ପରି ସକାଳୁ ବାସନ ମାଜୁଥିବା ପିଲା ହୋଟେଲ୍ ଝାଡୁ କରିଥିଲେ । ପରେ ଯେତେ ବେଳେ ମାଲିକଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲା ସେତେ ବେଳେ ଗଜେନ୍ଦ୍ର ଉଠିନଥିଲେ । ଏନେଇ ସେ ସିମୁଳିଆ ପୋଲିସ ସୂଚନା ଦେଇଥିଲା । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ସେପଟେ ହୋଟେଲ ମାଲିକଙ୍କ ଭାଇ ସୁରେନ୍ଦ୍ର ପଣ୍ଡା ହତ୍ୟା ଅଭିଯୋଗ ଆଣିଛନ୍ତି । ତାଙ୍କ ଭାଇଙ୍କ ମୁଣ୍ଡ ଓ ଶରୀର ଗଭୀର ଆଘାତ ରହିଛି । ଦୁର୍ବୃତ୍ତମାନେ ଗଜେନ୍ଦ୍ରଙ୍କୁ ମାରିବା ପରେ ତାଙ୍କୁ ସ୍କୁଟି ଓ ଟଙ୍କା ଲୁଟ୍ କରିନେଇଥିବା ସେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ସମୁଳିଆ ପୋଲିସ ହୋଟେଲ୍ ରୋଷେୟାକୁ ପଚରା ଉଚରା କରୁଛି । ସାଇଣ୍ଟିଫିକ୍ ଟିମ୍ ପୁଙ୍ଖାନୁପୁଙ୍ଖ ଛାନଭିନ୍ କରୁଛି ।

# ପ୍ରେମ ପାଇଁ ରାସ୍ତାରେ ଦଣ୍ଡ ପ୍ରଣାମ

**ମୁନିଗୁଡା, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**



ପ୍ରେମ ଏମିତି ଏକ ସମ୍ପର୍କ ସେ ମାନେ ନାହିଁ ବୟସ କି, ବାଧା ବିଘ୍ନ, ସ୍ଥାନ କାଳ ପାତ୍ର, ଜଣେ ସଚ୍ଚୋଟ ପ୍ରେମିକର ଅନାବିଳ ପ୍ରେମର ପ୍ରେମିକାକୁ ପରିଚୟ ଦେବାକୁ ଯାଇ ୪ କିମି ଦୂର ଦଣ୍ଡ ପ୍ରଣାମରେ ଶିବରାତ୍ର ଦିନ ଶିବ ଦର୍ଶନ କରି ଅଞ୍ଚଳରେ ନିଖୁଣ ଉଦାହରଣ ସୃଷ୍ଟି କରିଛନ୍ତି ଜଣେ ଯୁବକ । ଏଘଟଣାଟି କୌଣସି ମନଗଢା କାହାଣୀ କି ଗପ ନୁହେଁ ଏହେଉଛି ଜଣେ ଉଚ୍ଚଶିକ୍ଷିତ କମ୍ପାନୀ ଚାକିରିଆ ଯୁବକର ଅନାବିଳ ପ୍ରେମର ପ୍ରତ୍ୟେକ୍ଷ ଚିତ୍ର । ଏବେ ଏଭଳି ସଚ୍ଚା ପ୍ରେମର ଦୃଶ୍ୟ ଦେଖି ଆଚମ୍ଭିତ ହେଉଛନ୍ତି ଦର୍ଶକ । ଏଘଟଣାଟି ହେଉଛି ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଉପାନ୍ତ ଇଛାପୁରୁ ପଞ୍ଚାୟତ ଡାଙ୍ଗୁବାଡି ଗାଁର । ଏହି ଗ୍ରାମର ଲୋକନାଥ ଡଙ୍ଗରୀ ଜଣେ ଉଚ୍ଚ ଶିକ୍ଷିତ ସେ ଚେନାଇରେ ଏକ କମ୍ପାନୀରେ ଅପରେଟର ଭାବେ କାର୍ଯ୍ୟ କରନ୍ତି । ଶୁଣିବାକୁ ମିଳୁଛି ଏହି ଅଞ୍ଚଳରେ ଜଣେ ଝିଅକୁ ଲେକନାଥ ପ୍ରେମକରି ଆସୁଥିଲେ । କୌଣସି କାରଣ ବସତ ଉଭୟଙ୍କ ମଧ୍ୟରେ କୁଆଡେ ମନମାଳିନ୍ୟ ହୋଇ ସେମାନଙ୍କ ପ୍ରେମର ଭଙ୍ଗା ପଡିଯିବା ଆଶଙ୍କା କରିଥିଲା ପ୍ରେମିକ ଲୋକନାଥ । ନିଜକୁ ପ୍ରେମିକା ନିକଟରେ ସଚ୍ଚା ପ୍ରେମିକର ପରିଚୟ ଦେଇ ପ୍ରେମିକାକୁ ନିଜର କରି ଭବିଷ୍ୟତ ଗଢିବା ଚିନ୍ତା ଘାରିଥିଲା । ଶେଷରେ ବିଲମଙ୍ଗଳ ପରି ପ୍ରେମିକାକୁ ସଦବୁଦ୍ଧି ଦେଇ ବିଶ୍ୱାସ ଜନ୍ମାଇବା ଲୋକନାଥର ଲକ୍ଷ ଥିଲା । ସେଥିପାଇଁ ଅଭିନବ ଉପାୟରେ ଶନିବାର ରାତିରୁ ୪କିମି ବାଟ ଲୁଗାପକାଇ ଦଣ୍ଡ ପ୍ରଣାମ କରି ଅମ୍ବାଦଳା କପିଳେଶ୍ୱର ମନ୍ଦିରରେ ପହଞ୍ଚି ଜାଗର ଦିନ ଶିବ ଦର୍ଶନ କରି ପ୍ରେମିକ ଓ ପ୍ରେମିକା ଉଭୟ ମିଳାମିଶା ହୋଇ ସୁନାର ସଂସାର ଗଢିବାକୁ ଶିବଙ୍କ ନିକଟରେ ପ୍ରାର୍ଥନା କରି ଆଶୀରବାଦ ନେଇଥିଲେ ଲେକନାଥ ଏବଂ ତାଙ୍କର ପରିବାର ଲୋକ । ଏପରି ଦୃଶ୍ୟ । ଦେଖି ବିଭିନ୍ନ ଲୋକମାନଙ୍କର ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଥିଲା । ହେଲେ ଲେକନାଥଙ୍କର ଏହି ଦଣ୍ଡ ପ୍ରଣାମରେ ବାପା ମା’ ସହଯୋଗ କରି ବାଟ ସାରା ଲୁଗା ବିଛାଇ ମନ୍ଦିର ପରିସରରେ ପହଞ୍ଚିଥିଲେ । ଦେଖାଯାଉ ପ୍ରଭୁ କପିଳେଶ୍ୱର ଦେବ ଏହି ସଚ୍ଚା ପ୍ରେମି ଯୁଗଳଙ୍କୁ ଆଶୀଷ ପ୍ରଦାନ କରି ସେମାନଙ୍କ ସୁଖର ଭବିଷ୍ୟତ ଗଢିବାରେ ସହାୟ ହୁଅନ୍ତୁ ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



**ନୂଆପଡ଼ା, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଖଡିଆଳ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୬୭ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ୫୧ଟି ଓ ସାମୁହିକ ୧୬ଟି ଅଭିଯୋଗ ଥିଲା । ଏହି ସବୁ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ସହିତ ଡିଏଫ୍‌ଓ ଅଜିଜ ଖାନ, ଡିଏଫ୍‌ଓକେଏଲଏ ମାଧବୀ ଲତା, ସିଡିଏମଓ ଡ଼.ଧନେଶ୍ୱର ସେଠୀ, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଉପ ଜିଲ୍ଲାପାଳ ସୁର୍ମୀ ସୋରେନ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ତନୟା ଶବର ପ୍ରମୁଖ ମଞ୍ଚାସିନ ଥିଲେ । ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ଖଡିଆଳ ଏନ୍‌ଏସି, ଇଓ ସ୍ୱାଧୀନ ମହାରଣା, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର, ସୌରଭ କୁମାର ବିଶି, ଲଲାଟେନ୍ଦୁ ଦଣ୍ଡସେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ଅସହାୟ ଇନ୍ଦ୍ରାଦି ନାଏକ, କୁବେରପତି ବାଗ, ବରପଦର ଓ ଉର୍ମିଳା ଜଗତ ଏବଂ ନନ୍ଦ ସୁନାନି, ଗୋଇମୁଣ୍ଡିଙ୍କୁ ପାଞ୍ଚ ହଜାର ଟଙ୍କା ଲେଖାଏଁ ରେଡ୍ କ୍ରସ୍ ପାଣ୍ଠିରୁ ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇଥିଲା । ଶିବିର ଉପଲକ୍ଷେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଖଡିଆଳ ବ୍ଲକ୍ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ । ଏହି ଅବସରରେ ଚନାବେଡା ପଞ୍ଚାୟତରେ ପରିବର୍ଦ୍ଧିତ ଜନ ଶୁଣାଣି ଶିବିର ଓ ପ୍ରାଣୀ ପାଇଁ ଦିନଟିଏ ଉପଲକ୍ଷେ ଗୃହପାଳିତ ପଶୁ ପକ୍ଷୀମାନଙ୍କ ପାଇଁ ଏକ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା ।

# ଅବୈଧ ନିର୍ମାଣକୁ ନେଇ ଆଇନଜୀବିଙ୍କୁ ନୋଟିସ

**ସାକ୍ଷୀଗୋପାଳ, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସାକ୍ଷୀଗୋପାଳ ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଲିଖିତ ଅଭିଯୋଗର ଶୁଣାଣି କରି ପ୍ରତିପକ୍ଷ ଆଇନଜୀବି ବିନାୟକ ପ୍ରସାଦ ମହାନ୍ତି ସାର୍ବଜନୀନ ଶାନ୍ତି ଭଙ୍ଗ କରିବା ସହ ଓ ସର୍ବସାଧାରଣ ସ୍ଥାନରେ ବେଆଇନ ନିର୍ମାଣ କରି ଶୃଙ୍ଖଳାଭଙ୍ଗ କରୁଥିବା ସତ୍ୟବାଦୀ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଦର୍ଶାଇଛନ୍ତି । ଅଭିଯୁକ୍ତ ସାକ୍ଷୀଗୋପାଳ ବିଦ୍ୟୁତ କାର୍ଯ୍ୟାଳୟ ପାସେଜ୍‌କୁ ଲାଗି ବେଆଇନ ଭାବେ ପାଇଖାନା ଟାଙ୍କି ନିର୍ମାଣ କରି ସାର୍ବଜନୀନ ସୁବିଧା ଓ ଆପାତକାଳୀନ ସେବାରେ ବାଧା ସୃଷ୍ଟି କରୁଥିବା ସେ ଉଲ୍ଲେଖ କରିଛନ୍ତି । ଏହି ଅବୈଧ ନିର୍ମାଣ ଯୋଗୁଁ ସାଧାରଣ ଜନତାଙ୍କ ସମେତ ବିଦ୍ୟୁତ ଉପଭୋକ୍ତାମାନେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି । ବିଦ୍ୟୁତ ଉପକରଣ ନେଇ ଆସୁଥିବା ଭାରୀ ଯାନ ଗୁଡିକ କାର୍ଯ୍ୟାଳୟକୁ ଯିବାରେ ବିଶେଷ ଅସୁବିଧା ହେଉଛି । ତେଣୁ ଶାନ୍ତିଭଙ୍ଗ ହେବାର ବେଶ ସମ୍ଭାବନା ରହିଥିବା ସେ ରାୟରେ କହିଛନ୍ତି । ତେବେ ସରକାରୀ ଓକିଲଙ୍କ ଶୁଣାଣି ଏବଂ ସଂଯୁକ୍ତ ତଦନ୍ତ ଆଧାରରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ସନ୍ତୋଷ କୁମାର ପାଣିଗ୍ରାହୀ ଏହି ଘଟଣାରେ ସାର୍ବଜନୀନ ଶାନ୍ତିଭଙ୍ଗର ଆଶଙ୍କା ପ୍ରକଟ କରି ଧାରା ୧୨୬ ବିଏନଏସ୍ ଅନୁସାରେ ଅଭିଯୁକ୍ତଙ୍କୁ ଆସନ୍ତା ୨୧ ତାରିଖରେ ବ୍ୟକ୍ତିଗତ ହାଜିରା ଦେଇ କାରଣ ଦର୍ଶାଇବାକୁ ଆଦେଶ ଦେଇଛନ୍ତି । ଆବଶ୍ୟକ ସ୍ଥଳେ ପାଞ୍ଚ ହଜାର ଟଙ୍କାର ବନ୍ଧପତ୍ର ସହିତ ଏକ ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ ସ୍ଥାନରେ କୌଣସି ନିର୍ମାଣ ନକରିବାକୁ ପ୍ରତିଶ୍ରୁତି ଦେବେ । ନଚେତ ଅଭିଯୁକ୍ତଙ୍କ ବିରୋଧରେ ଜାମିନ ବିହୀନ ୱାରେଣ୍ଟ ଜାରି କରି ଗିରଫ କରାଯିବ ବୋଲି ସତ୍ୟବାଦୀ ଥାନା ଅଧିକାରୀଙ୍କୁ ସୂଚିତ କରାଯାଇଛି । ଏନେଇ ବିନାୟକ ମହାନ୍ତିଙ୍କୁ ପଚାରିବାରୁ ସେ ବିଦ୍ୟୁତ କାର୍ଯ୍ୟାଳୟ ନିକଟ ଘର ପାଇଁ କୌଣସି ନୋଟିସ ପାଇନଥିବା କହିଛନ୍ତି । ତେବେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ନିଜ ପଦବୀର ଅପବ୍ୟବହାର କରିବା ସହିତ ଉଦ୍ଦେଶ୍ୟମୂଳକ ଭାବେ ଏମିତି କାର୍ଯ୍ୟାନୁଷ୍ଠାନ କରୁଥିବା ସେ ଅଭିଯୋଗ କରିଛନ୍ତି ।

# ଅରାଙ୍ଗ ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଖୋର୍ଦ୍ଧା, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**



ଖୋର୍ଦ୍ଧା ଉପକଣ୍ଠ ଅରାଙ୍ଗ ଖେଳପଡିଆ ଠାରେ ଅରାଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୪ତମ ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଆଜିର ଉଦଘାଟନୀ ଦିବସରେ ଗ୍ରାମର ସମାଜସେବୀ ସୁଶାନ୍ତ କୁମାର ନାଟୁଆ ମୁଖ୍ୟଅତିଥି ରୂପେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଆଜିର ପ୍ରଥମ ମ୍ୟାଚ୍‌ରେ ପଲାସପୁର୍ ଦଳ ଅରିସଲ ଦଳକୁ ୦୨ ରନରେ ପରାସ୍ତ କରିଛି । ଟସ ଜିତି ଅରିସଲ୍ ଦଳ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ପଳାଶପୁର୍ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୦୬ ୱିକେଟ ହରାଇ ୧୧୮ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଚନ୍ଦନ କୁମାର ସାହୁ ୩୨ ରନ୍ ସଂଗ୍ରହ କରିଥିଲେ । ଜବାବରେ ଆରିସଲ ଦଳ ୧୦ ଓଭରରେ ୫ଟି ୱିକେଟ ହରାଇ ୧୧୬ ରନ୍ ସଂଗ୍ରହ ପରାସ୍ତ ହୋଇଥିଲେ । ପଳାଶପୁର ଦଳ ପକ୍ଷରୁ ଚନ୍ଦନ କୁମାର ସାହୁ ୩୨ ରନ୍ ଓ ୩ଟି ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଦ୍ୱିତୀୟ ମ୍ୟାଚ୍ ଗୁରୁଜଙ୍ଗ ଏବଂ ଯାଆଁଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସରେ ବିଜୟ ଲାଭ କରି ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଯାଆଁଳା ଦଳ ନିର୍ଦ୍ଧାରିତ ୧୦ ଓଭରରୁ ୯ ୱିକେଟ ହରାଇ ୯୬ରନ ସଂଗ୍ରହ କରିଥିଲେ । ଜବାବରେ ଗୁରୁଜଙ୍ଗ ଦଳ ନିର୍ଦ୍ଧାରିତ ୮ ଓଭରରୁ ୯୮ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ । ଗୁରୁଜଙ୍ଗ ଦଳର ଅନିଲ ବରାଳ ୪ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ । ଆଜିର ଦିତୀୟାର୍ଦ୍ଧରେ ଗୁରୁଜଙ୍ଗ ଓ ପଳାଶପୁର ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଟସରେ ବିଜୟ ଲାଭ କରି ପଳାଶ ପୁର ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଗୁରୁଜଙ୍ଗ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୩ ୱିକେଟ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲା । ଜବାବରେ ପଳାଶପୁର ଦଳ ନିର୍ଦ୍ଧାରିତ ୧୦ ଓଭରରୁ ୧୧୦ ରନ୍ ସଂଗ୍ରହ କରି ୪୯ ରନରେ ପରାସ୍ତ ହୋଇଥିଲା ଓ ଗୁରୁଜଙ୍ଗ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା । ଗୁରୁଜଙ୍ଗ ଦଳର ବିଶ୍ୱାସ ରଥ ଧୁଁଆଧାର ୮୩ ରନ ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଆଜିର ଖେଳକୁ ସୁମନ୍ତ ବେହେରା, ଶିବରାମ ପୃଷ୍ଟି ଓ ସୂର୍ଯ୍ୟକାନ୍ତ ସ୍ୱାଇଁ ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ଆଲୋକ ପ୍ରତିହାରୀ ରହିଥିଲେ ।

# ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ

**ଢେଙ୍କାନାଳ, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସଦର ବ୍ଲକ୍ ଅନ୍ତର୍ଗତ ମୋଟରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ଏକମାସ ବ୍ୟାପୀ ଚାଲିଥିବା ରାଣି ଲକ୍ଷ୍ମୀବାଇ ପ୍ରଶିକ୍ଷଣ ଶିବିର ଗତ ଶୁକ୍ରବାର ଉଦଯାପିତ ହୋଇଯାଇଛି । ଏଥିରେ ୩୧ଜଣ ବାଳିକା ଅଂଶଗ୍ରହଣ କରିଥିଲେ । ଶିବିରରେ ମାନସିକ ପ୍ରଶିକ୍ଷଣ, ଶାରୀରିକ ପ୍ରଶିକ୍ଷଣ, ଲଢିବା କୌଶଳ, ଆକ୍ରମଣାତ୍ମକ ପ୍ରଶିକ୍ଷଣ, ସୁରକ୍ଷାତ୍ମକ କୌଶଳ, ବିଭିନ୍ନ ଜାବରୁ ମୁକୁଳିବା କୌଶଳ, ଧକ୍କା, ବିଧା ଓ ଗୋଇଠା ପ୍ରତିରୋଧ କୌଶଳ, ତଳେ ପଡିଥିବା ଅବସ୍ଥାରୁ ଲଢିବାର କୌଶଳ, ପାର୍କ, ବସ୍ ପ୍ରଭୃତିରେ ହେଉଥିବା ଆକ୍ରମଣରୁ ମୁକୁଳିବା କୌଶଳ, ଛୁରୀ ଓ ପିସ୍ତଲ ଆକ୍ରମଣରୁ ବର୍ତିବାର କୌଶଳ ଆଦି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ରୂପଶ୍ରୀ ପରିଡା ଓ ଅମିତା ନାୟକ ସାଧନକର୍ମୀ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା

**ସାକ୍ଷୀଗୋପାଳ, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକର ୨୪ଟି ଗ୍ରାମ ପଞ୍ଚାୟତର ଶୈବପୀଠ ଚଳ ଚଞ୍ଚଳ, ପବିତ୍ର ମହା ଶିବରାତ୍ରି ଉପଲକ୍ଷେ ବିଭିନ୍ନ ଶୈବପୀଠ ଗୁଡିକ ଚଳଚଞ୍ଚଳ ହୋଇ ଉଠିଛି । ଅନ୍ୟତମ ପ୍ରସିଦ୍ଧ ଶୈବପୀଠ, ଧବଳେଶ୍ୱର, ବରାଳ ବାଲୁଙ୍କେଶ୍ୱର, କୋଶଳେଶ୍ୱର, ଅକାଟେଶ୍ୱର, ଜଟେଶ୍ୱର, ନୀଳକଣ୍ଠେଶ୍ୱର, ମୁକ୍ତେଶ୍ୱର, ରତ୍ନେଶ୍ୱର, ଡାହାଣେଶ୍ୱର, କୁମାରେଶ୍ୱର, ଲୋକ ନାଥ, ଗ୍ରାମେଶ୍ୱର, ନରେନ୍ଦ୍ରପୁର, ଗ୍ରାମର ଆରାଧ ଠାକୁର, ଗତିଶ୍ୱର ମହାଦେବ ମନ୍ଦିର, ଏହା ହେଉଛି, ପୁରୀ ବଡ଼ ଓଡିଆ ମଠର ଗୁପ୍ତ ବୃନ୍ଦାବନ, ଆଖ ପାଖ, ଅଞ୍ଚଳର ଶୈବପୀଠମାନଙ୍କରେ ବେଶ୍ ଗହଳି ଦେଖିବାକୁ ମିଳିଥିଲା । ଉପବାସ କରିଥିବା ଭକ୍ତମାନେ ମନ୍ଦିରକୁ ଆସି ଠାକୁରଙ୍କ ପୂଜା ଅର୍ଚ୍ଚନା କରିଥିଲେ । ପୁରୁଷ ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ଭୋଗ ରାଗ ଧରି ମନ୍ଦିରରେ ଭିଡ଼ ଜମାଇଥିବା ବେଳେ, ସଂଧ୍ୟାରେ ଓ ମହାଦିପ ଉଠିବା ପର୍ଯ୍ୟନ୍ତ ମନ୍ଦିରରେ ଦିପ ପ୍ରଜ୍ୱଳନ କରି ଉପବାସ କରିଥିଲେ । ବିଭିନ୍ନ ଅଞ୍ଚଳରେ ଶୈବପୀଠରେ ଜାଗର ଯାତ୍ରା ତଥା ମହାଶିବରାତ୍ରୀ ପର୍ବ ପାଳନ ହୋଇ ଯାଇଛି ।

**କୋଣାର୍କ:** ପବିତ୍ର ମହାଶିବରାତ୍ରି ଅବସରରେ ପୁରୀ-କୋଣାର୍କ ବେଳାମାର୍ଗ ନିକଟସ୍ଥ ପ୍ରସିଦ୍ଧ ଶୈବପୀଠ ବାବା ବାଲି କପିଳେଶ୍ୱରଙ୍କ ପୀଠରେ ଜାଗରଯାତ୍ରା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି । ଭକ୍ତ ଓ ଭଗବାନଙ୍କ ମହା ମିଳନର ଦିନ ଜାଗରରେ ଏହି ପୀଠ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି । ପୁରୀ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ବାଲି କପିଳେଶ୍ୱର ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରସାଶନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ପ୍ରଭୁଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯାଇ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବିଶେଷ ବ୍ୟବସ୍ଥା କରାଯାଇଛି । ଜାଗରରେ ପ୍ରଥମେ ଦ୍ୱାରଫିଟା ନୀତି ଭୋର ୨.୩୦ରେ ଆରମ୍ଭ ହୋଇ ପରେ ମଙ୍ଗଳ ଆରତୀ, ସ୍ନାନ ଓ ଚନ୍ଦନ ବେଶ ସହ ବାଳଭୋଗ ଓ ଖେଚୁଡ଼ି ଧୂପ ସରିବା ପରେ ଭୋର ୪ ଘଟିକାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ଦିନ ତମାମ ପ୍ରଭୁଙ୍କ ରୀତିନୀତି ମୁତାବକ ପୂଜାର୍ଚ୍ଚନା କରାଯିବ ସହ ସନ୍ଧ୍ୟାରେ ମନ୍ଦିରର ଚତୁପାର୍ଶ୍ୱରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଛି ।

**ଖଣ୍ଡପଡା:** ପବିତ୍ର ମହାଶିବ ରାତ୍ରୀ ଯୋଗୁଁ ଖଣ୍ଡପଡା ସହରର ୫ଟି ଶୈବପୀଠ ସମେତ ଆଖପାଖ ଅଞ୍ଚଳରେ ଅବସ୍ଥିତ ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ପ୍ରତ୍ୟୁଷରୁ ଶୈବପୀଠରେ ପୂଜାର୍ଚ୍ଚନା ନିମନ୍ତେ ଭକ୍ତଙ୍କ ଭିଡ ଲାଗି ରହିଥିବା ବେଳେ ସନ୍ଧ୍ୟା ସମୟରୁ ମନ୍ଦିର ପରିସରରେ ଦୀପ ପ୍ରଜ୍ୱଳନ ନିମନ୍ତେ ଶହଶହ ମହିଳା ଓ ଯୁବତୀଙ୍କ ଭିଡ ଦେଖିବାକୁ ମିଳିଥିଲା । ଖଣ୍ଡପଡ଼ା ସହରର ଆରାଧ୍ୟ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ, ଟିଙ୍କଚୁଆ ଗ୍ରାମ ନିକଟସ୍ଥ ପ୍ରଭୁ ଶ୍ରୀବନ୍ଧବିମଳେଶ୍ୱର ଦେବ, ଶ୍ରୀସୁବର୍ଣ୍ଣେଶ୍ୱର ଦେବ, ଶ୍ରୀବାଲୁଙ୍କେଶ୍ୱର ଦେବ, ଶ୍ରୀ ଲୋକନାଥ ଦେବଙ୍କ ମନ୍ଦିର ପରିସରରେ ଶହଶହ ଶ୍ରଦ୍ଧାଳୁ ରାତି ତମାମ ଉଜାଗର ରହି ଦୀପ ଜାଳିଥିଲେ । ଖଣ୍ଡପଡା ନିକଟସ୍ଥ ବାଘୁଆପଲ୍ଲୀ ଗ୍ରାମର ବାବା ଆଖଣ୍ଡଳମଣିଙ୍କ ପୀଠ, ଖଳିସାହି ଗ୍ରାମର ଶ୍ରୀନୀଳକଣ୍ଠେଶ୍ୱର ଦେବ ବୋଦସା ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହେଉଥିବା ଜଣାପଡିଛି ।

**ଚଣ୍ଡିଖୋଲ:** ପବିତ୍ର ମହା ଶିବରାତ୍ରି, ଜାଗର ଯାତ୍ରା, ଭକ୍ତମାନେ ଉଜାଗର ରହି ଜାଗର ଜାଳି ନିଜର ମନସ୍କାମନା ପୂର୍ଣ୍ଣ କରିଥାନ୍ତି । ବଡଚଣା ପ୍ରସିଦ୍ଧ ଶୈବପୀଠ ମହାବିନାୟକ ଚଳଚଞ୍ଚଳ, ଏହା ଭାରତର ଏକମାତ୍ର ମନ୍ଦିର ଯେଉଁଠାରେ ଗୋଟିଏ ପଥରରେ ପଞ୍ଚ ଦେବତା ଯଥା ଶିବ, ବିଷ୍ଣୁ, ଶ୍ରୀଗଣେଶ, ଭାସ୍କର ଓ ଦୂର୍ଗା ପୂଜା ପାଆନ୍ତି । ରାତ୍ର ୩ଟାରେ ପହଡଖୋଲା, ପଞ୍ଚ ଦେବତାଙ୍କ ମହାସ୍ନାନ, ବାଲ ଭୋଗ, ବଡ଼ସିଂହାର ବେଶ ହେଲା ପରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲା ଯାଇଥିଲା । ଏଠାରେ ଗତ ୧୩ତାରିଖ ଠାରୁ ୧୭ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ବ୍ୟାପି ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଆରମ୍ଭ ହୋଇଛି । ଏଥିପାଇଁ ମହାବିନାୟକ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି । ଏଥିସହିତ ମିନାବଜାର, ପଲ୍ଲୀଶ୍ରୀ ମେଳା, ଦୋଳି ସହିତ ରାତ୍ରୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଉଦୀୟମାନ, ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ବଡ଼ଚଣା ପ୍ରଖଣ୍ଡ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଦହି ସର୍ବତ ବଣ୍ଟନ ବ୍ୟବସ୍ଥା କରା ଯାଇଛି । ପ୍ରବଳ ଜନ ସମାଗମକୁ ଲକ୍ଷ କରି ଯାଜପୁର ପୋଲିସ ତଥା ସ୍ଥାନୀୟ ବଡଚଣା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

**ପୁରୁଷୋତ୍ତମପୁର:** ପବିତ୍ର ମହାଶିବରାତ୍ର ଅବସରରେ ସାରା ରାଜ୍ୟର ଶୈବ ପୀଠ ଚଳଚଞ୍ଚଳ ହୋଇଛି । ଏହି ଅବସରରେ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ବ୍ଲକ ଗାଁ ଠାରୁ ସହରର ସମସ୍ତ ଶୈବ ପୀଠରେ ଭୋର ସମୟରୁ ଭକ୍ତଙ୍କ ସମାଗମ ସହ ଓଁ ନମଃ ଶିବାୟରେ ପ୍ରକମ୍ପିତ ହୋଉଛି । ସହରର କପିଳେଶ୍ୱର ମନ୍ଦିର, ସ୍ୱପ୍ନେଶ୍ୱର ମନ୍ଦିର, ବଡଖରିଡା ସ୍ଥିତ କାଳେଶ୍ୱର, ଶିକୁଳାର ଗୁଣେଶ୍ୱର, ଅରଖପୁରର ଇଶାନେଶ୍ୱର ମନ୍ଦିରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ସେହି ପରି ପ୍ରତାପପୁରର ତୁମ୍ବେଶ୍ୱର ପୀଠରେ ତହସିଲଦାର ତଥା ମନ୍ଦିର ଟ୍ରଷ୍ଟ ବିନୋଦ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ପୂଜାର୍ଚ୍ଚନା ଚାଲିଥିଲା । ସେହିପରି ରାଉଳପଲ୍ଲୀର ଗୁପ୍ତେଶ୍ୱର ମନ୍ଦିରରେ ପରିଚାଳନା କମିଟି ସହ ସମାଜସେବୀ ନିର୍ମଳ ଚନ୍ଦ୍ର ସାହୁଙ୍କ ତଦାରଖରେ ସମସ୍ତ ପୂଜାବିଧି ଜାରି ରହିଥିଲା । ମାନସିକ ଧାରୀ ଶିବ ଭକ୍ତମାନେ ଦୀପଦାନ କରିବା ସହ ଚାରି ପ୍ରହରରେ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନରେ ପରିକ୍ରମଣ କରିଥିଲେ । ରାତ୍ର ଉଜାଗର ସକାଶେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି, ପୋଲିସ ପ୍ରସାଶନ, ଗ୍ରାମ କମିଟି ପରିଚାଳନାରେ ସହଯୋଗ କରିଥିଲେ ।

**ନିଆଳି:** ମହାଶିବରାତ୍ରି ପାଇଁ ନିଆଳିର ବିଭିନ୍ନ ଶୈବ ପୀଠମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ପ୍ରାତଃରୁ ରୀତିକାନ୍ତିନୁ ଯାଇ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଠାକୁରଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଲମ୍ବା ଲାଇନ ମନ୍ଦିର ସମ୍ମୁଖରେ ଦେଖିବାକୁ ମିଳିଥିଲା । ଶୈବ ପୀଠମାନଙ୍କରେ ନାମ ସଂକୀର୍ତନ ସହିତ ଅନ୍ନଯଜ୍ଞ ହୋଇଥିଲା । ସେହିପରି ଚଳିତ ବର୍ଷ ଶୈବ ପୀଠ ଗୁଡିକରେ ପ୍ରବଳ ଭିଡ଼ ନିଆଳି ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ସହ ଦର୍ଶନ ନିମନ୍ତେ ବିଶେଷ ବ୍ୟବସ୍ଥା ହୋଇଥିଲା । ନିଆଳିର ଆରାଧ ଶୋଭେନେଶ୍ୱର ମନ୍ଦିରରେ ସକାଳୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚଣା ପରେ ରାତି ୧୨ଟା ପରେ ମହାଦ୍ୱୀପ ଉଠିବାର କାର୍ଯ୍ୟକ୍ରମ ରହିଛି । ସେହିପରି ପ୍ରାଚୀ କୂଳରେ କପିଳେଶ୍ୱର ଗ୍ରାମର ଅନ୍ଧକପିଳେଶ୍ୱର, ମାଧବର ଭୀମେଶ୍ୱର, ପହଙ୍ଗାର ବାଲୁଙ୍କେଶ୍ୱର, ଶଡାଂଶର ତ୍ରିଲୋଚନେଶ୍ୱର, ଜଲ୍ଲାରପୁରର ସୋମନାଥ, ଟୋଲାର ରାମେଶ୍ୱର, କରଞ୍ଜର ସ୍ୱପ୍ନେଶ୍ୱର, ମହଙ୍ଗପଡାର ପିଙ୍ଗଳେଶ୍ୱର, କସର୍ଦ୍ଦାର ଗତେଶ୍ୱର, ବାଲାରର ଝାଡେଶ୍ୱର, ପୋଖରୀଗାଁର ପିଙ୍ଗଳେଶ୍ୱର, ନିଆଳିର ନୀଳକଣ୍ଠେଶ୍ୱର, ସୁବର୍ନେଶ୍ୱର, ବାଙ୍କୀହାଟିର କ୍ଷମାନାଥ, କୃଷ୍ଣପ୍ରସାଦର ଅଙ୍ଗେଶ୍ୱର, ନୂଆବେଡେଣ୍ଡାର କାଶୀ ବିଶ୍ୱନାଥ ସମେତ ବିଭିନ୍ନ ଶୈବ ପୀଠମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା । ଶ୍ରଦ୍ଧାଳୁମାନେ ମନ୍ଦିର ବେଢାରେ ଜାଗର ଦ୍ୱୀପ ଜାଳିବା ସହିତ ବସି ରହିଥିଲେ । ବିଭିନ୍ନ ମନ୍ଦିରରେ ବିଭିନ୍ନ ସଂଗଠନ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା । ଶାନ୍ତି ଶୃଙ୍ଖଳାର ସହିତ ଶ୍ରଦ୍ଧାଳୁମାନେ ଶିବ ଆରାଧନା କରିଥିଲେ ।

**ବୁଗୁଡ଼ା:** ମହାଶିବରାତ୍ରୀ ଉପଲକ୍ଷେ ବୁଗୁଡା ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧା ଓ ଭକ୍ତିର ସହ ଜାଗର ଯାତ୍ରା ପାଳିତ ହୋଇଯାଇଛି । ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲସ୍ଥିତ ଜଗଦୀଶ୍ୱର, ଗଙ୍ଗାଧରେଶ୍ୱର, ମକରେଶ୍ୱର, ବୁଦ୍ଧେଶ୍ୱର ଓ ସିଦ୍ଧେଶ୍ୱର ଆଦି ପଞ୍ଚ ଶମ୍ଭୁ ସମେତ କୈଳାସନଗରସ୍ଥ କୁବେରେଶ୍ୱର, ଭାମଶିଆଳିର ଗୁପ୍ତେଶ୍ୱର ଓ ଆମ୍ବିଲିଝରସ୍ଥ ଲୋକନାଥ ମନ୍ଦିର, ହରଶରଣପୁରସ୍ଥ ମୁକ୍ତେଶ୍ୱର ଓ ବୀରଧନଞ୍ଜୟପୁରସ୍ଥ ବାଲୁଙ୍କେଶ୍ୱର ମନ୍ଦିର, ଗୋଲାମୁଣ୍ଡୁଳାର ଲୋକନାଥେଶ୍ୱର, ଉଦୟପୁର ଗ୍ରାମର କପିଳେଶ୍ୱର, ବୁଗୁଡ଼ାର ସୋମନାଥ, ବାଲୁଙ୍କେଶ୍ୱର ଓ କାଶୀ ବିଶ୍ୱନାଥ, ଗୋଳିଆର ଲଙ୍ଗଳେଶ୍ୱର, ମରାଇପଲ୍ଲୀର ଚନ୍ଦ୍ର କନ୍ଧେଶ୍ୱର, କୁଶପଲ୍ଲୀର ଐଶନେଶ୍ୱର, କୁଆଁନଳାର ଭୁକ୍ତେଶ୍ୱର ମନ୍ଦିର, ବାଲିପଦରସ୍ଥିତ ନୀଳକଣ୍ଠେଶ୍ୱର, ମାଣିତରାର କପିଳେଶ୍ୱର, ମାଣିକ୍ୟପୁର ଗ୍ରାମର ସିଦ୍ଧେଶ୍ୱର, ତାଳସାକର ଗ୍ରାମସ୍ଥ ସତ୍ତେଶ୍ୱର, ମକରାପଲ୍ଲୀର ରାମେଶ୍ୱର, ମୁକୁନ୍ଦପୁର ଗ୍ରାମସ୍ଥ କପିଳେଶ୍ୱର ସ୍ୱାମୀ, ଡେଙ୍ଗାବାଡିର ଭୋଳେଶ୍ୱର, ପାଣିକେଶର ଗ୍ରାମର କପିଳେଶ୍ୱର, ଭଗବାନପୁର ଗ୍ରାମର ବାଲୁଙ୍କେଶ୍ୱର, ଭୋଗଡାର ଉମାଶଙ୍କର, ବେତାରସିଂର ସପ୍ତେଶ୍ୱର ସ୍ୱାମୀ, ଗୋଳାବନ୍ଧର ଲୋକନାଥ ସ୍ୱାମୀ, ସୋଲଣ୍ଡିର ଭୁବନେଶ୍ୱର, ଖୋଲଖାଲିର ଗଙ୍ଗାଧର ସ୍ୱାମୀ, ଏ.କରଡ଼ାବାଡ଼ିର ନୀଳକଣ୍ଠେଶ୍ୱର, ବକ୍ସିପଲ୍ଲୀର ବିଶ୍ୱେଶ୍ୱର, ଚକରାପଲ୍ଲୀର ଗଙ୍ଗାଧର ସ୍ୱାମୀ, ସୋରଡର ବାଲୁଙ୍କେଶ୍ୱର, ଅରଖପୁରସ୍କ ତାଡେଶ୍ୱର, ଅନ୍ତରପଡାର ରାମେଶ୍ୱର, ସଦାଶିବପୁର ଗ୍ରାମସ୍ଥ ନୀଳକଣ୍ଠେଶ୍ୱର, ବେଠିଆବୋରଦାର ଲୋକନାଥେଶ୍ୱର, କାନସୁକାର ରାମେଶ୍ୱର, ଗୌଡିଆବୋରଦାର ଲଙ୍ଗଳେଶ୍ୱର ଓ ଚରଣ କପିଳେଶ୍ୱର, ଗାନ୍ଧିନଗର ଗାଁର ନୀଳକଣ୍ଠେଶ୍ୱର ମନ୍ଦିର ସାଙ୍ଗକୁ ଅଞ୍ଚଳର ଅନ୍ୟାନ୍ୟ ଶିବ ମନ୍ଦିରରେ ଭକ୍ତିର ସହିତ ଜାଗର ଯାତ୍ରା ପାଳିତ ହୋଇଯାଇଥିବା ବେଳେ ଅଧିକାଂଶ ଶୈବପୀଠରେ ଭକ୍ତମାନଙ୍କ ଉଜାଗର ନିମିତ୍ତ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଓ ଭଜନ ସମାରୋହ ଆଦି ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ମହାଜାକଜମକରେ ଆନନ୍ଦ ଉଲ୍ଲାସର ସହ ଏହାକୁ ପାଳନ କରାଯାଇ ଥିବାରୁ ପ୍ରତ୍ୟେକ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା ।

**ଢେଙ୍କାନାଳ:** ଢେଙ୍କାନାଳସ୍ଥିତ ଶ୍ରୀଶ୍ରୀ ଶମ୍ଭୁଗୋପାଳ ମଠରେ ମହାଶିବରାତ୍ରି ଜାଗର ମହାଆନନ୍ଦରେ ପାଳନ କରାଯାଇଅଛି । ପ୍ରଭାତରୁ ସୂର୍ଯ୍ୟପୂଜା ଓ ରୁଦ୍ରାଭିଷେକ କାର୍ଯ୍ୟ, ବେଲପତ୍ର ଲାଗି କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ଯଜ୍ଞ ପୂଜାକ ମଳୟ କର, ମନ୍ଦିର ପୂଜକ ବିଭୁତି ଭୂଷଣ ଗଣ୍ଡା ଓ ସହଯୋଗୀ ସଂଗ୍ରାମ କିଶୋର ମିଶ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବଜାରର କର୍ମକର୍ତ୍ତା ଓ ସାହିବାସୀନ୍ଦା ସାହାର୍ଯ୍ୟ କରିଥିଲେ । ସଂଧ୍ୟାରେ ଭକ୍ତମାନେ ଜାଗର ଜାଳିବା ସହିତ ପ୍ରସାଦସେବନ କରିଥିଲେ । ପୂର୍ଣ୍ଣାହୁତି ସହିତ ରାତ୍ର ୧୨ ଘଟିକାରେ ମହାଦୀପ ଉଠିବ ।

# ଓଡ଼ିଶା ଏକ୍ସପ୍ରେସ୍



## ଜଳାଶୟ ଜମିରେ ପାଚେରି ନିର୍ମାଣ



**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ୍ ଅଁଳ ପଞ୍ଚାୟତ ମହଙ୍ଗପଡ଼ା କୁକୁର ଗଡିଆଟି କିସମ ଜଳାଶୟ ଥିବା ସତ୍ତ୍ୱେ ଏହି ଯାଗାରେ ସରପଞ୍ଚଙ୍କ ସ୍ୱାମୀ ଠିକାଦାର ସାଜି ବିଭାଗୀୟ ଅଧୀକାରୀଙ୍କୁ ନଜଣାଇ ପାଚେରି ନିର୍ମାଣ କରୁଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ ପୂର୍ବରୁ ୨୪ ଜାନୁଆରି ୨୦୨୫ରେ ବନ ବିଭାଗ ପକ୍ଷରୁ ଅଁଳ ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଗଛ କଟା ନେଇ ଏକ ମାମଲା ରୁଜୁ କରାଯାଇଥିଲା। ମହଙ୍ଗପଡା ପିଙ୍ଗଳେଶ୍ୱର ହାଇସ୍କୁଲ କୁକୁର ଗାଡିଆରେ ବନ ବିଭାଗ ପକ୍ଷରୁ ୨୦୨୨-୨୩ରେ ୭୫ଟି ଗଛ ଲଗାଯାଇଥିଲା। ହେଲେ ବନ ବିଭାଗର ବିନା ଅନୁମତିରେ ସମସ୍ତ ଗଛକୁ କାଟି ଦିଆଯାଇଥିଲା। ଏହି ଘଟଣା ପଦାକୁ ଆସିବା ପରେ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ବନ ବିଭାଗ ପକ୍ଷରୁ ସରପଞ୍ଚଙ୍କ ପକ୍ଷ ରଖିବା ନିମନ୍ତେ ନୋଟିସ ଜାରି କରାଯାଇଛି। ଫୁଲନଖରା ରେଞ୍ଜର ମୌସୁମୀ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପିଙ୍ଗଳେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ବୟାନ ରେକର୍ଡ କରିଥିଲେ। ଏହି ଜାଗାଟି ଜଳାଶୟ ଓ ମଙ୍ଗଳାଙ୍କ ନାମରେ ଥିବା ସତ୍ତ୍ୱେ ଏବେ ସେହି ଜାଗାରେ ପାଚେରି ନିର୍ମାଣ କରାଯାଉଛି ଯାହାକୁ ନେଇ ଗ୍ରାମବାସିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଭାଗ ଅଧୀକାରୀଙ୍କୁ ପଚାରିବାରୁ ଆମ ପାଖରେ ଖବର ନାହିଁ ବୋଲି କହିଛନ୍ତି।

## ସମ୍ ନର୍ସିଂ ସୁପରିଟେଣ୍ଡେଣ୍ଟ ସମ୍ମାନିତ




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ମହିଳା କମିଶନର ୩୩ତମ ପ୍ରତିଷ୍ଠା ଦିବସ ଅବସରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଣ୍ଟ ଶ୍ରୀମତି ମିନତୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ଶ୍ରୀମତି ମିଶ୍ରଙ୍କୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଓ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତି ଶୋଭନା ମହାନ୍ତି ପ୍ରମୁଖ ସମ୍ମାନିତ କରିଥିଲେ।

ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ସମାଜ ପ୍ରତି ଅବଦାନ ନିମନ୍ତେ ସଫଳ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନର୍ସିଂ ସେବା କ୍ଷେତ୍ରରେ ଶ୍ରୀମତି ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ହେବା ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଓ ବିଶ୍ୱବିଦ୍ୟାଳୟକୁ କୃତଜ୍ଞତା ଜଣାଇଛନ୍ତି ଶ୍ରୀମତି ମିଶ୍ର।

## ରାତି ଗୋଟାଏରେ ଉଠିଲା ମହାଦୀପ

**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ମହା ଶିବ ରାତ୍ରୀ ଯୋଗୁ ଦଶପଲ୍ଲାର ସମସ୍ତ ଶିବ ମନ୍ଦିର ଆଜି ଚଳ ଚଞ୍ଚଳ ହୋଇପଡିଛି। ପ୍ରତ୍ୟୁଷରୁ ବ୍ରତ ଧାରୀମାନେ ପୂଜା କରି ଜଳସାୟୀ କରି ଘରକୁ ଫେରିବା ପରେ ଅପରାହ୍ନରେ ଉଜାଗର ରହି ଦୀପ ଜାଳିବା ପାଇଁ ପ୍ରଥମେ ସ୍ଥାନ ସଂରକ୍ଷଣ କରିବା ଏକ ବଡ କାର୍ଯ୍ୟ ବୋଲି ଧରାଯାଏ। କାରଣ ପ୍ରଭୁଙ୍କ ସାମନାରେ ବସି ଦୀପ ଜାଳିବାର ସୌଭାଗ୍ୟ ସମସ୍ତଙ୍କୁ ଜୁଟି ନଥାଏ। ଦେଉଳ ମାଳିସାହି ନୀଳକଣ୍ଠେଶ୍ୱରଙ୍କ ମନ୍ଦିର, ବାଳିକା ହାଇ ସ୍କୁଲ ମନ୍ଦିର, ପୁରୁଣା ଦଶପଲ୍ଲା ଶିବ ମନ୍ଦିର, ଡିହଗାଁ ଜଳେଶ୍ୱର ମନ୍ଦିର, କାଳମ୍ଭା ଶିବ ମନ୍ଦିର, ଦଶପଲ୍ଲା ଅମଲା ପଡ଼ା କିଶୋରେଶ୍ୱର ମନ୍ଦିର ରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ପହଂଚି ପୂଜା କରିବା ଅବସରରେ ସାହି ବାସିନ୍ଦା ମନ୍ଦିର ନିକଟ ବାବୁବସା ପୋଖରୀକୁ ଆଦର୍ଶ ପୋଖରୀ ରୂପେ ତିଆରି କରିବାକୁ ଅନୁରୋଧ କରିଥିଲେ। ବିଧାୟକ ମଧ୍ୟ ଏ ସମ୍ପର୍କରେ ଏକ ବ୍ୟୟ ଅଟକଳ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଆଜିର କାର୍ଯ୍ୟକ୍ରମକୁ ସାହିର ମହିଳା ନେତ୍ରୀ ସଂଯୁକ୍ତା ଦାସଗୁପ୍ତା, କାଳିଆ ସାହୁ, ପିଙ୍କି, ହାପି, କାଳିଆ, ଲିଟୁ, ବର୍ଣ୍ଣି, ଅଂଶୁ, ହୁଣ୍ଡା, ବାବୁ, ନେଫୁ, ରାଜା, ରାଧା, ନମିତା, ବାସନ୍ତୀ ପ୍ରମୁଖ ସହଯୋଗ କରିଥିଲେ। ପଣ୍ଡିତ ଦିଲ୍ଲୀପ ମିଶ୍ର, ଯଦୁନାଥ ରଣା ପୂଜା କାର୍ଯ୍ୟ କରିଥିଲେ। ଶେଷରେ ପ୍ରାୟ ଏକ ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

## ସ୍କୁଟି ଆଗକୁ ଡେଇଁଲା ମାଙ୍କଡ଼: ଦମ୍ପତି ଆହତ

**ବୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା-ନୟାଗଡ ୩୩ ନଂ ରାଜ୍ୟ ରାଜପଥର କରଚୁଲିଠାରେ ସ୍କୁଟି ଆଗକୁ ମାଙ୍କଡ଼ କୁଦିପଡିବାରୁ ଦୁର୍ଘଟଣା ଘଟି ଦମ୍ପତି ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଆହତ ସ୍ୱାମୀ-ସ୍ତ୍ରୀ ଦ୍ୱୟ ହେଲେ ଆସ୍କାର ସୁନିଲ ସାହୁ ଓ ବର୍ଷା ସାହୁ। ଘଟଣାରୁ ପ୍ରକାଶ ଯେ, ସୋମବାର ସକାଳେ ସ୍ୱାମୀ ଓ ସ୍ତ୍ରୀ ଉଭୟେ ସ୍କୁଟି ଯୋଗେ ଆସ୍କାରୁ ଓଡଗାଁକୁ ଯାଉଥିଲା ବେଳେ କରଚୁଲିଠାରେ ମାଙ୍କଡ଼ ପଲ ମଧ୍ୟରୁ ମାଙ୍କଡ଼ଟିଏ ସ୍କୁଟି ଆଗକୁ କୁଦି ପଡିବାରୁ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ବର୍ଷାଙ୍କ ମୁହଁ ଓ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ ସୁନିଲଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଉଭୟଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଉଭୟଙ୍କ ଚିକିତ୍ସା କରାଯାଇଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୭୨ଟି ଅଭିଯୋଗ ହସ୍ତଗତ ହୋଇଥିଲା । ଅଭିଯୋଗ ଶୁଣାଣି ଶିବିରରେ ୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଡିସିପି ରିଶିକେଶ ଖିଲାରୀ, ଏସପି ବିନିତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସଂପଦ ଆଦି ସଂପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଫଳକ ଲଗାଇ ଅପେକ୍ଷା କଲେ, ଆସିଲେନି ବିଧାୟକ କି ସାଂସଦ

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ବ୍ଲକ ଅଧୀନ ଦହିକୋଟୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଦହିକୋଟୀ ଗ୍ରାମରେ ଥିବା ବାବାତ୍ରି କୁଟେଶ୍ୱର ମନ୍ଦିରର ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ ଲକ୍ଷ ବ୍ୟୟ ଅଟକଳ ହୋଇ ମହା ଶିବରାତ୍ରି ପୂର୍ବରୁ କାର୍ଯ୍ୟ ସରିଯାଇଥିଲା। ଗ୍ରାମର ଯୁବକମାନେ ବେଶ ଆନନ୍ଦରେ ମନ୍ଦିର କାର୍ଯ୍ୟ କରିଥିଲେ। ଏହି ଉନ୍ନୟନ କାର୍ଯ୍ୟର ଉଦଘାଟନ ନିମନ୍ତେ ବାଲେଶ୍ୱର ସାଂସଦ ଓ ବଡ଼ସାହି ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇ ସେ ଦୁଇ ଜଣଙ୍କ ନାମଫଳକ ଲଗାଇଥିଲେ। ସେହି ଅନୁସାରେ ଗ୍ରାମର ଯୁବକମାନେ ସାଂସଦ ଓ ବିଧାୟକଙ୍କ ସହ ଯୋଗାଯୋଗ ପୂର୍ବକ ଅପେକ୍ଷା କରିଥିଲେ। ମାତ୍ର ନିର୍ଦ୍ଧାରିତ ସମୟର ଅନେକ ସମୟ ଅପେକ୍ଷା କରିଥିଲେ ମଧ୍ୟ ସେମାନେ ନଆସିବାରୁ ୩୫ ନଂ ଜୋନ ମଣ୍ଡଳ ସଭାପତି ଏହାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଫଳରେ ଆୟୋଜକଙ୍କ ମୁହଁ ଫିକା ପଡିଯାଇଥିଲା ଓ ସେମାନେ ସେଠାରୁ ପଳାଇଯାଇଥିବାର ଦେଖାଯାଇଥିଲା। ସାଂସଦ ଓ ବିଧାୟକ ନିକଟକୁ ଆସି ଏଠାକୁ ନଆସିବାରୁ ଏହା ଚର୍ଚ୍ଚାର ବିଷୟ ପାଲଟିଛି।

## ୪୮ ଘଣ୍ଟା ମଧ୍ୟରେ ନିଖୋଜ ନାବାଳିକା ଉଦ୍ଧାର

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

କାକଟପୁର ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଜଣେ ନିଖୋଜ ନାବାଳିକାଙ୍କୁ ମାତ୍ର ୪୮ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ପୋଲିସ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହେବା ସହ ପୋଲିସର ତତ୍ପରତାକୁ ସାଧାରଣରେ ପ୍ରଶଂସା କରାଯାଇଛି। ମିଳିଥିବା ସୂଚନା ମୁତାବକ ଗତ ୧୪ ତାରିଖରେ କାକଟପୁର ଥାନାରେ ଏକ ନାବାଳିକା ନିଖୋଜ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କାକଟପୁର ପୋଲିସ ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଉକ୍ତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ବୈଷୟିକ ଜ୍ଞାନକୌଶଳ ଓ ଗୁପ୍ତ ସୂଚନାକୁ ଆଧାର କରି ତଦନ୍ତ ଚଳାଇଥିବା ବେଳେ ନାବାଳିକା ଜଣଙ୍କୁ କେନ୍ଦୁଝର ଜିଲ୍ଲାରୁ ଠାବ କରାଯାଇଥିଲା ଏବଂ ସେଠାରୁ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ନାବାଳିକାଙ୍କୁ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ବର୍ତ୍ତମାନ ତାଙ୍କର ଡାକ୍ତରୀ ପରୀକ୍ଷା ସହ ଅନ୍ୟାନ୍ୟ ଆଇନଗତ ପ୍ରକ୍ରିୟା ଜାରି ରହିଛି। ପୁରୀ ପୋଲିସର ରେକର୍ଡ ସଫଳତା ଚଳିତ ୨୦୨୬ ବର୍ଷରେ ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ମୋଟ ୬୫୦ ଜଣ ନିଖୋଜ ବ୍ୟକ୍ତିଙ୍କୁ ସଫଳତାର ସହ ଉଦ୍ଧାର କରାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯାଇଛି ଯେ, ଯଦି କୌଣସି ବ୍ୟକ୍ତି ବା ଶିଶୁ ନିଖୋଜ ହୁଅନ୍ତି, ତେବେ ବିଳମ୍ବ ନକରି ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ। କିମ୍ବା ଜରୁରୀକାଳୀନ ନମ୍ବର ୧୧୨କୁ କଲ୍ କରନ୍ତୁ ବୋଲି ପ୍ରତୀକ ସିଂ କହିଛନ୍ତି। କାକଟପୁର ଥାନା ଅଧିକାରୀ ବସନ୍ତ ସାହୁଙ୍କ ଏକାଦୃଶ୍ୟ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ପାରାଦୀପର ବିଭିନ୍ନ ସ୍ଥାନରେ ମହାଶିବରାତ୍ରି

**ପାରାଦୀପ:ଏକ୍ସପ୍ରେସ୍ ନ୍ୟୁଜ୍**

ପାରାଦୀପର ବିଭିନ୍ନ ସ୍ଥାନରେ ମହାଶିବରାତ୍ରି ମହାଆଡମ୍ବରରେ ପାଳିତ ହୋଇଯାଇଛି। ପାରାଦୀପର ବୃନ୍ଦାବନ କଲୋନୀ ସ୍ଥିତ ଗୋପାଳଜୀଉ ମନ୍ଦିର ଓ ସିଏଚଏ କଲୋନୀ ସ୍ଥିତ ତ୍ରିନାଥ ମଣ୍ଡପରେ ମହାଶିବରାତ୍ରି ମହାଆଡମ୍ବରରେ ପାଳିତ ହୋଇଯାଇଛି। ସକାଳୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଗୋପାଳଜୀଉ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିବା ସହ ହୋମ ଯଜ୍ଞରେ ଉପସ୍ଥିତ ରହିଥିଲେ।

ସନ୍ଧ୍ୟାରେ ମନ୍ଦିର ପରିସରରେ ଜାଗର ବ୍ରତଧାରୀମାନେ ଦୀପ ଜାଳି ଠାକୁରଙ୍କୁ ଉପାସନା କରିଥିଲେ। ତେବେ ରାତ୍ର ୧୨:୧୦ ମିନିଟ୍ ସମୟରେ ମନ୍ଦିର ପରିସରରେ ଉପସ୍ଥିତ ଭକ୍ତମାନେ ମହାଦୀପ ଦର୍ଶନ କରିଥିଲେ। ସେହିପରି ସିଏଚଏ କଲୋନୀ ସ୍ଥିତ ତ୍ରିନାଥ ମଣ୍ଡପରେ ହୋମ ଯଜ୍ଞ କରାଯାଇଥିଲା ଓ ପରେ ଶ୍ରଦ୍ଧାଳୁ ମାନେ ପୂର୍ଣ୍ଣାହୁତିରେ ଯୋଗଦେଇ ପୁଷ୍ପାଞ୍ଜଳୀ ଅର୍ପଣ କରିଥିଲେ। ରାତ୍ର ୧୦ ଘଟିକା ସମୟରେ ଉପସ୍ଥିତ ଭକ୍ତମାନେ ମହାଦୀପ ଦର୍ଶନ କରିଥିଲେ ଓ ପରେ ପ୍ରସାଦ ସେବନ କରିଥିଲେ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଆଜି ବିଜେଡ଼ିର ବିକ୍ଷୋଭ

**ନିମାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡ଼ାରେ ବିଜୁ ଜନତାଦଳ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବେଳେ ଦଳକୁ ସଜାଡି ପୁନଶ୍ଚ ସଂଗଠନ ସୁଦୃଢ କରିବା ନିମନ୍ତେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗତ ୧୨ତାରିଖରେ ରାଜ୍ୟ ନେତୃମଣ୍ଡଳୀ ବରିଷ୍ଠ ନେତା ସୁବ୍ରତ ଛାଟୋଇଙ୍କ ଉପରେ ଆସ୍ଥାପ୍ରକଟ କରି ନିମାପଡ଼ା ପାଇଁ ସାଂଗଠନିକ ଦାୟିତ୍ୱ ଅର୍ପଣ କରିଥିଲେ। ବିଜେପି ସରକାରର ଚାଷୀ ମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପ୍ରତିଶୃତି ଖିଲାପ ବିରୁଦ୍ଧରେ ବିଜୁ ଜନତାଦଳ ପକ୍ଷରୁ ନିମାପଡ଼ାରେ ୧୭ତାରିଖ ମଙ୍ଗଳବାର ଦିନ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନିମାପଡ଼ା ବିଜେଡ଼ି ପକ୍ଷରୁ ସୂଚନା ମିଳିଛି। ଗତ ନିର୍ବାଚନ ସମୟରେ ବିଜେଡ଼ି ସରକାରଙ୍କ ବିରୁଦ୍ଧରେ ମିଥ୍ୟା ପ୍ରରୋଚନା କରି ବିଜେପି ନିରୀହ ଜନତାଙ୍କୁ ଭୁଆଁ ବୁଲାଇ ଅସଂଖ୍ୟ ମିଥ୍ୟା ପ୍ରଲୋଭନ ଦେଖାଇଥିଲା। ନିର୍ବାଚନ ପରେ ସାଧାରଣ ଜନତା ବିଜେପି ସରକାରର ଅସଲରୂପ ଜାଣିପାରିଛନ୍ତି। ବିକାଶ ନାମରେ ଏଠାରେ କର୍ମୀପୋଷା ନୀତି ଚାଲିଛି। ବିଜେଡ଼ି ଏହାକୁ କେବେ ବି ବରଦାସ୍ତ କରିବନାହିଁ ବୋଲି ବିଜେଡ଼ି ନେତା ସୁବ୍ରତ ଛାଟୋଇ କହିଛନ୍ତି। ଦାୟିତ୍ୱଗ୍ରହଣ କରିବା ପରେ ସୁବ୍ରତଙ୍କ ନେତୃତ୍ୱରେ ପ୍ରଥମ ପ୍ରତିବାଦ ସଭା ଅନୁଷ୍ଠିତ ହେଉଛି। ଚାଷୀମାନେ ହେଉଛନ୍ତି ଆମ ଦେଶର ମେରୁଦଣ୍ଡ। ବିଜେପି ସରକାର ସେମାନଙ୍କୁ ଧୋକା ଦେଇଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ସରକାରର ପ୍ରତିଶୃତି ପାଣିର ଗାର ସଦୃଶ ହୋଇଛି। ଏହାକୁ ବିରୋଧ କରି ନିମାପଡ଼ା ବିଜୁ ଜନତାଦଳ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ହଜାର ହଜାର ସଂଖ୍ୟକ ଚାଷୀ ଏବଂ ସାଧାରଣ ଜନତା ସକାଳ ୧୦ଟାରୁ ନୂଆ ବସଷ୍ଟାଣ୍ଡ ଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ଜୟଶ୍ରୀ ଛକ, ପୁରୁଣା ବସଷ୍ଟାଣ୍ଡ, ଦୋଳବେଦୀ ଛକଦେଇ ବଡ଼ବଜାର ଅତିକ୍ରମ କରି ତହସିଲ ଅଫିସ ନିକଟରେ ପହଞ୍ଚି ସରକାରଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବାପରେ ଟାଉନହଲ ଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ସୁବ୍ରତଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି ସଭାରେ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଚାଷୀ, ବିଜେଡ଼ି କାର୍ଯ୍ୟକର୍ତ୍ତା, କର୍ମୀ ଏବଂ ଜିଲ୍ଲା ଓ ରାଜ୍ୟ ନେତୃ ମଣ୍ଡଳୀର ବରିଷ୍ଠ ନେତୃତ୍ୱମାନେ ଯୋଗଦେବାକୁ ସ୍ଥିର କରାଯାଇଛି ବୋଲି ସୁବ୍ରତ ଛାଟୋଇ ଜଣାଇଛନ୍ତି।

## କିସ୍‌ର ୧୯୦୦ ଛାତ୍ରଛାତ୍ରୀ ଦେବେ +୨ ପରୀକ୍ଷା

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଚଳିତ ବର୍ଷ +୨ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥର କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ୍ (କିସ୍)ରୁ ୧୯୦୦ ଛାତ୍ରଛାତ୍ରୀ ଦ୍ୱାଦଶ ପରୀକ୍ଷା ଦେବେ। କିସ୍‌ର ସର୍ବାଧିକ ୧୦୦୦ ଛାତ୍ରୀ ଓ ୯୦୦ ଛାତ୍ର ଚଳିତବର୍ଷ +୨ ପରୀକ୍ଷା ଦେବେ। ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟରେ କଳା ଛାତ୍ରଛାତ୍ରୀଙ୍କ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ଭୁବନେଶ୍ୱର ରାଜଧାନୀ କଲେଜରେ ବିଜ୍ଞାନ ଓ ବାଣିଜ୍ୟର ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ପ୍ରତିବର୍ଷ ଭଳି ଚଳିତ ବର୍ଷ +୨ ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ପେନ୍ ବଣ୍ଟନ କରିବା ସହ କିଭଳି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେ ନେଇ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଥିଲେ। ଛାତ୍ରଛାତ୍ରୀଙ୍କ ପରିଶ୍ରମ ଓ ନିଷ୍ଠା ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମୟୋଚିତ ମାର୍ଗଦର୍ଶନ ପାଇଁ ଚଳିତ ବର୍ଷ +୨ ପରୀକ୍ଷାରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବେ ବୋଲି ଶ୍ରୀ ସାମନ୍ତ ଆଶା ବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ +୨ ପରୀକ୍ଷାରେ କିସ୍ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛି। ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା ନିମନ୍ତେ କିସ୍ ପକ୍ଷରୁ ବ୍ୟାପକ ବସ୍ ବନ୍ଦୋବସ୍ତ କରାଯାଇଛି।

## ୱିପ୍ରୋ ଆର୍ଥିୟାନ୍ ପ୍ରତିଯୋଗିତାରେ ଓଡ଼ିଶାର ଲୁଇସ୍ ବ୍ରେଲି ଦୃଷ୍ଟି ବାଧିତ ବିଦ୍ୟାଳୟ ବିଜୟୀ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପରିବେଶ ସନ୍ତୁଳନ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶାର ଛାତ୍ରଛାତ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରି ଏକ ନୂତନ ଇତିହାସ ରଚନା କରିଛନ୍ତି। ବେଙ୍ଗାଲୁରୁ ସ୍ଥିତ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟରେ ଏହି ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠିତ 'ୱିପ୍ରୋ ଆର୍ଥିୟାନ୍' ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ଲୁଇସ୍ ବ୍ରେଲି ସ୍କୁଲ୍ ଫର୍ ଦି ବ୍ଲାଇଣ୍ଡ ଶ୍ରେଷ୍ଠ ୨୦ଟି ବିଜେତା ବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଏଥିସହ ଲୁଇସ୍ ବ୍ରେଲି ସ୍କୁଲ୍ ଫର୍ ଦି ବ୍ଲାଇଣ୍ଡର ୪ ଜଣ ପ୍ରତିଭାବାନ ଛାତ୍ର ଏହି ଦଳରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ନିକଟରେ ଅନୁଷ୍ଠିତ ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ଲୁଇସ୍ ବ୍ରେଲି ସ୍କୁଲ୍‌କୁ ସ୍ଥାୟୀତ୍ୱ ଏବଂ ଜଳ ସଂରକ୍ଷଣ ଉପରେ ଏକ ଉତ୍କୃଷ୍ଟ ପ୍ରକଳ୍ପ ଉପସ୍ଥାପନ କରିଥିବାରୁ ସମ୍ମାନିତ କରାଯାଇଛି। 'ଭିଜନ୍ ଏମ୍ପାୱାର' ସଂସ୍ଥାର ବୈଷୟିକ ସହାୟତା ଏବଂ ମାର୍ଗଦର୍ଶନରେ ଏହି ପ୍ରକଳ୍ପଟି ସଫଳତାର ସହ କାର୍ଯ୍ୟକାରୀ ହୋଇଥିଲା। ସାରା ଦେଶର ପ୍ରାୟ ୨୨୦୦ରୁ ଅଧିକ ବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଲୁଇସ୍ ବ୍ରେଲି ସ୍କୁଲ୍ ଏକମାତ୍ର ଦୃଷ୍ଟିବାଧିତ ବିଦ୍ୟାଳୟ ଭାବେ ଏହି ସମ୍ମାନଜନକ ମାନ୍ୟତା ହାସଲ କରି ଏକ ନୂତନ ଇତିହାସ ରଚିଛନ୍ତି। ୱିପ୍ରୋ ଲିମିଟେଡ୍‌ର ଗ୍ଲୋବାଲ୍ ହେଡ୍ (ସଷ୍ଟେନେବିଲିଟି) ନାରାୟଣ ପି ଏସ୍, ୱିପ୍ରୋ ଫାଉଣ୍ଡେସନ୍‌ର ମ୍ୟାନେଜିଂ ଟ୍ରଷ୍ଟି ଅନୁରାଗ ବେହାର ଏବଂ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଉପସ୍ଥିତିରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଏହି ପ୍ରଶଂସନୀୟ ପ୍ରୟାସ ଜଳ ସଂରକ୍ଷଣ ଦିଗରେ ସମାଜକୁ ଏକ ନୂତନ ଦିଶା ଦେଖାଇବା ସହ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେବ।

## ନାବାଳିକାକୁ ଅସଦାଚରଣ ଅଭିଯୋଗ

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଟାଉନ ଥାନା ଅଞ୍ଚଳର ଜନୈକା ୫ ବର୍ଷୀୟା ନାବାଳିକୁ ସୋମବାର ଅପରାହ୍ଣ ୧ ଘଟିକା ସମୟରେ ସେହି ଅଞ୍ଚଳର ଜନୈକ ୧୭ ବର୍ଷୀୟ ନାବାଳକ ତାଙ୍କ ଘରକୁ ଡାକି ନେଇ ଜୋର ଜବରଦସ୍ତ ଅସଦାଚରଣ କରିଥିଲା। ନାବାଳିକା ଜଣକ କାନ୍ଦି କାନ୍ଦି ଘରକୁ ଆସି ତା' ମା'କୁ ଏ ବିଷୟରେ ଜଣାଇଥିଲା। ଏ ନେଇ ନାବାଳିକାର ମା' ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ କେଶ ନଂ. ୫୮/୨୬ରେ ଏକ ଅସଦାଚରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ନାବାଳକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି।


**ଆଭାସ ଫାଇନାନ୍ସରସ୍ ଲିମିଟେଡ୍**

(CIN:L65922RJ2011PLC034297) ରେଜିଷ୍ଟର ଏବଂ କର୍ପୋରେଟ୍ ଅଫିସ୍ : ୨୦୧-୨୦୨, ଦ୍ୱିତୀୟ ମହଲା, ସାଉଥ୍ ଏଣ୍ଡ ସ୍କୋୟାର, ମନସରୋଭର ଇଣ୍ଡଷ୍ଟ୍ରୀୟାଲ ଏରିଆ, ଜୟପୁର-୩୦୨୦୨୦

Aavas FINANCIERS LTD — SAPNE AAPKE, SAATH HAMAARA

**ଦଖଲ ନୋଟିସ୍**

ଯେତେବେଳେ କି, ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନର୍ନିର୍ମାଣ ଏବଂ ସୁରକ୍ଷା ସୁଧ ଅଧିନିୟମର କାର୍ଯ୍ୟକାରିତା, 2002 ଏବଂ ସୁରକ୍ଷା ସୁଧର ନିୟମ ୨ ସହିତ ପଢା ଯାଇଥିବା କ୍ଷମତା ପ୍ରୟୋଗରେ ଅଭାସ୍ ଫାଇନାନ୍ସରଙ୍କ ସୀକୃତପ୍ରାପ୍ତ ଅଧିକାରୀ ଭାବରେ ନିମ୍ନଲିଖିତ, (ଏନଫୋର୍ସମେଣ୍ଟ) ନିୟମ 2002 ଏକ ଡିମାଣ୍ଡ ନୋଟିସ୍ ଜାରି କରେ ଯାହା ନିମ୍ନରେ ଉଲ୍ଲେଖ କରାଯାଇଥିବା ଋଣଗ୍ରହୀତା ମାନଙ୍କୁ ଉକ୍ତ ବିଜ୍ଞପ୍ତି ପ୍ରାପ୍ତ ହେବାର 60 ଦିନ ମଧ୍ୟରେ ସମ୍ପୃକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିବା ପରିମାଣ ପରିଶୋଧ କରିବାକୁ ଆହ୍ୱାନ କରାଯାଉଅଛି । ଋଣଗ୍ରହୀତା ନେଇଥିବା ବ୍ୟକ୍ତିମାନେ ରାଶି ପରିଶୋଧ କରିବାରେ ବିଫଳ ହୋଇ, ନିମ୍ନଲିଖିତ ତାରିଖଗୁଡ଼ିକରେ ଉକ୍ତ ନିୟମର ନିୟମ ୨ ସହିତ ପଢାଯାଇଥିବା ଉକ୍ତ କାର୍ଯ୍ୟର ଧାରା 13 (4) ଅନୁଯାୟୀ ମୋତେ ଦିଆଯାଇଥିବା କ୍ଷମତା ପ୍ରୟୋଗରେ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକ ଅଣ୍ଡରସାଇନ୍ ହୋଇଛି ।

ବିଶେଷ ଭାବରେ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟର୍ ଏବଂ ସାଧାରଣତ ଜନସାଧାରଣଙ୍କୁ ଏହି ସମ୍ପତ୍ତି ସହିତ କାରବାର ନକରିବାକୁ ଚେତାବନୀ ଦିଆଯାଇଛି ଏବଂ ସମ୍ପତ୍ତି ସହିତ କୌଣସି କାରବାର ନିମ୍ନରେ ଦିଆଯାଇଥିବା ପରିମାଣ ପାଇଁ ସୀମିତ ଆଭାସ୍ ଫାଇନାନ୍ସରଙ୍କ ଅଧୀନରେ ରହିବ ଏବଂ ଏଥିରେ ଅଧିକ ସୁଧ ରହିବ ।

| ଋଣଗ୍ରହୀତାଙ୍କ ନାମ | ଡିମାଣ୍ଡ ନୋଟିସ୍ ତାରିଖ ଏବଂ ଟଙ୍କା | ବନ୍ଧକ ସମ୍ପତ୍ତିର ବିବରଣୀ | ପୋଜେସନ୍ ର ପ୍ରକାର ଏବଂ ତାରିଖ |
|---|---|---|---|
| ସୁଜାତା ପାତ୍ର, କିଶୋର ମୋହନ ପାତ୍ର (A/C NO.) 231229703268379 | ୬ ଡିସେମ୍ବର ୨୫ ଟ.୨୦୪୬୬୯୧/- ୫ ଡିସେମ୍ବର ୨୫ | ଖାତା ନଂ.୪୦୩/୧୯୦୧, ଚକ ନଂ-୨୪୫/୧୩୧୭, ରେଣ୍ଟ-୧.୦୦ ଫୁଲ ଖାତା ଫୁଲ ଚକ ଏବଂ ଫୁଲ ପ୍ଲଟ ଟ୍ରାଞ୍ଜାକ୍ଟେଡ ପ୍ଲଟ ନଂ-୩୭୧/୨୬୮୬, ମୌଜା- ଇମାମନଗର, ଥାନା-ଜଗତପୁର, ତହସିଲ-ସାଲେପୁର, ଚୌଦ୍ୱାର, ଜିଲ୍ଲା- କଟକ, ଓଡ଼ିଶା, ଆଡମେଜରିଂ ଏକର ୦.୦୫୮ ଡିସିମିଲି | ସିମ୍ବଲିକ ଦଖଲ ଟୋକନ ୧୪ ଫେବୃଆରୀ ୨୬ |

ସ୍ଥାନ-ଓଡ଼ିଶା ତାରିଖ-୧୭-୦୨-୨୦୨୬ — ଅଧିକୃତ ଅଧିକାରୀ ଆଭାସ୍ ଫାଇନାନ୍ସରସ୍ ଲିମିଟେଡ୍



**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.9804, date- 13-02- 2026.I Laxmidhar Sethi, S/O- Rabindra Sethi, Vill- Righagarh, Post- Iswarpur, P. S- Rajnagar, Dist- Kendrapara, State- Odisha, PIN- 754248, declare that, I have changed my minor daughter's name from Sunita Sethi to Sarita Sethi. Henceforth, she shall be known as Sarita Sethi for all purposes.

S/d- Laxmidhar Sethi.







## ସମ୍ବଲପୁରରେ ହୀରାକୁଦ ଇଣ୍ଟରନ୍ୟାସନାଲ୍ ହାଫ୍ ମାରାଥନ୍

## ୪୦ ବିଦେଶୀଙ୍କ ସହ ଯୋଗ ଦେଲେ ୧୦ ହଜାର ପ୍ରତିଯୋଗୀ

**ସମ୍ବଲପୁର:ଏକ୍ସପ୍ରେସ୍ ନ୍ୟୁଜ୍**



ରବିବାର ହୀରାକୁଦର ସୁଉଚ୍ଚ ମାଟିବନ୍ଧ ଉପରେ ଆୟୋଜିତ ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ୍‌ରେ ବିଦେଶର ୪୦ ନାଗରିକଙ୍କ ସହିତ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧୦ ହଜାରରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ୨୧ କିମି ଦୌଡ ମହିଳା ବର୍ଗରେ ସୋନିକା, ଭାରତୀ ଭାରତୀ, ଶାମ୍ପା ଗେନ୍, ସାରୋନ ମୋଲା ୱିଗ୍ଲୁୱ୍, କେ.ଏମ୍. ଜ୍ୟୋତି, ପୁରୁଷ ବର୍ଗରେ ପଞ୍ଚାନନ ବେରା, ଗଙ୍ଗା ଜର୍ଜ, ଶୈଳେଶ କୁଶୱାହା, ସୁନୀଲ ଜିନାଭାଇ ଜୋଲିଆ, ଶୁଭମ ସିନ୍ଧୁ ଯଥାକ୍ରମେ ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ସେହିପରି ୧୦ କିମି ଦୌଡ ମହିଳା ବର୍ଗରେ ଅଞ୍ଜୁ ଅଞ୍ଜୁ, ପୂଜା ବର୍ମା, ମିତାଲି ଦୀପକ ଭୋୟାର, ରୁବି କଶ୍ୟପ, ନେହା ପଟେଲ ଏବଂ ପୁରୁଷ ବର୍ଗରେ ଗୌରବ କାସନା, ମୋନୁ କୁମାର, ଲୋକେଶ ଚୌଧୁରୀ, ରବି ଚୌଧୁରୀ, ଅଙ୍କିତ ଅଙ୍କିତ ଯଥାକ୍ରମେ ପ୍ରଥମରୁ ପଞ୍ଚମ ସ୍ଥାନ ହାସଲ କରିଥିଲେ। ୫ କିମି ଦୌଡ ମହିଳା ବର୍ଗରେ ଭାରତୀ ନୈନ, ରାଜେଶ୍ୱରୀ ସିଂହ, ଭଗବତୀ ଦେଓରା, ସୁସ୍ମିତା ଟିଗ୍ଗା ଓ ନିଶା କୁମାରୀ ସ' ଏବଂ ପୁରୁଷ ବର୍ଗରେ ଚନ୍ଦରପାଲ ମୌୟା, ପ୍ରକାଶ କୁମାର, ସଉଦ ହସନ, ଅମନ କୁମାର, ବାବୁଲୁ ଟୁଡୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଥିଲେ।

ମାରାଥନକୁ ଉଦ୍‌ଘାଟନ କରି ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ହୀରାକୁଦର ମନୋରମ ପରିବେଶ ମଧ୍ୟରେ ଆୟୋଜିତ ଏହି ଦୌଡ଼ ସମ୍ବଲପୁରର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ବିଶେଷ କରି ଇଥିଓପିଆ, ନାଇଜେରିଆ ଭଳି ଦେଶରୁ ଆନ୍ତର୍ଜାତିକ ଖେଳାଳିମାନେ ଏଥିରେ ଯୋଗଦେଇ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଆମକୁ ୨୦୨୬ରୁ ହିଁ ଏପରି ପ୍ରୟାସ କରିବାକୁ ହେବ, ଯେପରି ସମ୍ବଲପୁର ଏବଂ ଓଡ଼ିଶାର ପ୍ରତିଭାବାନ ପିଲାମାନେ ବିଶ୍ୱସ୍ତରରେ ମେଡାଲ ଜିତିବେ।

ଉଲ୍ଲେଖନୀୟ ଯେ ଏହି ମାରାଥନ୍‌ରେ କେନିଆ, ଇଥିଓପିଆ, ନାଇଜେରିଆ, ନେପାଳ, ଶ୍ରୀଲଙ୍କା, ଭୁଟାନ, ଜାମ୍ବିଆ, କଙ୍ଗୋ, ୟେମେନ, ସିରିଆ ଭଳି ବିଦେଶୀ ରାଷ୍ଟ୍ରର ଧାବକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଅନୁଗୁଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏମସିଏଲର ସିଏମଡି ଉଦୟ ଅନନ୍ତ କାଓଲେଙ୍କ ସମେତ ଗଣମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର | 17th February, 2026 Tuesday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ପପୁର ଭୟ


ସାର୍ ପପକୁ ପଚାରିଲେ- ହଇରେ ପପୁ, ତୁ କାହିଁକି ହୋମ୍ ଓ୍ୱାର୍କ କରିନୁ?

ପପୁ କହିଲା- ସାର୍, କାଲି ସନ୍ଧ୍ୟାରେ ମୁଁ ଯେମିତି ହୋମ୍‌ଓ୍ୱାର୍କ କରିବାକୁ ବସିଛି କରେଣ୍ଟ ଚାଲିଗଲା।

ସାର ଏଥର ପଚାରିଲେ- କରେଣ୍ଟ ଆସିଲା ପରେ ବି ତ ତୁ ହୋମ୍‌ଓ୍ୱାର୍କ କରିପାରିଥାନ୍ତୁ?

ପପୁ କହିଲା- ସାର୍ କରିପାରିଥାନ୍ତି, କିନ୍ତୁ ଡରିଲି। କାଳେ ଯଦି ହୋମ୍‌ଓ୍ୱାର୍କ କରିବାକୁ ବସିବାବେଳେ ପୁଣି ଯଦି ଲାଇନ୍ କଟିଯାଏ, ସେଥିପାଇଁ କରିପାରିଲନି।

ହେଲ୍ଥ



ଟନିକ୍

# ବଜେଟ୍ ଅଧିବେଶନ: ବିଧାୟକଙ୍କ ଉପରେ ରହିବ ନଜର

**ଭୁବନେଶ୍ୱର, ୧୬।୨: ତଥ୍ୟ**

ଓଡିଶାର ବଦଳୁଥିବା ରାଜନୈତିକ ସମୀକରଣ ଦୃଷ୍ଟିରୁ ବିଧାନସଭାର ଚଳିତ ବଜେଟ୍ ଅଧିବେଶନ ବିଶେଷ ଗୁରୁତ୍ୱ ବହନ କରିବ ବୋଲି ରାଜନୈତିକ ବିଶ୍ଳେଷକମାନେ ଆଶାବ୍ୟକ୍ତ କରୁଛନ୍ତି। ବିଶେଷକରି ପ୍ରମୁଖ ବିରୋଧିଦଳ ବିଜେଡି ଓ କଂଗ୍ରେସର କିଛି ବିଧାୟକଙ୍କ ଭୂମିକା ଉପରେ ଏଥିପାଇଁ ସମସ୍ତଙ୍କ ନଜର।

ବଜେଟ୍ ଅଧିବେଶନ ପୂର୍ବରୁ ବିଜେଡି ସନାତନ ମହାକୁଡଙ୍କ ଭଳି ପୁରୁଖା ଓ ଅରବିନ୍ଦ ମହାପାତ୍ରଙ୍କ ଭଳି ନବାଗତ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିଛି। ତେବେ ନିଲମ୍ବନ ପରଠାରୁ ଏଯାବତ୍ ସେମାନଙ୍କୁ କୌଣସି କାରଣ ଦର୍ଶାଅ ନୋଟିସ୍ ମିଳିନାହିଁ କିମ୍ବା ବହିଷ୍କାର ଆଦେଶ ବି ଜାରି ହୋଇନାହିଁ। ଏ ପରିପ୍ରେକ୍ଷୀରେ ଏହି ଦୁଇ ନିଲମ୍ବିତ ବିଧାୟକଙ୍କ ଆଭିମୁଖ୍ୟ ସରକାରୀ ଦଳ ପ୍ରତି କିପରି ରହିବ ସେଥିଘେନି ଜୋରଦାର ଚର୍ଚ୍ଚା ଚାଲିଛି। ଏହାଛଡା କଂଗ୍ରେସ ଦଳରୁ ନିଲମ୍ବିତ ହୋଇଥିବା ପୂର୍ବତନ ବିଧାୟକ ତଥା ପୁରୁଖା ନେତା ମହମ୍ମଦ ମୋକିମ ନୂଆଦଳ ଗଠନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଚଳାଉଥିବାବେଳେ କଂଗ୍ରେସ ବିଧାୟକ ଥିବା ତାଙ୍କ ସୁପୁତ୍ରୀ ସୋଫିଆ ଫିରଦୋଷ ବିଧାନସଭାରେ କି ପ୍ରକାର ଭୂମିକା ନିଭାଇବେ ତାହା ମଧ୍ୟ ପ୍ରଶ୍ନବାଚୀ ହୋଇ ରହିଛି। ସୋଫିଆ କଂଗ୍ରେସ ଦଳରେ ରହିଥିଲେ ମଧ୍ୟ ତାଙ୍କ ପିତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ତୁଟାଇ ପାରୁନାହାନ୍ତି।

ବଜେଟ୍ ଅଧିବେଶନ ସମୟରେ କିମ୍ବା ତାହା ପରେ ପରେ ରାଜ୍ୟସଭାର ୪ଟି ଆସନ ପାଇଁ ନିର୍ବାଚନ ହେବ। ସଂଖ୍ୟାଗଣିତ ଦୃଷ୍ଟିରୁ ବିଜେପି ସହଜରେ ୨ଟି ଓ ଦଳ ଏକଜୁଟ ରହିଲେ ବିଜେଡି ଗୋଟିଏ ଆସନ ଅକ୍ତିଆର କରିପାରିବ। ତେବେ ବିଜେପିର ନେତାମାନେ ବାରମ୍ବାର ଦେଉଥିବା ବୟାନରେ ଚତୁର୍ଥ ଆସନଟି ହାସଲ କରିବେ ବୋଲି କହୁଥିବାରୁ କ୍ରସ ଭୋଟିଂ ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ। ଅତୀତରେ ରାଜ୍ୟସଭା ନିର୍ବାଚନବେଳେ ଓଡିଶାରେ ବହୁ ବାର କ୍ରସ ଭୋଟିଂ ଦଳୀୟ ପ୍ରାର୍ଥୀଙ୍କ ବିରୁଦ୍ଧରେ ହେବାର ନଜିର ରହିଛି। ନିରାପଦ ବିକଳ୍ପ ଭାବେ ଅତୀତରେ ଏ ଭି ସ୍ୱାମୀଙ୍କ ଭଳି ଜଣେ ନିର୍ଦ୍ଦଳୀୟ ବ୍ୟକ୍ତିଙ୍କୁ ସର୍ବ ସମ୍ମତିକ୍ରମେ ରାଜ୍ୟସଭାକୁ ପଠାଯାଇଥିଲା। ଏବେ ବିଜେଡି ଓ କଂଗ୍ରେସର ସବୁ ବିଧାୟକ ଏବଂ ନିଲମ୍ବିତ ବିଧାୟକମାନେ ଦଳର ହୁଇପ୍ ଅନୁଯାୟୀ ମତଦାନ କରିବେ ନା କ୍ରସ ଭୋଟିଂରେ ସାମିଲ ହେବେ ତାହା ଫଳାଫଳ ପ୍ରକାଶ ବେଳେ ଜଣାପଡିବ।

ଶାସକ ବିଜେପି ପକ୍ଷରୁ ବାରମ୍ବାର ନବୀନ ପଟ୍ଟନାୟକଙ୍କ ନେତୃତ୍ୱର ୨୪ବର୍ଷର ଶାସନ କଥା ଉଠାଯାଉଛି। ଅବଶ୍ୟ ଏଥି ଭିତରୁ ୮ ବର୍ଷରୁ ଅଧିକ ସମୟ ବିଜେପି ସହ ବିଜେଡିର ମେଣ୍ଟ ସରକାର ଥିଲା। ପୂର୍ବରୁ ବିଜେପି ପ୍ରାର୍ଥୀଙ୍କୁ ରାଜ୍ୟସଭା ପଠାଇବା ଲାଗି ବିଜେଡି ମଧ୍ୟ ସମର୍ଥନ ଦେବାର ନଜିର ରହିଛି।

ଏବେ ମଣ୍ଡିରୁ ଧାନ ଉଠାଇବା ସମସ୍ୟା ଠାରୁ ଆରମ୍ଭ କରି ପାନୀୟଜଳ ଯୋଗାଣ, ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ଓ ଜୋରିମାନା ଆଦାୟ, ଆଇନଶୃଙ୍ଖଳା ପରିସ୍ଥିତି, ଦୁର୍ନୀତି, ନାରୀମାନଙ୍କ ପ୍ରତି ଅପରାଧ, ବେକାରୀ ସମସ୍ୟା, ନିଯୁକ୍ତି ପରୀକ୍ଷାରେ ହେରଫେର, ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ଓ ଚାବିହଜା ସଂକ୍ରାନ୍ତୀୟ କମିଶନଙ୍କ ରିପୋର୍ଟ ଦାଖଲ, ଆର୍ଥିକ ବୈଷମ୍ୟ, ସୀମା ବିବାଦ, ମହନଦୀ ଜଳ ପ୍ରସଙ୍ଗ, ଋଣ ବୋଝ, ନିର୍ବାଚନ ପ୍ରତିଶ୍ରୁତି ଆଦି ବ୍ୟାପକ ପ୍ରସଙ୍ଗରେ ବିରୋଧିଦଳଗୁଡିକ ବିଧାନସଭାରେ କିଭଳି ଭୂମିକା ଗ୍ରହଣ କରିବେ ଓ ଶାସକଦଳ କିପରି ତାହାର ମୁକାବିଲା କରି ବିରୋଧିଙ୍କ ଉପରେ ଆରୋପ ଲଗାଇବେ ତାହା ଉପରେ ସମସ୍ତଙ୍କର ନଜର ରହିଛି। ଏହାଛଡା ମନ୍ତ୍ରୀ, ବିଧାୟକ ଆଦିଙ୍କ ବେତନ ବୃଦ୍ଧି ପ୍ରସଙ୍ଗରେ ବିଧାନସଭାରେ ପାରିତ ବିଲ୍‌ର ସ୍ଥିତି ଓ କାର୍ଯ୍ୟକାରିତା ବି ପ୍ରଶ୍ନବାଚୀ ହୋଇ ରହିଛି। ଏ ସବୁ ପ୍ରସଙ୍ଗକୁ କେଉଁ ଦଳର କେଉଁ ବିଧାୟକ କିପରି ଉଠାଇବେ ତାହା ଉପରେ ସମସ୍ତଙ୍କ ନଜର।

## ଟି-୨୦ରେ ୭୦୦ ୱିକେଟ୍ ନେବାରେ ରସିଦ ପ୍ରଥମ




**ନୂଆଦିଲ୍ଲୀ, ୧୬।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆଫଗାନିସ୍ତାନର ଟି-୨୦ କ୍ୟାପ୍‌ଟେନ ରାଶିଦ ଖାନ ଇତିହାସ ସୃଷ୍ଟି କରିଛନ୍ତି। ସେ ଟି-୨୦ କ୍ରିକେଟରେ ବିଶ୍ୱର ପ୍ରଥମ ବୋଲର ଭାବେ ୭୦୦ ୱିକେଟ ନିଜ ନାଁରେ କରିଛନ୍ତି। ଆଜି ଚଳିତ ଟି-୨୦ ବିଶ୍ୱକପରେ ଆଫଗାନିସ୍ତାନ ଦମଦାର ଢଙ୍ଗରେ ୟୁଏଇକୁ ହରାଇଥିବା ବେଳେ ରାଶିଦ ନିଜର ନାଁରେ ଏହି କୀର୍ତ୍ତିମାନକୁ ଯୋଡିବାକୁ ସକ୍ଷମ ହୋଇଛନ୍ତି।

ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳା ଯାଉଥିବା ୟୁଏଇ ବିପକ୍ଷ ମ୍ୟାଚ୍ର ୧୬ତମ ଓଭରରେ ରାଶିଦ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ରାଶିଦ ଖାନଙ୍କ ବଲକୁ ୟୁଏଇ ମହମ୍ମଦ ଅର୍ଫାନ ରିଭର୍ସ ସୁଇପ ପ୍ରୟାସ କରିବାକୁ ଯାଇ ହିଟ ୱିକେଟ ହେବା କ୍ଷଣି ନୂଆ ରେକର୍ଡ ସୃଷ୍ଟି ହୋଇଥିଲା। ଏହି ସଫଳତା ପରେ ରାଶିଦ ବିଶ୍ୱର ପ୍ରଥମ ବୋଲର ଭାବେ ଟି-୨୦ କ୍ରିକେଟରେ ୭୦୦ ୱିକେଟ ଦଖଲ କରିପାରିଛନ୍ତି।

ଅର୍ଫାନ ୨ଟି ବଲ ସାମ୍ନା କରି ବିନା କୌଣସି ରନରେ ପ୍ୟାଭିଲିୟନ ଫେରିଥିବା ବେଳେ ରାଶିଦ ୪ ଓଭରରେ ୨୪ ରନ ଖର୍ଚ୍ଚ କରି ଗୋଟିଏ ସଫଳତା ପାଇଛନ୍ତି। ଏଥିଯୋଗୁ ୟୁଏଇ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୬୦ ରନ କରିଥିଲା। ଏହା ଆଫଗାନିସ୍ତାନ ୪ ବଲ ପୂର୍ବରୁ ୫ ୱିକେଟ ହରାଇ ହାସଲ କରି ନେଇଛି। ଏହା ଚଳିତ ବିଶ୍ୱକପରେ ଆଫଗାନିସ୍ତାନର ତୃତୀୟ ମ୍ୟାଚ୍ରୁ ପ୍ରଥମ ବିଜୟ।

ରାଶିଦ ଏଯାଏ ୫୧୩ଟି ଇନିଂସରେ ୭୦୦ ୱିକେଟ ଦଖଲ କରିବାର ରେକର୍ଡ କରିଛନ୍ତି। ତାଙ୍କ ଆଭରେଜ ୧୮.୫୧ ରହିଥିବା ବେଳେ ଇକୋନୋମୀ ୬.୫୯ ରହିଛି। ଟି-୨୦ରେ ରାଶିଦ ଖାନ ୪ଥର ୫ କିମ୍ବା ତା' ଠାରୁ ଅଧିକ ୱିକେଟ ନେଇଛନ୍ତି।

୨୭ ବର୍ଷୀୟ ରାଶିଦ ଟି-୨୦ରେ ସର୍ବାଧିକ ୱିକେଟ ନେଇଥିବା ବେଳେ ତାଙ୍କର ବହୁ ପଛରେ ଡ୍ୱେନ ବ୍ରାଭୋ ରହିଛନ୍ତି। ସେ ଟି-୨୦ କ୍ରିକେଟରେ ୬୩୧ ୱିକେଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। କିନ୍ତୁ ବ୍ରାଭୋ ଆଉ ଟି-୨୦ ଖେଳୁ ନାହାନ୍ତି। ବିଶ୍ୱର ବିଭିନ୍ନ ସ୍ଥାନରେ ଟି-୨୦ ଖେଳୁଥିବା ସୁନିଲ ନାରିନ ସକ୍ରିୟ ଖେଳାଳି ଭାବେ ୬୧୩ ୱିକେଟ ସହ ତୃତୀୟ ସ୍ଥାନରେ ରହିଛନ୍ତି।

ଟି-୨୦ ଅନ୍ତର୍ଜାତୀୟ ୱିକେଟ ସଂଖ୍ୟାକୁ ବିଚାରକୁ ନେଲେ ବି ରାଶିଦ ୧ନଂରେ ରହିଛନ୍ତି। ଅନ୍ତର୍ଜାତୀୟ ଟି-୨୦ରେ ରାଶିଦଙ୍କ ୱିକେଟ ସଂଖ୍ୟା ୧୯୧ ରହିଛି। ତାଙ୍କ ପଛରୁ ନ୍ୟୁଜିଲ୍ୟାଣ୍ଡର ଅବସରପ୍ରାପ୍ତ ଦ୍ରୁତ ବୋଲିର ଟିମ ସାଉଦି(୧୬୪) ରହିଛନ୍ତି। ଏବେ ବି ଖେଳ ଜାରି ରଖିଥିବା ନ୍ୟୁଜିଲ୍ୟାଣ୍ଡର ଇଶ ଶୋଢ଼ି ୧୬୨ ୱିକେଟ ସହ ମୋଟ ଉପରେ ତୃତୀୟ ସ୍ଥାନରେ ଅଛନ୍ତି।

# ସୁପ୍ରିମକୋର୍ଟଙ୍କ ଚେତାବନୀ: ବିବାହ ପୂର୍ବରୁ କାହାକୁ ବି ବିଶ୍ୱାସ କରନ୍ତୁନି

**ନୂଆଦିଲ୍ଲୀ, ୧୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତରେ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା ଏବଂ ପରେ ବିବାହ ପ୍ରତିଶ୍ରୁତି ଭାଙ୍ଗିବା ଅଭିଯୋଗ ସାଧାରଣ ହୋଇଗଲାଣି। ଏହି ପ୍ରସଙ୍ଗରେ ସୋମବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମୌଖିକ ଟିପ୍ପଣୀ ଦେଇଛନ୍ତି। ଏକ ବଳାତ୍କାର ମାମଲାର ଜାମିନ ଆବେଦନ ଶୁଣାଣି ସମୟରେ ଜଷ୍ଟିସ୍ ବିଭି ନାଗରତ୍ନ ଏବଂ ଜଷ୍ଟିସ୍ ଉଜ୍ଜଳ ଭୁୟାଁଙ୍କ ଖଣ୍ଡପୀଠ କହିଛନ୍ତି ଯେ, 'ବିବାହ ପୂର୍ବରୁ ପୁଅ ଓ ଝିଅ ପରସ୍ପର ପାଇଁ ଅଜଣା ହୋଇଥିବାରୁ ଏଭଳି ସମ୍ପର୍କ ରଖିବା ପୂର୍ବରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଉଚିତ୍'। ରିପୋର୍ଟ ଅନୁଯାୟୀ ପୀଡ଼ିତା ଓ ଅଭିଯୁକ୍ତ ୨୦୨୨ରେ ଏକ ମ୍ୟାଟ୍ରିମୋନିଆଲ୍ ସାଇଟ୍ ଜରିଆରେ ସମ୍ପର୍କରେ ଆସିଥିଲେ। ଅଭିଯୁକ୍ତ ଜଣକ ବିବାହର, ସେ ମିଥ୍ୟା ପ୍ରତିଶ୍ରୁତି ଦେଇ ଦିଲ୍ଲୀ ଏବଂ ଦୁବାଇରେ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ସମ୍ମତି ବିନା ଅଶ୍ଳୀଳ ଭିଡିଓ ମଧ୍ୟ ରେକର୍ଡ କରିଥିଲେ। ପରେ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଜଣକ ପୂର୍ବରୁ ବିବାହିତ ଥିଲେ ଏବଂ ୨୦୨୪ ଜାନୁଆରୀରେ ପଞ୍ଜାବରେ ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ।

ଶୁଣାଣି ସମୟରେ ଖଣ୍ଡପୀଠ ପ୍ରଶ୍ନ କରିଥିଲେ ଯେ, ଯଦି ବିବାହ ହୋଇନଥିଲା ତେବେ ମହିଳା ଜଣକ ଦୁବାଇ କାହିଁକି ଯାଇଥିଲେ? ଜଷ୍ଟିସ୍ ନାଗରତ୍ନ କହିଥିଲେ, "ବୋଧହୁଏ ଆମେ ପୁରୁଣା ଚିନ୍ତାଧାରାର, କିନ୍ତୁ ବିବାହ ପୂର୍ବରୁ ଜଣେ ପୁଅ ଏବଂ ଝିଅ ଅଜଣା ହୋଇଥାନ୍ତି। ସେମାନଙ୍କ ସମ୍ପର୍କ ଯେତେ ନିବିଡ଼ ହୋଇଥିଲେ ମଧ୍ୟ ବିବାହ ପୂର୍ବରୁ ସେମାନେ କିପରି ଶାରୀରିକ ସମ୍ପର୍କ ରଖୁଛନ୍ତି, ତାହା ଆମେ ବୁଝିପାରୁନାହୁଁ। ବିବାହ ପୂର୍ବରୁ କାହାକୁ ବି ଅନ୍ଧଭାବେ ବିଶ୍ୱାସ କରିବା ଉଚିତ୍ ନୁହେଁ।" ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ଯଦି ସମ୍ପର୍କ ସହମତି ଭିତ୍ତିକ ହୋଇଥାଏ, ତେବେ ଏହା କେବଳ ମାମଲା ଚଲାଇ ଦଣ୍ଡ ଦେବାର ବିଷୟ ନୁହେଁ। ଏହି ମାମଲାକୁ ସମାଧାନ ପାଇଁ ମଧ୍ୟସ୍ଥତା କେନ୍ଦ୍ରକୁ ପଠାଯାଇପାରେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ବୁଧବାର ହେବ।

## ମନ୍ଦିରକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ

**ସାକ୍ଷୀଗୋପାଳ, ୧୬।୨: ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ଥାନା ଅନ୍ତର୍ଗତ ମୂଳଅଳସା ପଞ୍ଚାୟତର ବଗୁଲାପାରି ଓ ତେନ୍ତୁଳିଆ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ପୁରୀ ବଡ ଡାକ୍ତରଖାନାକୁ ପଠାଯାଇଛି। ଆହତମାନେ ହେଲେ ଗଦାଧର ବେହେରା (୫୨), ବିକ୍ରମ ପରିଡା (୩୯), ଅପର୍ତ୍ତି ବେହେରା (୪୨), ପ୍ରମୋଦ ପରିଡା, (୪୪) କାଞ୍ଚିକା କାବେରୀ ସାହୁ (୩୭), ସୁଦର୍ଶନ ବେହେରା (୫୫), ଚଞ୍ଚଳା ବେହେରା (୪୭), ସିଲୁ ସାହୁ (୨୮), ରଞ୍ଜନ କୁମାର ଜେନା (୧୬), ସୀତା ପ୍ରଧାନ (୪୭), ବାବୁନା ଭଟ (୨୮)। ଆହତମାନେ ସମସ୍ତେ ତେନ୍ତୁଳିଆ ଗ୍ରାମର। ସୂଚନାଯୋଗ୍ୟ, ଆଜି ସନ୍ଧ୍ୟାରେ ତେନ୍ତୁଳିଆ ଗ୍ରାମର ପ୍ରଭାତୀ ବେହେରା ଗାଁ ମୁଣ୍ଡ ଠାକୁରାଣୀ ମନ୍ଦିରକୁ ସନ୍ଧ୍ୟା ଦେବାପାଇଁ ଯିବାବେଳେ ବଗୁଲାପରି ଗ୍ରାମବାସୀ ଟେକା ପଥର ଫୋପଡି ଥିଲେ। ଖବର ପାଇ ତେନ୍ତୁଳିଆ ଗ୍ରାମବାସୀ ଯିବାରେ ବଗୁଲାପରି ଗ୍ରାମବାସୀ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତେବେ ଦୁଇ ଗାଁ ମଧ୍ୟରେ ଏହି ବିବାଦ ବର୍ଷ ବର୍ଷ ଧରି ଲାଗିରହିଛି। ବାରମ୍ବାର ଥାନାକୁ ମାମଲା ଆସିଥିଲେ ବି ସମାଧାନ ହୋଇପାରୁନି। ରାଜନୈତିକ ଉଦ୍ଦେଶ୍ୟ ରଖି ନାଁ ସରପଞ୍ଚ ନାଁ ବିଧାୟକ କେହି ବି ଏହି ବିବାଦ ସମାଧାନ ଦିଗରେ ପ୍ରୟାସ କରୁନଥିବା ସେମାନେ ଅଭିଯୋଗ କରିଛନ୍ତି। ଖବରପାଇ ସତ୍ୟବାଦୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ୫ ଜଣଙ୍କୁ ଥାନାକୁ ଆଣି ପଚ଼ରା ଉଚ଼ରା ଜାରି ରଖିଛି। ବଗୁଲାପରି ଗ୍ରାମ ଏବେ ପୁରୁଷଶୁନ୍ୟ ଥିବା ଜଣାପଡିଛି।

# ନିଯୁକ୍ତି ପରଠୁ ୨ ବର୍ଷ ହେଲା ୧୦ ଡାକ୍ତରଙ୍କ ଦେଖା ନାହିଁ

**କଟକ, ୧୬।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଚାକିରିରେ ଯୋଗ ଦେଲା ଦିନ ପରଠୁ ଆଉ ଦେଖା ସାକ୍ଷାତ ନାହିଁ। ଛୁଟି ଦରଖାସ୍ତ ଦେଇନାହାନ୍ତି କିମ୍ବା ଉପରିସ୍ଥ ଅଧିକାରୀଙ୍କଠାରୁ କୌଣସି ପ୍ରକାର ଅନୁମତି ନେଇନାହାନ୍ତି। କଟକ ଜିଲ୍ଲାର ନିଆଳି, ବଡମ୍ବା, ମାଣିଆବନ୍ଧ, ବିନ୍ଧାଣିମା ଆଦି କେତେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବା କମ୍ୟୁନିଟି ହେଲଥ୍ ସେଣ୍ଟର(ସିଏଚସି) ସମେତ ଆଠଗଡ ଓ ବାଙ୍କୀ ସବ୍‌ଡିଭିଜନ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମିତି ୧୦ରୁ ଅଧିକ ଡାକ୍ତରଙ୍କର ଏବେ ପତ୍ତା ମିଳୁନି।

ଶିଶୁ ରୋଗ ବିଭାଗ ବିଶେଷଜ୍ଞଙ୍କଠାରୁ ଆରମ୍ଭ କରି ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଡାକ୍ତର, ଆନାସ୍ଥେସିଆ ଓ ମେଡିସିନ୍ ଆଦି ବିଭାଗର ଡାକ୍ତର ବିନା ଅନୁମତିରେ ହସ୍ପିଟାଲୁ ଅନୁପସ୍ଥିତ ଥିବା ସୂଚନା ମିଳିଛି। କିଏ ବର୍ଷେ ହେଲା ତ ଆଉ କିଏ ଦୁଇ ବର୍ଷରୁ ଅଧିକ ସମୟ ହେବ ହସ୍ପିଟାଲ୍ ମାଟି ମାଡୁ ନାହାନ୍ତି। ଦୀର୍ଘ ଦିନ ହେଲା ଅନୁପସ୍ଥିତ ଥିବା ଏହି ଡାକ୍ତରଙ୍କ ବିରୋଧରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ। ସମ୍ପୃକ୍ତ ଡାକ୍ତରମାନେ ବିନା ଅନୁମତିରେ ଅନୁପସ୍ଥିତ ଅଛନ୍ତି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କେବଳ ରେକର୍ଡରେ ଦର୍ଶାଇ ତାର ଡ୍ୟୁଟି ସାରିଛି।

କଟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ମଞ୍ଜୁରି ପ୍ରାପ୍ତ ୭୫୦ ଡାକ୍ତର ପଦବି ରହିଛି। ଏଥିରୁ ଏବେ ମାତ୍ର ୨୫୦ ଜଣ ଡାକ୍ତର ରହିଥିବା ବେଳେ ଅବଶିଷ୍ଟ ପଦବି ଖାଲି ପଡିଛି। ଡାକ୍ତର ପଦବି ଖାଲି ପଡିବାରୁ ଜିଲ୍ଲାର ସ୍ୱାସ୍ଥ୍ୟ ସେବାରେ ବିଭ୍ରାଟ ହେଉଛି। ଅନ୍ୟପକ୍ଷରେ ସରକାରୀ କାଗଜପତ୍ରରେ ଯେଉଁ ୨୫୦ ଡାକ୍ତର ନିଯୋଜିତ ଅଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ଡାକ୍ତର ଅନୁପସ୍ଥିତ ଅଛନ୍ତି। ସରକାରୀ କାଗଜପତ୍ରରେ ୧୦ରୁ ଅଧିକ ଡାକ୍ତର ଦୀର୍ଘ ଦିନ ହେଲା ବିନା ଛୁଟି ଦରଖାସ୍ତରେ ହସ୍ପିଟାଲ୍‌ରେ ଅନୁପସ୍ଥିତ ରହିଛନ୍ତି ବୋଲି ଦର୍ଶାଯାଉଥିଲେ ହେଁ ବାସ୍ତବରେ ଜିଲ୍ଲାର ନରସିଂହପୁର, ଅଡଶପୁର, କାନପୁର, ମାହାଙ୍ଗା, ଆଠଗଡ ଆଦି ହସ୍ପିଟାଲ୍‌ରେ କେତେକ ଡାକ୍ତର ପାଳି କରି ଆସୁଥିବାର ଅଭିଯୋଗ ହେଉଛି।

ସେହିପରି ଚାଉଳିଆଗଞ୍ଜ, ସିଡିଏ ଆଦି ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ମଧ୍ୟ ଡାକ୍ତର ପାଳି କରି ଡ୍ୟୁଟି କରୁଥିବାର ଜଣାଯାଇଛି। ରୋଗୀ ସେବାରେ ନିୟୋଜିତ ଥିବା ଡାକ୍ତରଙ୍କ ଏପରି ମନଇଚ୍ଛା ଅନୁପସ୍ଥିତ ଓ ପାଳି କରି ଡ୍ୟୁଟି କରି ଫୁଲାଫାଙ୍କାରେ ବୁଲୁଥିଲେ ହେଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରେକର୍ଡରେ ଡାକ୍ତରଙ୍କ ନାଁ ଗଡୁଥିବାରୁ ଉକ୍ତ ପଦବିରେ ଆଉ କୌଣସି ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଏହା ଦ୍ୱାରା କଟକ ଜିଲ୍ଲା ହିଁ କ୍ଷତିଗ୍ରସ୍ତ ହେଉଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ ହୋତା କହିଛନ୍ତି, ବିନା ଅନୁମତିରେ ସରକାରୀ ନିର୍ଦ୍ଦେଶନାମାକୁ ନମାନି ଦୀର୍ଘ ଦିନ ହେଲା ଅନୁପସ୍ଥିତ ଥିବା ଡାକ୍ତରଙ୍କ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି।

## ଜେଲ ଫେରିଲେ ବିକ୍ରମ

**ବ୍ରହ୍ମପୁର, ୧୬।୨: ଏକ୍ସପ୍ରେସ୍ ନ୍ୟୁଜ୍**

ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଏମକେସିଜି ମେଡିକାଲରୁ ଆଜି ଡିସଚାର୍ଜ କରାଯାଇଛି। ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିନଥିଲେ ମଧ୍ୟ ତାଙ୍କୁ ଜୋର ଜବରଦସ୍ତି ଡିସଚାର୍ଜ କରି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏମକେସିଜିରୁ ବାହାରିବା ପରେ ତାଙ୍କୁ ପୁଣି ଥରେ ବ୍ରହ୍ମପୁର ମଣ୍ଡଳ କାରଗାରକୁ ପଠାଇ ଦିଆଯାଇଛି। ଜେଲରେ ଥିବା ସମୟରେ ବିକ୍ରମ ପଣ୍ଡାଙ୍କ ପେଟରେ ଯନ୍ତ୍ରଣା ହେବା ପରେ ସେ କୋର୍ଟଙ୍କ ଅନୁମତି କ୍ରମେ ତାଙ୍କୁ ଚିକିତ୍ସା ପାଇଁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବିକ୍ରମଙ୍କ ଚିକିତ୍ସା ପାଇଁ ଏକ ବିଶେଷଜ୍ଞ ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା। ତାଙ୍କ ଶରୀରରେ ଗଲ୍ ବ୍ଲାଡର୍ ଷ୍ଟୋନ୍ ଏବଂ ପାଇଲସ୍ ଭଳି ସମସ୍ୟା ଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଥିଲା। ଆଜି ମେଡିକାଲ ପକ୍ଷରୁ ବିକ୍ରମଙ୍କ ଅସ୍ତ୍ରୋପଚାର ପାଇଁ ଅନୁମତି ଲୋଡା ଯାଇଥିଲା। ୧ ଘଣ୍ଟା ଭିତରେ ପରିବାର ଲୋକଙ୍କ ସହ କଥା ହୋଇ ଜଣାଇବି ବୋଲି ବିକ୍ରମ କହିଥିଲେ। ହେଲେ ହଠାତ୍ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରି ପୁଲିସ କର୍ମଚାରୀମାନେ ଜେଲ ଅଭିମୁଖେ ନେଇଯାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ବଜେଟ୍...

ରଖାଯାଇଛି। ଗୁଇନ୍ଦା ବିଭାଗ ସାଧା ପୋଷାକରେ ରାଜଧାନୀର ବିଭିନ୍ନ ସ୍ଥାନରେ ନିୟୋଜିତ ହୋଇ ଗୁଇନ୍ଦା ତଥ୍ୟ ସଂଗ୍ରହ କରିବେ। ଆଇନଶୃଙ୍ଖଳା ବ୍ୟବସ୍ଥାର ମଙ୍ଗ ଧରିବେ ଭୁବନେଶ୍ୱର ଡିସିପି।

### ଖୁବ୍‌ଶୀଘ୍ର ରତ୍ନଭଣ୍ଡାର...

ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଫାସି କାଠ ଓ ଚନ୍ଦନ କାଠର ବ୍ୟାପକ ଆବଶ୍ୟକତା ରହୁଥିବାରୁ ଏଥିପାଇଁ ବନପ୍ରକଳ୍ପ ଜରିଆରେ ଏହି ଗଛ ଗୁଡିକ ଲଗାଇବା ପାଇଁ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ପରଲୋକରେ ପୂର୍ବତନ...

ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକରେ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ 'ଏକ୍ସ'ରେ କହିଛନ୍ତି, ବରିଷ୍ଠ ନେତ୍ରୀ, ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ବିଶିଷ୍ଟ ଚିକିତ୍ସିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସମ୍ବଲପୁରର ପୂର୍ବତନ ବିଧାୟିକା, ସମାଜସେବୀ ତଥା ବରିଷ୍ଠ ଚିକିତ୍ସକ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଡାକ୍ତର ପାଣିଗ୍ରାହୀ କେବଳ ଜଣେ ଜନପ୍ରତିନିଧି ନଥିଲେ, ବରଂ ଜଣେ ସେବାଭିମୁଖୀ ବ୍ୟକ୍ତିତ୍ୱ ଭାବେ ସମ୍ବଲପୁରର ଘରେ ଘରେ ସୁପରିଚିତ ଥିଲେ। ଜଣେ ଦକ୍ଷ ଡାକ୍ତର ଭାବେ ଦୀର୍ଘ ବର୍ଷ ଧରି ସାଧାରଣ ଲୋକଙ୍କ ସେବା କରି ଆସିଥିଲେ। ସମ୍ବଲପୁର ବିଧାୟିକା ଭାବେ ସେ ଅଞ୍ଚଳର ବିକାଶ ପାଇଁ ସର୍ବଦା ଚେଷ୍ଟା କରୁଥିଲେ। ଶିକ୍ଷା ଏବଂ ନାରୀ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଚିର ସ୍ମରଣୀୟ ହୋଇ ରହିବ। ତାଙ୍କର ବିୟୋଗ ଓଡ଼ିଶାର ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି।

ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକରେ ଶୋକ ଜଣାଇଛନ୍ତି। ସେ ଲେଖିଛନ୍ତି, ସମ୍ବଲପୁରର ପୂର୍ବତନ ବିଧାୟିକା ଡ଼ା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ସ୍ୱାସ୍ଥ୍ୟସେବା ସହ ଜନପ୍ରତିନିଧି ଭାବେ ଲୋକଙ୍କ ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

### ଟୋଲ୍ ଟ୍ୟାକ୍ସ...

ନିର୍ମଳା ସୀତାରମଣ ଚଳିତ ବଜେଟରେ 'ଭିତ୍ତିଭୂମି ବିପଦ ଗ୍ୟାରେଣ୍ଟି ପାଣ୍ଠି' ଗଠନ କରିବାକୁ ଘୋଷଣା କରିଛନ୍ତି। ଏହା ନିବେଶକାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବ। ଚଳିତ ବଜେଟରେ ଭିତ୍ତିଭୂମି ବିକାଶ ପାଇଁ ୧୨.୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାସ୍ତା ଓ ବ୍ରିଜ୍ ନିର୍ମାଣ ପାଇଁ ବଜେଟ୍ ୬.୯% ବୃଦ୍ଧି କରାଯାଇ ୩.୧ ଲକ୍ଷ କୋଟି ଟଙ୍କା ରଖାଯାଇଛି। ଆସନ୍ତା ୧୦ ବର୍ଷ ମଧ୍ୟରେ ଦେଶର ହାଇ-ସ୍ପିଡ୍ ରୋଡ୍ ନେଟୱର୍କକୁ ୫ ଗୁଣ ବୃଦ୍ଧି କରିବାକୁ ଯୋଜନା ରହିଛି।

### ୮ରେ ମିଳିବ...

ହିତାଧିକାରୀଙ୍କୁ ୨ଟି ପର୍ଯ୍ୟାୟରେ ୫ ହଜାର ଟଙ୍କା ଲେଖାଏଁ ମୋଟ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି।

ସେହିପରି ଗତ ଜାନୁୟାରୀ ୨୨ ରେ ନୂତନ ହିତାଧିକାରୀ ଓ ବାଦ ପଡିଥିବା ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ସୁଭଦ୍ରା ଯୋଜନାରେ ପ୍ରତିବର୍ଷ ହିତାଧିକାରୀଙ୍କୁ ୨ଟି ପର୍ଯ୍ୟାୟରେ ୫ ହଜାର ଟଙ୍କା ଲେଖାଏଁ ମୋଟ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି। ୪ ଲକ୍ଷ ୫୭ ହଜାର ୬୮୧ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ନୂଆ ପଞ୍ଜୀକରଣ କରିଥିବା ୧ଲକ୍ଷ ୭୮ ହଜାର ୩୯୮ ଜଣଙ୍କୁ ସାମିଲ କରାଯାଇଥିଲା। ତୃତୀୟ କିସ୍ତି ପାଇଥିଲେ ବି ଟେକ୍ନିକାଲ ସମସ୍ୟା ପାଇଁ ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ ପଡ଼ିଥିବା ୨ଲକ୍ଷ ୫୫ ହଜାର ୨୬୫ଜଣଙ୍କୁ ସାମିଲ କରାଯାଇଥିଲା।

### ସିବିଏସ୍‌ଇ ପରୀକ୍ଷା...

ପ୍ୟାଣ୍ଟ କିମ୍ବା ଟ୍ରାଉଜର ପିନ୍ଧିପାରିବେ। ଛାତ୍ରୀମାନଙ୍କୁ ଭାରୀ ପୋଷାକ, ଏମ୍ବ୍ରୋଡେରୀ କିମ୍ବା ଲେୟର ଥିବା ପୋଷାକ, କାନଫୁଲ, ନାକପିନ୍, ଆଙ୍କଲେଟ୍, ବ୍ରେସଲେଟ୍, ମୁଦି ଏବଂ ଅନ୍ୟ ଅଳଙ୍କାର ନ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି।

ସେହିପରି ପରୀକ୍ଷା କେନ୍ଦ୍ରକୁ ସ୍ମାର୍ଟୱାଚ୍, କାଲକୁଲେଟର, ମୋବାଇଲ୍ ଫୋନ୍, ବ୍ଲୁଟୁଥ୍ କିମ୍ବା ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଭଳି କୌଣସି ନିଷିଦ୍ଧ ଜିନିଷ ଆଣିବା ମନା କରାଯାଇଛି। କପି ସହିତ ଜଡିତ ଯେକୌଣସି ସାମଗ୍ରୀ ରଖିବା ନିଷେଧ। ସମସ୍ତ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରରେ ସମୟସୀମା ମଧ୍ୟରେ ଉପସ୍ଥିତ ରହିବାକୁ ପଡିବ। ଯେକୌଣସି ବିଳମ୍ବ ପାଇଁ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ସିବିଏସଇ ବୋର୍ଡ ଫେବ୍ରୁଆରୀ ୧୭ରୁ ମାର୍ଚ୍ଚ ୧୧, ୨୦୨୬ ପର୍ଯ୍ୟନ୍ତ ଦଶମ ଶ୍ରେଣୀ ପରୀକ୍ଷା ପରିଚାଳନା କରିବ। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫେବ୍ରୁଆରୀ ୧୭ରୁ ଏପ୍ରିଲ ୧୦, ୨୦୨୬ ପର୍ଯ୍ୟନ୍ତ ହେବ। ବୋର୍ଡ ପରୀକ୍ଷା ଗୋଟିଏ ସିଫ୍ଟରେ ଅନୁଷ୍ଠିତ ହେବ। ପରୀକ୍ଷା ସମୟ ସକାଳ ୧୦ଟା ୩୦ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ରହିବ। କିଛି ବିଷୟ ପାଇଁ, ପରୀକ୍ଷା ସମୟ ସକାଳ ୧୦ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ହେବ।

### ରାସାୟନିକ କାରଖାନାରେ...

ଅଣାଯାଇଥିବା ମୃତଦେହଗୁଡ଼ିକ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ କଙ୍କାଳରୁ ତାହା କାହାର ଚିହ୍ନଟ କରିବା କଷ୍ଟକର ହେଉଛି। ଖୁସଖେଡା ଶିଳ୍ପ ଅଞ୍ଚଳର ପ୍ଲଟ୍ ନମ୍ବର ଜି-୧-୧୧୮-ବି ରେ ଏହି ଦୁର୍ଘଟଣା ଘଟିଛି। ସକାଳେ, ଶ୍ରମିକମାନେ କାମରେ ବ୍ୟସ୍ତ ଥିବା ସମୟରେ, କାରଖାନାର ଏକ ଅଂଶରୁ ହଠାତ୍ ନିଆଁ ଉଠିବାକୁ ଲାଗିଲା। ପୁଲିସ ନିୟନ୍ତ୍ରଣ କକ୍ଷ ପୂର୍ବାହ୍ନ ୯:୨୨ରେ ଏକ ରିପୋର୍ଟ ପାଇଥିଲା। କାରଖାନାରେ ସାଇରନ୍ ବାଜି ଉଠିଥିଲା। ଏନେଇ ଅଗ୍ନିଶମ ବାହିନୀକୁ ତୁରନ୍ତ ସତର୍କ କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, କାରଖାନା ଭିତରେ ଗଚ୍ଛିତ ରାସାୟନିକ ପଦାର୍ଥ କିମ୍ବା ଜ୍ୱଳନଶୀଳ ପଦାର୍ଥ ଯୋଗୁଁ ନିଆଁ କିଛି ମିନିଟ୍ ମଧ୍ୟରେ ଦ୍ରୁତ ଗତିରେ ବ୍ୟାପିଯାଇଥିଲା। ଏହା ସମଗ୍ର କୋଠାକୁ ଗ୍ରାସ କରିଦେଇଥିଲା।

ଯେତେବେଳେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣ କରି କୋଠାରେ ପ୍ରବେଶ କରିଥିଲେ, ସେତେବେଳେ ଦୃଶ୍ୟ ଭୟଙ୍କର ଥିଲା। ଘଟଣାସ୍ଥଳରେ ଶ୍ରମିକଙ୍କ ଜଳିଯାଇଥିବା ମୃତଦେହ ପଡି ରହିଥିଲା। ଉଦ୍ଧାର ହୋଇଥିବା ମୃତଦେହଗୁଡ଼ିକ ମାନବ କଙ୍କାଳ ପରିଥିଲା, ସେଥିରୁ ନିଆଁର ତୀବ୍ରତା ଅନୁମାନ କରାଯାଇପାରିଛି। ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। ଆହତମାନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାକୁ ପଠାଯାଇଛି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ନିଖୋଜ ଥିବା ପ୍ରିୟପରିଜନଙ୍କୁ ଲୋକେ ଲୁହଭରା ଆଖିରେ ଉଦ୍ଧାରକାରୀ ଦଳଙ୍କ ସହ ମିଶି ପାଉଁଶ ମଧ୍ୟରୁ ଖୋଜିବା ଜାରି ରଖିଛନ୍ତି।

ଏହି ଘଟଣା ପରେ ସମଗ୍ର ଭିୱାଡି ଓ ଖୁଶଖେଡା ଶିଳ୍ପାଞ୍ଚଳରେ ଶୋକ ତଥା ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଶ୍ରମିକଙ୍କ ସୁରକ୍ଷାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପ୍ରଶାସନ ମାଜିଷ୍ଟ୍ରେଟ୍ ତଦନ୍ତ ପାଇଁ ସୂଚିତ କରିଛି। ପ୍ରାରମ୍ଭିକ ତଦନ୍ତରୁ ଅଗ୍ନିକାଣ୍ଡର କାରଣ ସର୍ଟ ସର୍କିଟ୍ ବୋଲି ଅନୁମାନ କରାଯାଉଛି। କିନ୍ତୁ କାରଖାନାରେ ଅଗ୍ନି ନିରାପତ୍ତା ମାନଦଣ୍ଡକୁ ଅଣଦେଖା କରାଯାଇଥିଲା କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି। ଘଟଣାସ୍ଥଳରେ ପହଞ୍ଚିଥିବା ପ୍ରଶାସନିକ ଅଧିକାରୀ ଓ ଡାକ୍ତରଙ୍କ ଏକ ଦଳ ଉଦ୍ଧାର କାର୍ଯ୍ୟକୁ ଜୋରଦାର୍ କରିଛନ୍ତି। ପୁଲିସ ମୃତକଙ୍କ ପରିବାର ସହିତ ଯୋଗାଯୋଗ କରୁଛି। ମୃତଦେହଗୁଡ଼ିକୁ ଚିହ୍ନଟ କରିବାକୁ ଚେଷ୍ଟାଜାରି ରହିଛି।

### ନବୀନ ବାବୁଙ୍କୁ...

ତେଣୁ ବିଜେଡିର ନିଷ୍ପତ୍ତିକୁ ନେଇ ନବୀନ ବାବୁଙ୍କ ସହ ଏକମତ ନୁହଁନ୍ତି। ତଥାପି କେଉଁ ଆଧାରରେ ତାଙ୍କୁ ନିଲମ୍ବନ କରାଗଲା ନିଷ୍ପତ୍ତି ନିଆଗଲା ତାହା ସେ ଜାଣିବାକୁ ଚାହିଁବେ। ବିଧାନସଭାରେ ଯଦି ଦେଖା ହୁଅନ୍ତି ତାହେଲେ ସମ୍ମାନ ଜଣାଇବି। ଯଦି ସେମାନଙ୍କ ତରଫରୁ ମୋତେ ପଚରାଯାଏ, ତାହେଲେ ଉତ୍ତର ଖୋଜିବି। ଅନ୍ୟପକ୍ଷରେ ତାଙ୍କୁ ନିର୍ବାଚନରେ କିଛି ବିଜେଡି ଲୋକ ହିଁ ବିରୋଧ କରିଥିଲେ। ସେମାନେ କୁଚକ୍ରୀ ଗୋଷ୍ଠୀ, ଯାହା ଫଳରେ ତାଙ୍କ ଭୋଟ ହାର କମି ଯାଇଥିଲା। ସମ୍ପ୍ରତି ପାଟକୁରା ରାଜନୀତିକୁ ନେଇ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ପାଟକୁରାବାସୀ ତାଙ୍କ ସହିତ ଅଛନ୍ତି।

### ବିଧାୟକଙ୍କ ନିଲମ୍ବନ...

ବ୍ଲକ ଅନ୍ତର୍ଗତ କଳାବୁଦା ଶନି ମନ୍ଦିର ପାଖରେ ଏକ ବିଶାଳ ସମାବେଶରେ ଏକାଠି ହୋଇଥିଲେ। କୋରୁଆ ବଜାର ନିକଟରୁ ବିରାଟ ଶୋଭାଯାତ୍ରାରେ ମହିଳାମାନେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସପକ୍ଷରେ ନାରାବାଜି ଦେବା ସହିତ ସଭା ସ୍ଥଳରେ ପହଂଚିଥିଲେ। ପୂର୍ବତନ ଗରଦପୁର ବ୍ଲକ ବିଜେଡି ମହିଳା ସଭାନେତ୍ରୀ ସୁଜାତା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ମହିଳା ସମାବେଶରେ ଗରଦପୁର ବ୍ଲକ ଉପାଧ୍ୟକ୍ଷା ସୌଦାମିନୀ ଆଚାର୍ଯ୍ୟ, ପାଟକୁରା ସରପଞ୍ଚ ଗୀତାଞ୍ଜଳୀ ମହାନ୍ତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅହଲ୍ୟା ଲେଙ୍କା, ତଳକୁସୁମା ସରପଞ୍ଚ ପ୍ରଭାତ ନଳିନୀ ଜେନା, ପଦ୍ମପୁର ସରପଞ୍ଚ ଅନୁସୟା ବେହେରା, ବେଡାରୀ ସରପଞ୍ଚ କୁଞ୍ଜଲତା ମିଶ୍ର, ପଳାଶୁଧା ସରପଞ୍ଚ ବନଜାବାସିନୀ ଜେନା, ବଡବେତରାର ସଂଯୁକ୍ତା ମହାପାତ୍ର, ଭଗବାନପୁରର ତପସ୍ୱିନୀ ପଟନାୟକ, ମିଶନ ଶକ୍ତିର ବନଲତା ବାରିକ, ବଙ୍ଗାଳପୁର ମିଶନଶକ୍ତିର ରିତାଞ୍ଜଳୀ ଲେଙ୍କା, ମିଶନ ଶକ୍ତିର ମିନତୀ ପଣ୍ଡାଙ୍କ ସମେତ ଅନେକ ମହିଳା ପଞ୍ଚାୟତ ପ୍ରତିନଧି ଓ ନାରୀନେତ୍ରୀ ମାନେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ପ୍ରତିବାଦରେ ଶାଣିତ ସ୍ୱର ଉଠାଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ,ସେମାନେ ସମସ୍ତେ ବିଜୁ ଜନତା ଦଳର କର୍ମୀ। ସମସ୍ତେ ବିଜେଡି ସଭାପତି ନବୀନ ପଟନାୟକଙ୍କୁ ଭଲ ପାଆନ୍ତି ଓ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡି ସଭାପତି ନବୀନ ପଟନାୟକ ଦଳୀୟ ଟିକେଟ ଦେବାପରେ ସମସ୍ତେ ଅକ୍ଳାନ୍ତ ପରିଶ୍ରମକରି ତାଙ୍କୁ ନିର୍ବାଚନରେ ଜିତାଇ ଥିଲେ। ନିର୍ବାଚିତ ହେବାପରେ ଯୁବ ବିଧାୟକ ଅରବିନ୍ଦଙ୍କ ଆଚାର ବ୍ୟବହାର, ପାଟକୁରା ବିକାଶ ପାଇଁ କାମକରିବାର ଶୈଳୀ, ବିଶେଷକରି ବିଧାନ ସଭାରେ ଗଠନ ମୂଳକ ଆଲୋଚନାରେ ସେ ଜନସାଧାରଣଙ୍କ ମନ କିଣିନେଇଥିଲେ। ତାଙ୍କର ଲୋକପ୍ରିୟତା ଅନେକ ସ୍ତର ପର୍ଯ୍ୟନ୍ତ ଚାଲିଯାଇଥିଲା। ଦଳୀୟ କାର୍ଯ୍ୟକ୍ରମରେ ସେ ବହୁତ ଆଗରେ ରହିକାର୍ଯ୍ୟକରିଚାଲିଥିଲେ। ଅଠର ମାସ ମଧ୍ୟରେ ଅରବିନ୍ଦ ମହାପାତ୍ର ପାଟକୁରା ଅଂଚଳଜନସାଧାରଣଙ୍କ ବେଶ ପ୍ରିୟପାତ୍ର ହୋଇପାରିଛନ୍ତି। ଦଳ ବିରୋଧିକାର୍ଯ୍ୟ କଲେ ବୋଲି ପାଟକୁରା ଜନ ସାଧାରଣ ଜାଣିପାରିଲେ ନାହିଁ ଅଥଚ ନବୀନ ପଟନାୟକ କିଭଳି ଜାଣିଲେ ବୋଲି ମହିଳା ମାନେ ପ୍ରଶ୍ନ କରିଛନ୍ତି। ସମ୍ଭବତ କୁଚକ୍ରୀ କୋଟେରୀ ଗ୍ରୁପ ପ୍ରରୋଚନାରେ ନବୀନ ପଟନାୟକ ଏଭଳି ଭୁଲ ନିଷ୍ପତିନେଇଛନ୍ତି। ଏଣୁ ବିଜେଡି ସଭାପତି ନବୀନ ପଟନାୟକ ନିଲମ୍ବନ ପ୍ରତ୍ୟାହାର କରନ୍ତୁ ନଚେତ ପ୍ରକୃତ କାରଣ କୁହନ୍ତୁ ବୋଲି ମହିଳା ନେତ୍ରୀମାନେ ନିଜ ନିଜର ବକ୍ତବ୍ୟରେ ଦାବି କରିଥିଲେ। ଯେହେତୁ ସେମାନେ ଜଣେ ଭଲ ବିଧାୟକଙ୍କୁ ପରିଶ୍ରମ କରି ନିର୍ବାଚିତ କରିଛନ୍ତି ସେମାନେ ବିଧାୟକଙ୍କ ସହିତ ଅଛନ୍ତି ଓ ଆଗାମୀ ଦିନରେ ତାଙ୍କ ସହିତ ରହିବେ। ଦରକାର ପଡିଲେ ବିଜେଡିରୁ ସମସ୍ତ ସମ୍ପର୍କ ତୁଟାଇଦେବେ ବୋଲି ମଧ୍ୟ ଖୋଲା ଅଲ୍ଟିମେଟ୍ ଦେଇଥିଲେ। ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜ, ପୂର୍ବତନ ବ୍ଲକ ଅଧକ୍ଷ ବାସୁଦେବ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ଦିଲ୍ଲୀପ ସାହୁ, ବିଧାୟକଙ୍କ ବ୍ଲକ ପ୍ରତିନିଧି କ୍ଷିତୀଶ ଚନ୍ଦ୍ର ଦାସ, ପ୍ରଶାନ୍ତ ସାମନ୍ତରାୟ, ଦିଲ୍ଲୀପ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

### ଆମକୁ ଦଳରେ...

ଦାଗ ସଫା କରିବାର ସବୁ ବ୍ୟବସ୍ଥା କରାଗଲା।'

କିନ୍ତୁ ଏପରି ସମ୍ଭାବନାକୁ ଜଣେ ବିଜେପି ନେତା (ନାମ ଗୋପନ ରଖିବା ସର୍ତ୍ତରେ) ଅସ୍ୱୀକାର କରିଛନ୍ତି। ତାଙ୍କ ମତରେ ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳ ନୀତି ଆପଣେଇଥିବାରୁ କୌଣସି ପରିସ୍ଥିତିରେ ଦାଗୀଙ୍କୁ ସୁରକ୍ଷା ଦେବା ବା ଦଳରେ ମିଶାଇବାର ପ୍ରଶ୍ନ ଉଠୁନାହିଁ। ତେବେ ଦାଗୀଙ୍କ ବ୍ଲାକ୍‌ମେଲିଂ ଅଭିଯାନ ଓ ସରକାରଙ୍କ କାର୍ଯ୍ୟାନୁଷ୍ଠାନରେ ମନ୍ଥର ଗତି ଆଗକୁ କେଉଁ ମୋଡ଼ ନେଉଛି ତାହା ଦେଖିବାର କଥା।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ